ଦ୍ୱିତୀୟ ବର୍ଷ ● ଦ୍ୱିତୀୟ ସଂଖ୍ୟା
ଜାନୁୟାରୀ - ଫେବୃୟାରୀ, ୨୦୧୭



ଶ୍ରୁତିନ୍ୟାସର ମୁଖପତ୍ର

# ଶ୍ରୁତିସୌରଭ

ଆଧ୍ୟାତ୍ମିକ ସାମାଜିକ ବୈଦିକ ପତ୍ରିକା (ଦ୍ୱିମାସିକ)



ଅତିଥିମାନଙ୍କ ଦ୍ୱାରା
କାର୍ଯ୍ୟକ୍ରମର ଉଦ୍‌ଘାଟନ






ବି.ପି.ୟୁ.ଟି. ର କୁଳପତି
ଶ୍ୟାମସୁନ୍ଦର ପଟ୍ଟନାୟକଙ୍କୁ
ସ୍ମୃତିଚିହ୍ନ ପ୍ରଦାନ



ଉପଜିଲ୍ଲାପାଳ ହିମାଂଶୁ ଶେଖର ବେହେରାଙ୍କୁ ସ୍ମୃତିଚିହ୍ନ ପ୍ରଦାନ



ଏନ.ଆଇ.ଟି.ର ନିର୍ଦ୍ଦେଶକ ଅନିମେଷ ବିଶ୍ୱାସଙ୍କୁ ସ୍ମୃତିଚିହ୍ନ ପ୍ରଦାନ

## ଶ୍ରୁତିନ୍ୟାସ ପକ୍ଷରୁ ରାଉରକେଲାର ସିଭିକ୍ ସେଣ୍ଟରଠାରେ ବୈଦିକ ସଂସ୍କୃତି ଆଲୋଚନା





ବାଲିକୁଦାର କଣିଆଠାରେ ସାମବେଦ ପାରାୟଣ ମହାଯଜ୍ଞ



ଯଜ୍ଞରେ ଉପସ୍ଥିତ ଶ୍ରଦ୍ଧାଳୁ



ପୁରାତନ ଛାତ୍ରସଂଘର କର୍ମକର୍ତ୍ତାବୃନ୍ଦ





ରାଇରଙ୍ଗପୁର ହାଇସ୍କୁଲର ପୁରାତନ ଛାତ୍ରସଂଘ ପକ୍ଷରୁ ସ୍ଥାନୀୟ ମହତାବ ଭବନଠାରେ ବେଦ ପ୍ରବଚନ।
ମଞ୍ଚାସୀନ ଏ.ଡି.ଜେ ଜଷ୍ଟିସ୍ ଅରବିନ୍ଦ ଗୁରୁ ଓ ଅଧ୍ୟାପକ ଡଃ. ପ୍ରମୋଦ କୁମାର ମହାନ୍ତ।




ରାଇରଙ୍ଗପୁର ମହାବିଦ୍ୟାଳୟରେ ସ୍ୱାମୀଜୀଙ୍କ ପ୍ରବଚନ



ରାଇରଙ୍ଗପୁର ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ସ୍ୱାମୀଜୀଙ୍କ ମାର୍ଗଦର୍ଶନ

**ସଂ ଶ୍ରୁତେନ ଗମେମହି ମା ଶ୍ରୁତେନ ବି ରାଧିଷି ।** (ଅଥର୍ବ.୧:୧:୪)
**ଆମେ ସର୍ବଦା ବେଦପଥର ପଥିକ ହେଉ, ବେଦପଥରୁ କଦାପି ବିଚ୍ୟୁତ ନ ହେଉ ।**


ଶ୍ରୁତିନ୍ୟାସର ମୁଖପତ୍ର

# ଶ୍ରୁତିସୌରଭ

ଆଧ୍ୟାତ୍ମିକ ସାମାଜିକ ବୈଦିକ ପତ୍ରିକା
(ଦ୍ୱିମାସିକ)



ପ୍ରତିଷ୍ଠାତା
**ସ୍ୱାମୀ ସୁଧାନନ୍ଦ ସରସ୍ୱତୀ**

ସମ୍ପାଦକ
**ପଦ୍ମନାଭ ସ୍ୱାଇଁ**

ସହ ସମ୍ପାଦକ
**ଆନନ୍ଦ ସାମନ୍ତରାୟ**
**ଦୁଷ୍ମନ୍ତ କିଶୋର ସ୍ୱାଇଁ**

ପରିଚାଳନା ମଣ୍ଡଳୀ
**ଇ. କୁମାର ସ୍ୱାମୀ**
**ଦଣ୍ଡପାଣି ମିଶ୍ର**
**ନିମାଇଁ ଚରଣ ସ୍ୱାଇଁ**
**ଗୌରଚନ୍ଦ୍ର ଦାସ**
**ଲଳିତମଞ୍ଜରୀ ଦାସ**



କାର୍ଯ୍ୟାଳୟ
**ଶ୍ରୁତିନ୍ୟାସ**
**ଏଚ୍.ଆଇ.ଜି-୧୫୨, ଫେଜ୍-୭**
**ପୋ- ଶୈଳଶ୍ରୀ ବିହାର, ଭୁବନେଶ୍ୱର-୨୧**
ଦୂ.ଭା.: ୯୩୩୭୧୦୩୭୮୨, ୯୮୬୧୩୫୮୯୭୭
E-mail : shrutisourabha@gmail.com
Website : www.shrutinyasa.org



**Shruti Sourabha**
Spiritual Social Vedic Magazine
Bimonthly
Vol-2, Issue-2, Jan-Feb 2017


## ସୂଚୀପତ୍ର


| | | |
|---|---|---|
| ୦୧. | ଜୀବନ ଜୀଇଁବାର କଳା | ୦୨ |
| ୦୨. | ଦାନୀ ହୁଅ | ୧୩ |
| ୦୩. | ଦୁଃଖର କାରଣ ସ୍ୱ-ସ୍ୱାମୀ-ସମ୍ବନ୍ଧ | ୧୫ |
| ୦୪. | ସତ୍ୟାର୍ଥ ପ୍ରକାଶ | ୧୮ |


## ଏକାତ୍ମତା ସୂତ୍ର

| | | |
|---|---|---|
| ଆମର ଏକ ଧର୍ମ | - | ବୈଦିକ ଧର୍ମ |
| ଆମର ଏକ ମୂଳ ଧର୍ମଗ୍ରନ୍ଥ | - | ବେଦ |
| ଆମର ଏକ ଉପାସ୍ୟ ଦେବ | - | ଓ୩ମ୍ |
| ଆମର ଏକ ଅଭିବାଦନ | - | ନମସ୍ତେ |
| ଆମର ଏକ ଜାତି | - | ମନୁଷ୍ୟ |
| ଆମର ଏକ ସାଂସ୍କୃତିକ ପରିଚୟ | - | ଆର୍ଯ୍ୟ |
| ଆମର ଏକ ଲକ୍ଷ୍ୟ | - | କୃଣ୍ୱନ୍ତୋ ବିଶ୍ୱମାର୍ଯ୍ୟମ୍ |


**ସଦସ୍ୟତା ଶୁଳ୍କ**
ପ୍ରତି ଖଣ୍ଡ : ₹୨୦/-, ବାର୍ଷିକ : ₹୧୦୦/-
ଆଜୀବନ(ଏଗାର ବାର୍ଷିକ): ₹୧୦୦୦/-



ଲେଖାରେ ପ୍ରକଟିତ ବିଚାର ଲେଖକଙ୍କର ନିଜସ୍ୱ । ଏଥି ନିମନ୍ତେ ସମ୍ପାଦକ ଦାୟୀ ନୁହଁନ୍ତି ।

# ଜୀବନ ଜୀଇଁବାର କଳା

ସ୍ୱାମୀ ସୁଧାନନ୍ଦ ସରସ୍ୱତୀ

**ପ୍ର.କ.—** ସ୍ୱାମୀଜୀ ! ଆଜି ଆମେ ଆଲୋଚନା କରିବା ଯେ ଜୀବନ ଜୀଇଁବାର କଳା କ'ଣ ? ଯାହାକୁ କି ଆମେ ଇଂରାଜୀରେ କହୁ - 'What is the ant of living?' ସଂସାରରେ ମଣିଷ କିପରି ଚଳିବା ଉଚିତ ସେ ବିଷୟରେ ବେଦରେ କ'ଣ ଉଲ୍ଲେଖ ଅଛି ?

**ସ୍ୱାମୀଜୀ—** ସଂସାର ସମ୍ପର୍କରେ ଲୋକମାନଙ୍କ ଭିତରେ ମୁଖ୍ୟତଃ ଦୁଇ ପ୍ରକାର ଦୃଷ୍ଟିକୋଣ ଆମକୁ ଦେଖିବାକୁ ମିଳେ । କିଛି ଲୋକଙ୍କର ବିଚାର ହେଲା — "ଏ ସଂସାର ଆମର ଭୋଗ ପାଇଁ ଉଦ୍ଦିଷ୍ଟ । ସଂସାରରେ 'ଖାଅ-ପିଅ-ମଉଜ କର' ଏଇଆ ହିଁ ଜୀବନର ଲକ୍ଷ୍ୟ ।" ଏମାନେ ଖାଇବା ପାଇଁ ବଞ୍ଚନ୍ତି, ବଞ୍ଚିବା ପାଇଁ ଖାଆନ୍ତି ନାହିଁ । ଏମାନେ ବର୍ତ୍ତମାନ-ସର୍ବସ୍ୱ ସ୍ୱଭାବର ଲୋକ । ଏମାନଙ୍କ ବିଚାରରେ ଜୀବନର ସମ୍ପୂର୍ଣ୍ଣ ଆନନ୍ଦ ଯେତେ ଶୀଘ୍ର ସମ୍ଭବ ଭୋଗ କରିନେବା ଉଚିତ । କିଏ ଜାଣେ କାଲି କ'ଣ ହେବ ! ସେମାନେ କହନ୍ତି—

**ଯାବଜ୍ଜୀବେତ୍ ସୁଖଂ ଜୀବେତ୍ ଋଣଂ କୃତ୍ୱା ଘୃତଂ ପିବେତ୍ ।
ଭସ୍ମୀଭୂତସ୍ୟ ଦେହସ୍ୟ ପୁନରାଗମନଂ କୁତଃ ॥**

(ଚାର୍ବାକ୍ ଦର୍ଶନ)

ସଂସାରରେ ଯେତେଦିନ ପର୍ଯ୍ୟନ୍ତ ଆମେ ବଞ୍ଚିଛେ, ଭୋଗ କରି-କରି ବଞ୍ଚିବା, ଆକଣ୍ଠ ମଜ୍ଜିଯିବା ଭୋଗରେ । ଏ ସୁଖରେ ବଞ୍ଚିବା ପାଇଁ ଆମକୁ ଯଦି କାହାଠାରୁ ଋଣ ବି କରିବାକୁ ପଡ଼େ, ତେବେ କରିବା । କାରଣ ଶରୀର ତ ଭସ୍ମ ହୋଇଯିବ । ଆଉ କିଏ କାହାଠୁ ନେବ ନା କିଏ କାହାକୁ ଫେରାଇବ ? ଦେଇଥିବା ଲୋକ ମଲା ପରେ ମାଗିବାକୁ ଆସିବ ନାହିଁ କି ନେବା ଲୋକ ମରିଗଲେ ବି ଦେବାକୁ ପଡ଼ିବ ନାହିଁ । ଏଇଠି କହିବା ବାହୁଲ୍ୟ ଯେ ଏମିତି କଥା କହିଥିବା ଲୋକଙ୍କ ସଂସ୍କାର ବି ଆଜିକାଲିର ଲୋକଙ୍କଠାରୁ ଭଲ ଥିଲା ବୋଧହୁଏ । ତେଣୁ ସେମାନେ 'ଋଣ କରି ଘିଅ ଖାଅ' ବୋଲି କହିଲେ, 'ଋଣ କରି ମଦ ପିଅ' ବୋଲି କହିନାହାନ୍ତି ।

ଏଇ କଥାକୁ ଇଂରାଜୀରେ କୁହାଯାଏ — 'Eat, drink and be merry, whether you beg, borrow or steal'— ଖାଅ-ପିଅ-ମଉଜ କର, ତା' ପାଇଁ ଭିକ ମାଗ କି କରଜ କର କିମ୍ବା ଚୋରି ବି କର ।

ସମାଜ ବିଷୟରେ ଆଉ ଗୋଟିଏ ପ୍ରକାର ଦୃଷ୍ଟିକୋଣ ହେଲା ଯେ ସଂସାର ଦୁଃଖରେ ପରିପୂର୍ଣ୍ଣ—

**ଜନ୍ମଦୁଃଖଂ ଜରାଦୁଃଖଂ ବ୍ୟାଧିଦୁଃଖଂ ପୁନଃ ପୁନଃ ।
ମୃତ୍ୟୁଦୁଃଖଂ ମହାଦୁଃଖଂ ତସ୍ମାଜ୍ଜାଗୃହି ଜାଗୃହି ॥**

ହେ ମନୁଷ୍ୟ ! ଏ ସଂସାରରେ ମନୁଷ୍ୟର ଜନ୍ମଠାରୁ ତା'ର ଦୁଃଖ ଭୋଗ ଆରମ୍ଭ ହୋଇଯାଏ । ଜରା-ବାର୍ଦ୍ଧକ୍ୟରେ ଦୁଃଖ ଅଛି, ବ୍ୟାଧିଗ୍ରସ୍ତ ହୋଇ ଦୁଃଖ ଭୋଗ ହୁଏ, ମୃତ୍ୟୁ ଦୁଃଖ ବି ଅଛି । ବାରମ୍ବାର ଜନ୍ମ ହେବା ଓ ବାରମ୍ବାର ମୃତ୍ୟୁବରଣ କରିବା, ବାରମ୍ବାର ଜନ୍ମ-ମୃତ୍ୟୁ ଚକ୍ରରେ ଘୂରିବୁଲିବା ସବୁ ଦୁଃଖର ମୂଳ । ଯୋଗଦର୍ଶନରେ ମହର୍ଷି ବ୍ୟାସ କହିଲେ —

**ପରିଣାମତାପସଂସ୍କାରଦୁଃଖୈର୍ଗୁଣବୃତ୍ତିବିରୋଧାଚ୍ଚ ଦୁଃଖମେବ ସର୍ବଂ ବିବେକିନଃ ॥** (ଯୋଗ.୨:୧୫)

ବିବେକୀ ବ୍ୟକ୍ତି ବିଚାର କରେ ଯେ ଏ ସଂସାରରେ ୪ ପ୍ରକାର ଦୁଃଖ ଅଛି— ୧. ପରିଣାମ ଦୁଃଖ, ୨. ତାପ ଦୁଃଖ, ୩. ସଂସ୍କାର ଦୁଃଖ ଏବଂ ୪. ଗୁଣବୃତ୍ତିବିରୋଧ ଦୁଃଖ । 'ପରିଣାମ ଦୁଃଖ' ମାନେ କ'ଣ ? 'ଭୋଗ୍ୟ

ପଦାର୍ଥକୁ ଭୋଗ କଲେ ଆମ ମନ ଶାନ୍ତ ହୋଇଯିବ, ଆମେ ତୃପ୍ତ ହୋଇଯିବା'— ଏହା ବିଚାର କରି ଜଣେ ବ୍ୟକ୍ତି କୌଣସି ଏକ ଭୋଗ୍ୟ ପଦାର୍ଥକୁ ଭୋଗ କରେ । କିନ୍ତୁ ଯୋଗଦର୍ଶନର ବ୍ୟାସଭାଷ୍ୟରେ ଋଷି କହୁଛନ୍ତି —

**ନ ଚେନ୍ଦ୍ରିୟାଣାଂ ଭୋଗାଭ୍ୟାସେନ ବୈତୃଷ୍ଣ୍ୟଂ କର୍ତ୍ତୁଂ ଶକ୍ୟମ୍ । କସ୍ମାତ୍ ? ଯତୋ ଭୋଗାଭ୍ୟାସମନୁ ବିବର୍ଦ୍ଧନ୍ତେ ରାଗାଃ ।** (ଯୋଗ. ୨:୧୫ ବ୍ୟାସଭାଷ୍ୟ)

କୌଣସି ଭୋଗ୍ୟ ପଦାର୍ଥକୁ ଭୋଗ କରିବା ଦ୍ୱାରା ଆମର ଭୋଗ କରିବାର ଇଚ୍ଛା ତାତ୍କାଳିକ ରୂପେ, କିଛି ସମୟ ପାଇଁ ତ ଶାନ୍ତ ହୋଇଯାଏ; କିନ୍ତୁ ପୂର୍ଣ୍ଣତଃ ଶାନ୍ତ ହୋଇଯାଏନି । ପରବର୍ତ୍ତୀ ସମୟରେ ଆଉ ଟିକେ ତୀବ୍ର ବେଗରେ ସେ ଇଚ୍ଛା ମନରେ ଜାଗ୍ରତ ହୁଏ । ସେ ଭୋଗ ପ୍ରତି ମନରେ ଆସକ୍ତି ବଢ଼ିଯାଏ । ତା'ର ସ୍ଥିତି କ'ଣ ହୁଏ ସେ କଥାକୁ ଋଷି ବଡ଼ ସୁନ୍ଦର ଦୃଷ୍ଟାନ୍ତ ଦେଇ ବୁଝାଇଲେ—

**ସ ଖଲ୍ୱୟଂ ବୃଶ୍ଚିକବିଷଭୀତ...ଇବାଶୀବିଷେଣ ଦଷ୍ଟଃ !**
(ଯୋଗ. ୨:୧୫ ବ୍ୟାସଭାଷ୍ୟ)

କଙ୍କଡ଼ା ବିଛାର ଦଂଶନକୁ ଭୟ କରି ଜଣେ ଲୋକ ସେ ରାସ୍ତାରେ ନ ଯାଇ ଅନ୍ୟ ରାସ୍ତାରେ ଗଲା, କିନ୍ତୁ ତାକୁ ଏ ରାସ୍ତାରେ ସାପ ମାରିଦେଲା । କଙ୍କଡ଼ା ବିଛା ଯଦି ଦଂଶନ କରିଥାଆନ୍ତା, ତେବେ ଯନ୍ତ୍ରଣା ତ ହୋଇଥାଆନ୍ତା; କିନ୍ତୁ ଅପେକ୍ଷାକୃତ କମ୍, ପ୍ରାଣ ବି ବଞ୍ଚି ଯାଇଥାଆନ୍ତା । କିନ୍ତୁ ନାଗ ସାପ କାମୁଡ଼ିବା ଦ୍ୱାରା ବିଷ ଯନ୍ତ୍ରଣା ବି ଅଧିକ, ମୃତ୍ୟୁ ଆଡ଼କୁ ତୀବ୍ର ବେଗରେ ଅଗ୍ରସର ହେଲା । ସେମିତି ଗୋଟିଏ ପଦାର୍ଥ ଭୋଗ ନ କରିବା ପର୍ଯ୍ୟନ୍ତ ଆମ ଭିତରେ ଯେଉଁ ଅସ୍ଥିରତା ରହୁଛି ଅର୍ଥାତ୍ ଗୋଟିଏ ପଦାର୍ଥ ଖାଇବା ପାଇଁ ଆମର ଇଚ୍ଛା ହେଉଛି, ଆମେ କିନ୍ତୁ ଖାଉନେ । ତେଣୁ ଆମ ମନରେ ସେ ପଦାର୍ଥ ଖାଇବାର ଇଚ୍ଛା ଯୋଗୁଁ ଅସ୍ଥିରତା ଚାଲିଛି । ଏହା କଙ୍କଡ଼ା ବିଛାର ଦଂଶନ ଭଳି ଆମ ମନକୁ ଅସ୍ଥିର କରିଚାଲିଛି । ଆମେ ଭାବୁ ଯେ ସେ ପଦାର୍ଥ ଖାଇଦେଲେ ମନ ସ୍ଥିର ହୋଇଯିବ । କିନ୍ତୁ ଋଷି କହୁଛନ୍ତି —

**ନ ଜାତୁ କାମଃ କାମାନାମୁପଭୋଗେନ ଶାମ୍ୟତି ।**
**ହବିଷା କୃଷ୍ଣବର୍ତ୍ମେବ ଭୂୟ ଏବାଭିବର୍ଦ୍ଧତେ ॥**
(ମନୁ. ୨:୬୯) ।

ଭୋଗ କରିବା ଦ୍ୱାରା ତୁମେ ମନର ଇଚ୍ଛା ରୂପକ ଅଗ୍ନିକୁ ଶାନ୍ତ କଲ ନାହିଁ, ବରଂ ନିଆଁରେ ଘିଅ ପକାଇବା ଭଳି କାମ କଲ । ନିଆଁର ଶିଖାକୁ ଆହୁରି ଉଦ୍ଦୀପ୍ତ କରିଦେଲ ।

କୌଣସି ସ୍ୱାଦିଷ୍ଟ ପଦାର୍ଥ ବିଷୟରେ ଆମେ ଶୁଣିଥିଲେ । ଇଚ୍ଛା ହେଉଥିଲା ଖାଇବାକୁ । ବର୍ତ୍ତମାନ ଥରେ ଚାଖିବା ପରେ ଯେତେବେଳେ ଜାଣିଲେ ଯେ ଏ ପଦାର୍ଥଟି ବାସ୍ତବରେ ସ୍ୱାଦିଷ୍ଟ ସେତେବେଳେ ଖାଇବା ଇଚ୍ଛା ଶାନ୍ତ ହୋଇଯିବନି, ବରଂ ଆହୁରି ଅଧିକ ବଢ଼ିଯିବ । ଏହା ସର୍ପାଘାତର ବିଷ ଭଳି କଙ୍କଡ଼ା ବିଛାର ବିଷଠୁ ତୀବ୍ର । ଆଉ ଗୋଟିଏ କଥା ବି ଋଷି କହୁଛନ୍ତି ଯେ ସ୍ୱାଦ ପଛରେ ପଡ଼ି — **'ବିବର୍ଦ୍ଧନ୍ତେ ... କୌଶଲାନି ଚେନ୍ଦ୍ରିୟାଣାମିତି'** — ବିବିଧ ପ୍ରକାରେ Taste କରିବାର ଇଚ୍ଛା, କୌଶଳ ବଢ଼ିଯାଏ । ମହର୍ଷି ମନୁ ବି କହିଲେ —

**ଯଥା ଯଥା ନିଷେବନ୍ତେ ବିଷୟାନ୍‌ବିଷୟାତ୍ମକାଃ ।**
**ତଥା ତଥା କୁଶଲତା ତେଷାଂ ତେଷୂପଜାୟତେ ॥**
(ମନୁ. ୧୨:୭୩)

ମଣିଷ ଯେତେ-ଯେତେ ଭୋଗ୍ୟ ପଦାର୍ଥକୁ ଭୋଗ କରିଚାଲେ ସେ-ସେ ଭୋଗକୁ ଭୋଗ କରିବାର ତା'ର କୌଶଳ ସେତେ-ସେତେ ବଢ଼ି-ବଢ଼ି ଚାଲେ ।

ଅତଃ ଅସ୍ଥିରତା ବଢ଼ିଲା । ଖାଦ୍ୟ ପଛରେ ଦୌଡ଼ିବାର ପ୍ରବୃତ୍ତି ବଢ଼ିଲା । ଦୁଃଖର ନିବୃତ୍ତି ପାଇଁ ଆରମ୍ଭ କରାଯାଇଥିବା କାର୍ଯ୍ୟ ଦୁଃଖ ସମାପ୍ତ ତ କଲା ନାହିଁ, ବରଂ ପରିଣାମସ୍ୱରୂପ ଦୁଃଖକୁ ବଢ଼ାଇ ଦେଲା । ଇଏ ହେଲା ପ୍ରଥମ ପ୍ରକାର ଦୁଃଖ – 'ପରିଣାମ ଦୁଃଖ ।'

ଦ୍ୱିତୀୟ ପ୍ରକାର ଦୁଃଖ ହେଲା 'ତାପ ଦୁଃଖ' । 'ତାପ ଦୁଃଖ' ମାନେ କ'ଣ ? ଏ ସଂସାରରେ ଯେଉଁ ପଦାର୍ଥ ଆମକୁ ସୁଖକର ଲାଗେ, ଆମେ ଚାହୁଁ ଯେ ସେ ପଦାର୍ଥ

ମୋ ପାଖରେ ଥାଉ । ତାହାଠୁ ମୋତେ ନିରନ୍ତର ସୁଖ ମିଳୁଥାଉ । ସେ ପଦାର୍ଥ ମୋତେ ହରାଇବାକୁ ନ ପଡୁ । ଯଦି ମୋ ଦୋକାନ ଭଲ ଚାଲୁଛି, ଭଲ ଆୟ ହେଉଛି, ତେବେ ମୁଁ ଚାହିଁବି ଯେ ଏ ଆୟ ନିରନ୍ତର ହେଉଥାଉ, ଏଥିରେ ବିଘ୍ନ ସୃଷ୍ଟି ନ ହେଉ, ଆଉ କେହି ଏ ପ୍ରକାର ଜିନିଷର ଦୋକାନ ଏ ଆଖ-ପାଖରେ ନ କରନ୍ତୁ । ମନେକର, ମୁଁ ଯେଉଁ ଜିନିଷ ବିକ୍ରିର ଦୋକାନ କରିଛି, ଆଉ ଜଣେ ବି ସେଭଳି ଦୋକାନ କଲା । ତେବେ ତା' ଦୋକାନକୁ କେମିତି ଗରାଖ ନ ଯିବେ, ତା' ଦୋକାନ କେମିତି ବନ୍ଦ ହେବ, ତା'ର କେମିତି କ୍ଷତି ହେବ ସେ ଚିନ୍ତା ଜନିତ ଅସ୍ଥିରତା ଲାଗି ରହେ । ଏସବୁ 'ତାପ ଦୁଃଖ' । ସମାନ ବୃତ୍ତିରେ ଅନ୍ୟ ଜଣେ ଆସିଲେ ଆମ ଆୟ କମିବାର, ସମ୍ମାନ କମିବାର ଚିନ୍ତା, ଚାପ, ଅସ୍ଥିରତା ତଥା ତାକୁ ହଟାଇବାକୁ ଯେତେ ଯୋଜନା ନିର୍ଦ୍ଧାରଣ, ଏସବୁ 'ତାପ ଦୁଃଖ' ।

ଆମେ ଚାକିରୀ, ବ୍ୟବସାୟ ଆଦି କଲେ । ବହୁ ପରିଶ୍ରମ କଲେ । ବହୁ ଅର୍ଥ ଉପାର୍ଜନ କଲେ । ଆମେ ବର୍ତ୍ତମାନ ଚାହୁଁଛେ ଯେ ଯାହା ଅର୍ଥ ଆମ ପାଖକୁ ଆସିଛି ସେଥିରୁ ପାଞ୍ଚ ପଇସା ବି ନ ଯାଉ । ଆମକୁ ଆୟକର (Income Tax) ଦେବାକୁ ନ ପଡୁ, ବିକ୍ରି କର ଦେବାକୁ ନ ପଡୁ ଇତ୍ୟାଦି । ବିକ୍ରି କର ଫାଙ୍କିବା, ଆୟ କର ଫାଙ୍କିବା, ସେବା କର ଫାଙ୍କିବା ଆଦି ପାଇଁ ଆମେ ଯେଉଁ ରାତି-ଦିନ ଚିନ୍ତା କରୁଛେ, କେତେ ଉପାୟ ଖୋଜୁଛେ, କେଉଁ Chartered Accountant ଙ୍କ ପାଖକୁ ଯିବା, କେଉଁ ବିତ୍ତୀୟ ପରାମର୍ଶଦାତା (Financial Colsultant) ଙ୍କୁ ପରାମର୍ଶ କରିବା, କିଏ ଗଳାବାଟ ବତାଇଦେବ, କେମିତି ଧରାନପଡ଼ିବା ଭଳି ଭୁଲ୍ Income Tax Return ଦାଖଲ କରିବା, ଯଦି କେବେ ବିଭାଗୀୟ Raid ହୁଏ ସେଥିରୁ କେମିତି ମୁକୁଳିବା, ତା' ପାଇଁ ଯେଉଁ ଚିନ୍ତା, ଚାପ, ଅସ୍ଥିରତା ଏସବୁ 'ତାପ ଦୁଃଖ' । ଆମ ପାଖରେ ସବୁଠୁ ଭଲ ବସ୍ତ୍ର, ଗହଣା, ଘର, ଗାଡ଼ି, ଆସବାବପତ୍ର ଥିଲା । ଆମକୁ ସବୁଠୁ ଅଧିକ ସମ୍ମାନ ମିଳୁଥିଲା, ସନ୍ତୋଷ ମିଳୁଥିଲା । ଅନ୍ୟ କାହାର ଆମଠୁ ଭଲ ଆସବାବପତ୍ର ହୋଇଗଲାଣି, ଘର ହୋଇଗଲାଣି, ଗାଡ଼ି ହୋଇଗଲାଣି । ସମାଜରେ କାଳେ ଆମ ସମ୍ମାନ କମିଯିବ, ଅନ୍ୟକୁ ଆମଠୁ ବେଶି ସମ୍ମାନ ମିଳିଯିବ ତା' ପାଇଁ ଚିନ୍ତାଗ୍ରସ୍ତ ରହିବା – ଏସବୁ 'ତାପ ଦୁଃଖ'ର ଅନ୍ତର୍ଗତ ।

ବର୍ତ୍ତମାନ ବିଚାର କରିବା 'ସଂସ୍କାର ଦୁଃଖ' କ'ଣ ? ଆମେ କୌଣସି ପଦାର୍ଥ ଭୋଗ କଲେ । ସୁଖ ଲାଗିଲା । ପୁଣି ଇଚ୍ଛା ହେଲା । ଫେରେ ଭୋଗ କଲେ । ବାରମ୍ବାର ଭୋଗ କଲେ । ସେଥିପ୍ରତି ଆସକ୍ତ (Addicted) ହୋଇଗଲେ । ନ ମିଳିଲେ ଛଟପଟ ଲାଗିଲା । ପୂର୍ବରୁ ଭୋଗ କରିଥିବା ପଦାର୍ଥର ସୁଖପ୍ରଦ ସଂସ୍କାର ଆମକୁ ବିଚଳିତ କଲା । ପଦାର୍ଥର ଅନୁପଲବ୍ଧି ହେଉ କି ଆର୍ଥିକ ଅସ୍ୱଚ୍ଛଳତା ହେଉ କିମ୍ବା ଶାରୀରିକ ଅସାମର୍ଥ୍ୟ ହେଉ କୌଣସି କାରଣରୁ ଏବେ ଭୋଗ କରିପାରୁନାହେଁ, ଅଥଚ ଇଚ୍ଛା ତୀବ୍ର ହେଉଛି, ଆମକୁ ଅସ୍ଥିର କରୁଛି । ଏ ଯେଉଁ ଦୁଃଖ ପୂର୍ବ ସଂସ୍କାର କାରଣରୁ ହେଲା ଏହା 'ସଂସ୍କାର ଦୁଃଖ' ।

ଚତୁର୍ଥ ପ୍ରକାର ଦୁଃଖ ହେଉଛି 'ଗୁଣବୃତ୍ତିବିରୋଧ ଦୁଃଖ ।' ଆମ ଚିତ୍ତ ବା ମନ ତିନୋଟି ଗୁଣ ବା ଦ୍ରବ୍ୟରେ ତିଆରି – ସତ୍ତ୍ୱ, ରଜଃ, ତମଃ । ପ୍ରତ୍ୟେକ ଗୁଣର ନିଜସ୍ୱ ସ୍ୱଭାବ ଅଛି । ସତ୍ତ୍ୱ ଗୁଣର ସୁଖ, ଶାନ୍ତି, ସନ୍ତୋଷ; ରଜଃର ଅସ୍ଥିରତା, ଅସନ୍ତୋଷ ଏବଂ ତମଃର ଆଳସ୍ୟ, ନିଦ୍ରା, ଅଜ୍ଞାନ ଆଦି । ଆମ ମନରେ ଯେତେବେଳେ ଯେଉଁ ଗୁଣର ପ୍ରାବଲ୍ୟ ହୁଏ ଆମେ ତଦନୁସାରେ କ୍ରିୟା କରୁ । ଆମେ ଚାହିଁଲେ ବୁଦ୍ଧି-ବିବେକ ପ୍ରୟୋଗ କରି ଚିତ୍ତରେ ଗୁଣର ସ୍ଥିତିକୁ ବଦଳାଇପାରିବା । କିନ୍ତୁ ତା' ପାଇଁ ମନର ଦୁଇ ଗୁଣର ବିଚାର ଭିତରେ ଯେଉଁ ସଂଘର୍ଷ ହୁଏ, ଦୃଢ଼ ବିବେକ ଅଭାବରୁ ଏଥିପାଇଁ ଆମକୁ ଯେଉଁ ଦୁଃଖ ଭୋଗ କରିବାକୁ ପଡ଼େ ତାକୁ 'ଗୁଣବୃତ୍ତିବିରୋଧ ଦୁଃଖ' କୁହାଯାଏ । ମନେକର ଜଣେ ବ୍ୟକ୍ତି ଆମିଷାଶୀ ଅଟନ୍ତି । ଆମିଷ ସ୍ୱାସ୍ଥ୍ୟ ପାଇଁ ଉତ୍କୃଷ୍ଟ ଭାବି ବା ଜିହ୍ୱାଲାଳସାର ବଶବର୍ତ୍ତୀ ହୋଇ ସେ ଆମିଷ ଖାଉଛନ୍ତି । ବର୍ତ୍ତମାନ ସେ କୌଣସି ପ୍ରବଚନରେ ଶୁଣିଲେ ଅଥବା ପୁସ୍ତକରୁ ପଢ଼ିଲେ ଯେ ଆମିଷ ମନୁଷ୍ୟର ସ୍ୱାଭାବିକ ଭୋଜନ ନୁହେଁ । ଆମିଷ ଅମେଧ ଦ୍ରବ୍ୟ । ଭୁଲ୍ ଅଭ୍ୟାସର ବଶବର୍ତ୍ତୀ ହୋଇ ମନୁଷ୍ୟ ଆମିଷ ଖାଇଚାଲିଛି ।

କୌଣସି ପ୍ରାଣୀକୁ ହତ୍ୟା କଲେ ହିଁ ମାଂସାଦି ଖାଇବାକୁ ମିଳେ । ଏଣୁ ଆମିଷ ଖାଉଥିବା ବ୍ୟକ୍ତି ମଧ୍ୟ ପ୍ରାଣୀ-ହତ୍ୟାର ୮ ଜଣ ଘାତକ ମଧ୍ୟରୁ ଜଣେ । ଆମିଷ ଖାଇବା ଲୋକଙ୍କୁ ବି ପ୍ରାଣୀହତ୍ୟାର କିଛି ପାପ ମିଳେ । ସଂସ୍କାର ବି ଖରାପ ହୁଏ । କର୍ମଫଳ ରୂପେ ଅବଶ୍ୟ ଦୁଃଖ ଭୋଗିବାକୁ ପଡ଼େ । ତା' ପରେ ସେ ଆଉ ଆମିଷ ନ ଖାଇବାକୁ ସ୍ଥିର କଲେ । ଆଜି ପର୍ଯ୍ୟନ୍ତ ଖାଉଥିଲେ । ମନରେ ଆମିଷ ଖାଇବା ସଂସ୍କାର ଦୃଢ଼ ଭାବରେ ଅଛି । ଏବେ ମାସେ-ପନ୍ଦର ଦିନ ହେବ ଆଉ ଆମିଷ ଖାଉନାହାନ୍ତି । ନ ଖାଇବା ସଂସ୍କାର, ବିଚାର ବିଶେଷ ଦୃଢ଼ ହୋଇନାହିଁ । ମନେକର ତାଙ୍କ ଅଫିସ୍‌ରେ ଆଜି ଗୋଟିଏ ଭୋଜି ହେଉଛି । ପୂର୍ବରୁ ଅଫିସ୍‌ରେ ଯେତେ ଭୋଜି ହେଉଥିଲା, ଏଇ ବ୍ୟକ୍ତି ଜଣକ ତା'ର ପ୍ରଥମ ଉଦ୍ୟୋକ୍ତା ରହୁଥିଲେ । ଇଏ ହିଁ ନିୟମ କରିଥିଲେ- ଆମିଷ ନାହିଁ ତ ଭୋଜି ନାହିଁ । ସବୁ ବ୍ୟବସ୍ଥା କରୁଥିଲେ ଯେ ଭଲ ଖାସି ମାଂସ କେଉଁଠୁ ଆସିବ, ଭଲ ଚିକେନ୍ କେଉଁଠୁ ଆସିବ ଇତ୍ୟାଦି । ଏଥିପାଇଁ ସେ ସକାଳୁ-ସକାଳୁ ଯାଇ ମାଂସ ଦୋକାନରେ, ଚିକେନ୍ ଦୋକାନରେ ଲାଇନ୍ ଲଗାଉଥିଲେ । ଏବେ ମାସେ-ପନ୍ଦର ଦିନ ହେଲା ଆମିଷ ଛାଡ଼ି ଦେଇଛନ୍ତି । ଆଜି ଯେତେବେଳେ ଭୋଜିରେ ଚିକେନ୍ ହୋଇଛି ଓ ସମସ୍ତଙ୍କ ପାଇଁ ବଢ଼ା ହେଉଛି, ତାଙ୍କ ଭିତରେ ବଡ଼ ଦ୍ୱନ୍ଦ୍ୱ ଚାଲୁଛି । ଯେତେବେଳେ ରଜୋଗୁଣ ପ୍ରବଳ ହେଉଛି ମନରେ ବିଚାର ଆସୁଛି ଯେ 'ଆଜି ଦିନଟା ଖାଇଦେବା, କାଲିଠୁ ଛାଡ଼ିଦେବା ।' ପର ମୁହୂର୍ତ୍ତରେ ଯେତେବେଳେ ସତ୍ତ୍ୱଗୁଣ ଅଧିକ ହେଉଛି ସେତେବେଳେ ଭାବନା ଆସୁଛି ଯେ 'ପାଟିରୁ ପେଟକୁ ଚାଲିଗଲେ ତ ଚିକେନ୍‌ର ଆଉ କୌଣସି ସ୍ୱାଦ ନାହିଁ । ଗୋଟିଏ ମୁହୂର୍ତ୍ତର ସ୍ୱାଦ ପାଇଁ କାହିଁକି ଅଯଥା ଦୁଃଖ କର୍ମଫଳ ଭୋଗିବା କାମ କରିବି ?' ଯେତେବେଳେ ସାଥି-ସହକର୍ମୀମାନେ କହୁଛନ୍ତି ଯେ — 'ହଁ ମ, ଆଜିଟା ଖାଇଦିଅ । କାଲି ପର୍ଯ୍ୟନ୍ତ ତ ଖାଉଥିଲ । ଆଉ ଗୋଟିଏ ଥର ଖାଇଦେଲେ ଏମିତି କେତେ ପାପ ହୋଇଯିବ ! ମନରେ ରଜୋଗୁଣ ଜାଗ୍ରତ ହୋଇ ପୁଣି ଇଚ୍ଛା ହେଉଛି ଖାଇବା ପାଇଁ । ପୁଣି ଏପଟେ ପ୍ରବଚନର ସଂକଳ୍ପ ମନେ ପଡ଼ିଲେ ସାତ୍ତ୍ୱିକ ଭାବନା ଆସୁଛି ନ ଖାଇବା ପାଇଁ । ସତ୍ତ୍ୱଗୁଣ-ରଜୋଗୁଣର ନ୍ୟୂନ-ଆଧିକ୍ୟର ଆଧାରରେ 'ଖାଇଦେବି-ଖାଇବି ନାହିଁ' ର ଏ ଯେଉଁ ଦ୍ୱନ୍ଦ୍ୱ, ସଂଘର୍ଷ ମନରେ ଚାଲୁଛି ଏହାକୁ କୁହାଯାଏ 'ଗୁଣବୃତ୍ତି ବିରୋଧ ଦୁଃଖ' । ସଂସାରର ସବୁ କ୍ଷେତ୍ରରେ ଏଭଳି ସତ୍ତ୍ୱ-ରଜଃ ଆଦି ଗୁଣ ଆଧାରରେ ମନରେ ଦ୍ୱନ୍ଦ୍ୱ ଆସେ । ଏଇଭଳି ଭାବେ ଋଷି କହୁଛନ୍ତି ଯେ ସାଂସାରିକ ଭୋଗ ପଛରେ ଭିନ୍ନ-ଭିନ୍ନ ପ୍ରକାର ଦୁଃଖ ଲୁଚି ରହିଛି ।

**ପ୍ର.କ.—** ସ୍ୱାମୀଜୀ ! ଆପଣ କହିଲେ ଯେ ମନୁଷ୍ୟ ଜନ୍ମ ହେବାଠାରୁ ତା'ର ଦୁଃଖ ଆରମ୍ଭ ହୁଏ । ବ୍ୟାଧି ହେଲେ ଦୁଃଖ, ଜରାଗ୍ରସ୍ତ ହେଲେ ଦୁଃଖ । ତା' ହେଲେ ପୃଥିବୀଟା କ'ଣ ସତରେ କେବଳ ଦୁଃଖରେ ହିଁ ଭର୍ତ୍ତି ହୋଇଛି ?

**ସ୍ୱାମୀଜୀ —** ନା, ନା ! ମୁଁ ଯୋଗଦର୍ଶନକାରଙ୍କ ଯେଉଁ ବିଚାର ଉପସ୍ଥାପନ କଲି ତାହାର ଗଭୀରତାକୁ ଗଲେ ତାଙ୍କ ଆଶୟ ସ୍ପଷ୍ଟ ବୁଝିହେବ । ସଂସାରରେ ଦୁଃଖ ଅଛି; କିନ୍ତୁ କେବଳ ଦୁଃଖ ହିଁ ଅଛି, ସୁଖ ଆଦୌ ନାହିଁ ଏକଥା ଯୋଗଦର୍ଶନକାର ବି କହୁନାହାନ୍ତି । ସଂସାରଟା କେବଳ ଦୁଃଖପୂର୍ଣ୍ଣ ନୁହେଁ । କାହିଁକି ? କାରଣ ପରମାତ୍ମା ଏ ସଂସାର ତିଆରି କରିଛନ୍ତି । ଭଗବାନ କ'ଣ ଚାହାନ୍ତି କି ଆମର ଅମଙ୍ଗଳ ହେଉ, କେବଳ ଆମକୁ ଦୁଃଖ ମିଳୁ ? ଈଶ୍ୱର ମଙ୍ଗଳମୟ ନା ଅମଙ୍ଗଳମୟ ? ଆନନ୍ଦସ୍ୱରୂପ ନା ଦୁଃଖସ୍ୱରୂପ ?

**ପ୍ର.କ.—** ମଙ୍ଗଳମୟ । ଆନନ୍ଦସ୍ୱରୂପ ।

**ସ୍ୱାମୀଜୀ —** ଠିକ୍ । ଈଶ୍ୱର ମଙ୍ଗଳମୟ । ତେଣୁ ଆମେ ତାଙ୍କୁ 'ଶିବ' ବୋଲି କହୁ । 'ଶିବ' ଶବ୍ଦର ଅର୍ଥ ହେଲା 'କଲ୍ୟାଣସ୍ୱରୂପ' । ପରମାତ୍ମା ଜୀବାତ୍ମାର କଲ୍ୟାଣ ଚାହାନ୍ତି । ଯେହେତୁ ଭଗବାନ ଜୀବର କଲ୍ୟାଣ ଚାହାନ୍ତି, ସେ ଆନନ୍ଦସ୍ୱରୂପ ମଧ୍ୟ, ସେ ଏହି ସଂସାର ତିଆରି କରିଛନ୍ତି, ତେଣୁ କେବଳ ଦୁଃଖ ଦେବା ପାଇଁ ଏ ସଂସାର କେବେ ବି କରିନଥିବେ । ଜୀବାତ୍ମାର କଲ୍ୟାଣ ସାଧନ ହିଁ ଏ ସୃଷ୍ଟି ପଛରେ ପରମାତ୍ମାଙ୍କର ଥିବ । ଯଦି ସଂସାରରେ କେବଳ ଦୁଃଖ ଥାଆନ୍ତା, ସୁଖ କେଉଁଠି ବି କାଣିଚାଏ ବି ନଥାନ୍ତା, ସଂସାରରୁ ଜୀବକୁ କେବଳ ଦୁଃଖ ହିଁ ମିଳୁଥାନ୍ତା, ତେବେ

ଆନନ୍ଦସ୍ୱରୂପ ପରମାତ୍ମା କେବେ ବି ଦୁଃଖରୂପ ସଂସାର ତିଆରି କରି ନଥାନ୍ତେ। ଦ୍ୱିତୀୟ କଥା ହେଲା ଆମେ ଜାଣିଛେ ଯେ କୌଣସି ବି ସ୍ଥାନରୁ ସୁଖ ପ୍ରାପ୍ତି ହେବାର ଜାଣିଲେ ହିଁ ସେଥିପ୍ରତି ଆମର ପ୍ରବୃତ୍ତି ହୁଏ ଏବଂ ଦୁଃଖ ପ୍ରାପ୍ତି ହେବାର ଜାଣିଲେ ଆମେ ସେଥିରୁ ନିବୃତ୍ତ ହୋଇଥାଉ। ଆମେ ସଂସାର ପ୍ରତି ଜୀବାତ୍ମାମାନଙ୍କର ପ୍ରବୃତ୍ତି ବି ଦେଖୁଛେ। ଯଦି ସଂସାରରେ କେବଳ ଦୁଃଖ ଥାଆନ୍ତା, ତେବେ କୌଣସି ଜୀବାତ୍ମାର ସଂସାର ପ୍ରତି ପ୍ରବୃତ୍ତି, ଆସକ୍ତି, ଅଭିରୁଚି ନଥାନ୍ତା। ଆମେ ଦେଖୁଛେ ଯେ ଶ୍ରମିକଟିଏ ଭୟଙ୍କର ଟାଣ ଖରାରେ ବି କାମ କରୁଛି। କାହିଁକି କାମ କରୁଛି ?

**ପ୍ର.କ.—** ମଜୁରୀ ପାଇବ ବୋଲି, ମଜୁରୀ ଆଶାରେ କରୁଛି।

**ସ୍ୱାମୀଜୀ —** ଟାଣ ଖରାରେ ଦୁଃଖ ଅନୁଭବ ହେଉଥିଲେ ବି ଜଣେ ମଜୁରୀ ପାଇଁ କାମ କରୁଛି। ଆମେ ଦେଖିଥିବା ଯେ, କାରଖାନାମାନଙ୍କରେ କର୍ମଚାରୀମାନେ Coke Oven, Blast Furnace, Boiler ଆଦିରେ ବହୁ ଉତ୍ତାପ ଥିବା ଅଞ୍ଚଳରେ ମଧ୍ୟ କାମ କରୁଛନ୍ତି। କାହିଁକି କାମ କରୁଛନ୍ତି ?

**ପ୍ର.କ.—** ଦରମା ମିଳିବ, ପଇସା ମିଳିବ। ପଇସା ମିଳିଲେ ସେମାନଙ୍କ ଜୀବନର ଆବଶ୍ୟକତା ମେଣ୍ଟିବ ବୋଲି।

**ସ୍ୱାମୀଜୀ —** କାମ ସମୟରେ ଦୁଃଖ ମିଳୁଥିଲେ ବି ସେଥିରୁ ଉପାର୍ଜିତ ଅର୍ଥରେ ସୁଖ ମିଳିବ ବୋଲି। ଜଣେ ଲୋକ ବଢ଼ିଆ ନରମ ଗଦିରେ ଶୋଉଛି। ଯଦି ଗଦିରେ ଶୋଇଲେ କଣ୍ଟା-ଶେଯରେ ଶୋଇଲା ଭଳି ଲାଗୁଥାନ୍ତା, ଯଦି କେବଳ ଦୁଃଖ ମିଳୁଥାଆନ୍ତା, ତେବେ ସେ ଗଦିରେ କାହିଁକି ଶୁଅନ୍ତା ? ତଳେ ଭୂଇଁରେ କାହିଁକି ଶୁଅନ୍ତା ନାହିଁ ? ଏ କଥା ବି ସତ ଯେ ହୁଏତ ନରମ ଗଦିରେ ଶୋଇବା ଦ୍ୱାରା ପରବର୍ତ୍ତୀ ସମୟରେ ତା'ର ଅଣ୍ଟାବ୍ୟଥା, ପିଠିବ୍ୟଥା ହୋଇପାରେ; କିନ୍ତୁ ଏବେ ତ ସୁଖ ମିଳୁଛି। ଅନେକ ସମୟରେ ଦେଖାଯାଏ ଯେ ଯଦି ଜଣକୁ ମଧୁମେହ ହୋଇଛି। ପରିବାର ଲୋକେ କହୁଛନ୍ତି ବିନା ମିଠାରେ ଖିରି ଖାଅ ବୋଲି। ସେ କହୁଛି ଯେ, ଟିକିଏ ମିଠା ପକେଇକି ଦିଅ। ମିଠା ତାକୁ ଯଦି ପାଟିକୁ ଖରାପ ଲାଗୁଥାଆନ୍ତା, ପିତା ପରି ଲାଗୁଥାଆନ୍ତା, ତେବେ ସେ କେବେ ବି ଦିଅ ବୋଲି କହିନଥାନ୍ତା। ଏକଥା ସତ୍ୟ ଯେ ମିଠା ଖାଇବା ଦ୍ୱାରା ତା'ର ହାନି ହେଉଛି, କିନ୍ତୁ ଏକଥା ବି ସତ୍ୟ ଯେ ପାଟିକୁ ତ ସୁଖ ଲାଗୁଛି।

ଅତଃ ସଂସାରରେ କେବଳ ଦୁଃଖ ନାହିଁ। ଯଦି ସଂସାରରେ କେବଳ ଦୁଃଖ ହିଁ ଦୁଃଖ ଥାଆନ୍ତା, ତେବେ ସଂସାର ପ୍ରତି କାହାରି ବି ଆସକ୍ତି, ଅଭିରୁଚି ନଥାନ୍ତା। କିନ୍ତୁ ଆମେ ଦେଖୁଛେ ଯେ ମଣିଷ ଅଧିକରୁ ଅଧିକ କାଳ ପର୍ଯ୍ୟନ୍ତ ସାଂସାରିକ ପଦାର୍ଥର ଉପଭୋଗ କରିବା ନିମନ୍ତେ ନିଜ ଆୟୁଷ ବଢ଼ାଇବା, ଶରୀରକୁ ସୁସ୍ଥ ରଖିବା ତଥା ସୁଖ ଭୋଗର ସାମଗ୍ରୀ ଏକତ୍ରିତ କରିବାର ଆବଶ୍ୟକ ସାଧନ-ଉପାୟ ଚିନ୍ତନରେ ପ୍ରବୃତ୍ତ ରହୁଛି। ମରଣାସନ୍ନ ସ୍ଥିତି ଜାଣିଲେ ମଧ୍ୟ ଆଉ କିଛି କାଳ ବଞ୍ଚିରହିବା ପାଇଁ ପାଣି ଭଳି ଅର୍ଥ ବ୍ୟୟ କରୁଛି। ମଣିଷ **'ଜୀବେମ ଶରଦଃ ଶତମ୍'** ରେ ସନ୍ତୁଷ୍ଟ ନ ରହି **'ଭୂୟଶ୍ଚ ଶରଦଃ ଶତାତ୍'-** ଶହେ ବର୍ଷରୁ ବି ଅଧିକ ଜୀଇଁବାର କାମନା କରୁଛି। ଯଦି ସଂସାରରେ କେବଳ ଦୁଃଖ ଥାଆନ୍ତା ତେବେ ଏମିତି କାହିଁକି ହାଇଥାନ୍ତା ? ଯଦି ଜୀବନଟା ଦୁଃଖ ହିଁ ଦୁଃଖ, ସଂସାରଟା ଦୁଃଖ ହିଁ ଦୁଃଖ, ତେବେ ମଣିଷ ଅଧିକ ଦିନ ବଞ୍ଚିବା ପାଇଁ ହିଁ ଚାହାନ୍ତାନି।

**ପ୍ର.କ.—** ଠିକ୍! ଯଦି ସଂସାରରେ କେବଳ ଦୁଃଖ ଥାଆନ୍ତା ମଣିଷ ଶୀଘ୍ର ମରିବାକୁ ଚାହିଁଥାନ୍ତା। ଜୀବନ ରକ୍ଷା ପାଇଁ ଏତେ ଔଷଧର ଉଦ୍‌ଭାବନ ହୋଇନଥାନ୍ତା।

**ସ୍ୱାମୀଜୀ —** ଅତଏବ ଗୋଟିଏ ଦୃଷ୍ଟିକୋଣ ହେଲା ଯେ ଏ ସଂସାର ଭୋଗର ଆଳୟ। ଏହାକୁ ମନଭରି ଭୋଗ। ଏହାକୁ କୁହାଯାଏ ଭୋଗମାର୍ଗ। ଆଉ ଗୋଟିଏ ଦୃଷ୍ଟିକୋଣ ହେଲା ଯେ ବିବେକୀ ବ୍ୟକ୍ତି ପାଇଁ ଏ ସଂସାରରେ ଦୁଃଖ ହିଁ ଦୁଃଖ ଅଛି। ଏହାକୁ ସୁଖପ୍ରଦ ଦୃଷ୍ଟିରେ ଦେଖିବା ଅନୁଚିତ। ମହର୍ଷି ପତଞ୍ଜଳି କହିଲେ ଯେ, ଏହାକୁ ଭୋଗ କରି ପୂର୍ଣ୍ଣମନୋରଥ ହୋଇଯିବ ବୋଲି ବିଚାର କରିବା

ଅନୁଚିତ । ଏକଥା ତ ଠିକ୍ । କିନ୍ତୁ କିଛି ଅତିବାଦୀ ଲୋକ ମହର୍ଷିଙ୍କ କଥା ଠିକ୍ ରୂପେ ନ ବୁଝି କହିଲେ ଯେ ସଂସାରକୁ ଭୋଗ ନାହିଁ, ସଂସାରରୁ ଭାଗ, ପଳାୟନ କର । ସଂସାରରେ କିଛି ବି କର୍ମ କଲେ ବନ୍ଧନରେ ପଡ଼ିଯିବ । କିଛି ବ୍ୟକ୍ତି ଅନାବଶ୍ୟକ ରୂପେ ଶରୀରକୁ ଦୁଃଖ ଦେଇ ଚାଲିଲେ, କ୍ଷୁଧା ତୃଷାରେ ଅଯଥା ସନ୍ତପ୍ତ କଲେ । ଆଉ କିଛି କେବଳ ସଂସାରରୁ ଖାଇ ବସିରହିଲେ । ସଂସାର ପ୍ରତି କୌଣସି ଦାୟିତ୍ୱ ସଂପାଦନ ନ କରିବା, ଶରୀରକୁ ଅଯଥା କଷ୍ଟ ଦେବା କି ସମାଜରୁ ଖାଇ ନିକମା ହୋଇ ବସି ରହିବାର ନାମ ବାସ୍ତବରେ ତ୍ୟାଗମାର୍ଗ ନୁହେଁ ।

ଏ ସଂସାର ପ୍ରତି ଲୋକଙ୍କ ଦୃଷ୍ଟିକୋଣ ବିଷୟରେ ତ ମୁଁ କହୁଥିଲି ଯେ କିଏ ଏହାକୁ ଭୋଗ୍ୟ ଭାବରେ ଦେଖନ୍ତି ତ କିଏ ତ୍ୟାଜ୍ୟ ଭାବରେ । କିନ୍ତୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେ **ସଂସାର ପୂର୍ଣ୍ଣତଃ ଭୋଗ୍ୟ ନୁହେଁ କି ପୂର୍ଣ୍ଣତଃ ତ୍ୟାଜ୍ୟ ନୁହେଁ । ସଂସାରରେ ଭୋଗରେ ଆକଣ୍ଠ ମଜ୍ଜିଯିବା ଉଚିତ ନୁହେଁ କି ସଂସାରରୁ ପଳାୟନ କରିବା ବୁଦ୍ଧିମତ୍ତା ନୁହେଁ । ସଂସାରଟା କେବଳ ସୁଖର ନନ୍ଦନକାନନ ନୁହେଁ କି କେବଳ କଣ୍ଟକାକୀର୍ଣ୍ଣ ଅରଣ୍ୟ ନୁହେଁ । ଏଇଠି କଣ୍ଟା ବି ଅଛି, ଫୁଲ ବି ଅଛି । ସୁଖ ବି ଅଛି, ଦୁଃଖ ବି ଅଛି ।** ବିବେକୀ ବ୍ୟକ୍ତି ପାଇଁ ସଂସାରଟା ଦୁଃଖମୟ ବୋଲି ଯୋଗଦର୍ଶନକାର ଋଷି ଯେଉଁ କଥା କହିଲେ ତା'ର ଉଦ୍ଦେଶ୍ୟ ହେଲା ସଂସାରକୁ ଆସକ୍ତି ଦୃଷ୍ଟିରେ ନ ଦେଖି ସଂସାର ସହ କର୍ତ୍ତବ୍ୟ ଭାବନାରେ ବ୍ୟବହାର କରିବା, ସଂସାରରୁ ପଳାୟନ କରିବା ଉଦ୍ଦେଶ୍ୟରେ ନୁହେଁ ।

**ପ୍ର.କ.—** ଆଚ୍ଛା, ସ୍ୱାମୀଜୀ ! ଭଗବାନ ତ ଯାହା ଚାହିଁବେ ତାହା କରିପାରିବେ, ତାଙ୍କ ହାତରେ ସବୁ କିଛି ଅଛି । ସେ ଚାହିଁଲେ ବାତ୍ୟା ଆସିବ, ଅନାବୃଷ୍ଟି ହେବ, ସେ ଚାହିଁଲେ ଆମର ଫସଲ ଭଲ ହୋଇପାରିବ ! କିନ୍ତୁ ଆମେ ଦେଖୁଛେ ଯେ ଆପଣଙ୍କ କହିଲା ଭଳି ଆମ ପୃଥିବୀଟା ସୁଖ-ଦୁଃଖର ଗୋଟିଏ ସମ୍ମିଶ୍ରଣ । ଭଗବାନ ଚାହିଁଥିଲେ ତ ସମସ୍ତଙ୍କୁ ସୁଖୀ କରିପାରିଥାଆନ୍ତେ । ସଂସାରରେ ଜରା-ବ୍ୟାଧି, ଦୁଃଖ-ଶୋକ ନ ଥାନ୍ତା, ଅଜ୍ଞାନ ନ ଥାନ୍ତା, ସମସ୍ତେ ଜ୍ଞାନୀ-ଗୁଣୀ-ଭଲ ସ୍ୱଭାବର ହୋଇପାରିଥାଆନ୍ତେ । କିନ୍ତୁ ଭଗବାନ କ'ଣ ପାଇଁ ଏମିତି ସୁଖ-ଦୁଃଖ ମିଶାଇ ପୃଥିବୀକୁ ତିଆରି କଲେ ?

**ସ୍ୱାମୀଜୀ —** ଆଚ୍ଛା ! ମୁଁ ଗୋଟିଏ କଥା ତୁମକୁ ପଚାରୁଛି । ଜଣେ ରୋଷେଇଆ ଯେତେ ଭଲ ରୋଷେଇ ଜାଣିଥିଲେ ବି ତାକୁ ଯେଉଁ ସାମଗ୍ରୀ ରୋଷେଇ ପାଇଁ ଦିଆଯାଇଥିବ, ସେଇଥିରେ ହିଁ ରୋଷେଇ କରିବ ନା ଅନ୍ୟ ପଦାର୍ଥରେ, ଯାହାକି ତା' ପାଖରେ ନଥିବ ?

**ପ୍ର.କ.—** ନା, ଯାହା ଦିଆଯାଇଥିବ, ସେ ପଦାର୍ଥରେ ହିଁ ରୋଷେଇ କରିବ ।

**ସ୍ୱାମୀଜୀ —** ଏ ଯେଉଁ ସଂସାର ତିଆରି ହୋଇଛି, ତା'ର ଉପାଦାନ କାରଣ ହେଲା ପ୍ରକୃତି । ପ୍ରକୃତି କି ପଦାର୍ଥ ? **'ସତ୍ତ୍ୱରଜସ୍ତମସାଂ ସାମ୍ୟାବସ୍ଥା ପ୍ରକୃତିଃ ।'** (ସାଂଖ୍ୟ. ୧:୬୧) — ସତ୍ତ୍ୱ, ରଜଃ ଓ ତମଃ ଏ ତିନୋଟି ବସ୍ତୁର ସନ୍ତୁଳିତ ମିଶ୍ରଣର ନାମ ହେଲା ପ୍ରକୃତି । ପରମାତ୍ମା ଏଇଥିରେ ଏ ସଂସାର ତିଆରି କରନ୍ତି । ସତ୍ତ୍ୱରୁ ସୁଖ, ରଜଃରୁ ଦୁଃଖ ଓ ତମଃରୁ ଅଜ୍ଞାନ ଉତ୍ପନ୍ନ ହୁଏ । ଯେହେତୁ ସତ୍ତ୍ୱ, ରଜଃ ଓ ତମଃ ଏ ତିନୋଟିର ମିଶ୍ରଣ(ପ୍ରକୃତି)ରୁ ଏ ସଂସାର ତିଆରି କରିବାକୁ ପଡ଼ିଛି ପରମାତ୍ମାଙ୍କୁ, କେବଳ ସତ୍ତ୍ୱ ଗୁଣରେ ସଂସାର ତିଆରି ହୋଇନି, ତେଣୁ ସଂସାରରେ କେବଳ ସୁଖ ହିଁ ସୁଖ ନାହିଁ । ତଥାପି ଭଗବାନ ଏହାକୁ ବହୁତ ଭଲ ରୂପେ ତିଆରି କରିଛନ୍ତି । ଏଣୁ ଭଗବାନଙ୍କ ପ୍ରୋସେସ୍‌କୁ ଧନ୍ୟବାଦ ଦେବାକୁ ପଡ଼ିବ । ଭଗବାନ ବହୁତ ନିକୃଷ୍ଟ ଉପାଦାନରୁ ବି ଯେତେ ଭଲ ହୋଇପାରିବ ଉତ୍ପାଦ (Product) ତିଆରି କରି ଆମକୁ ଦେଇଛନ୍ତି । ବହୁ ପ୍ରକ୍ରିୟାକରଣ (Processing) କରି ଦେଇଛନ୍ତି । ଗୋଟିଏ ଦୃଷ୍ଟାନ୍ତ ଉପରେ ବିଚାର କରିବା । ଆମେ ନଡ଼ିଆ ଗଛ ଦେଖୁଛେ । ନଡ଼ିଆ ଗଛ ଅଧିକ ପରିମାଣରେ ସାଧାରଣତଃ କେଉଁଠି ହୁଏ ?

**ପ୍ର.କ.—** ସମୁଦ୍ର ଉପକୂଳରେ ।

**ସ୍ୱାମୀଜୀ —** ସମୁଦ୍ର ଉପକୂଳରେ ଯେଉଁ ପାଣି ଥାଏ ତାହା ମିଠା ଥାଏ ନା ଲୁଣି ?

**ପ୍ର.କ.—** ଲୁଣି ପାଣି ଥାଏ। ନଡ଼ିଆ ଗଛ ପାଇଁ ସେ ପାଣି ଉତ୍କୃଷ୍ଟ।

**ସ୍ୱାମୀଜୀ —** ମୋର ପଚାରିବା କଥା ହେଲା ଯେ ଗଛ ମୂଳରେ ତ ରହୁଛି ଲୁଣି ପାଣି। ଆଉ ନଡ଼ିଆ ପାଣି ଲୁଣି ଲାଗେ ନା ମିଠା?

**ପ୍ର.କ.—** ମିଠା ଲାଗେ।

**ସ୍ୱାମୀଜୀ —** ଭଗବାନଙ୍କୁ ଶତ ଧନ୍ୟବାଦ ଦେବା ଉଚିତ ଯେ ସେ ଲୁଣି ପାଣିକୁ ବି ପ୍ରକ୍ରିୟାକରଣ କରି ମିଠା ପାଣି କରି ନଡ଼ିଆ ଭିତରେ ଦେଇଛନ୍ତି। ଭଗବାନ ସବୁଠୁ ଭଲ ପ୍ରୋସେସିଂ କରନ୍ତି। ସେମିତି ଏ ସତ୍ତ୍ୱ, ରଜଃ ଓ ତମଃରୁ ସବୁଠୁ ଭଲ କ'ଣ ହୋଇପାରିବ ତାହା ଆମକୁ ଦେଇଛନ୍ତି। ଅତଏବ ତୁମେ ଯେଉଁ କହିଲ ଯେ ଭଗବାନ ତ ସର୍ବଶକ୍ତିମାନ୍, ଯାହା ଚାହିଁଲେ ତାହା କରିଦେଇ ପାରିଥାନ୍ତେ ଏମିତି ସୁଖ-ଦୁଃଖ ମିଶ୍ରିତ ଥିବା ସଂସାର କାହିଁକି କଲେ?' ତା'ର ଉତ୍ତର ହେଲା ଯେ ପୋକରା ଚାଉଳ, ପଚା ପରିବା ଦେଇ ଭଲ ବିରିଆନି କର ବୋଲି କହିଲେ ଯେତେ ଭଲ ରୋଷେଇୟା ହେଲେ ବି କ'ଣ କରିବ? ଭଗବାନଙ୍କୁ ଶତ ଧନ୍ୟବାଦ ଯେ ସେ ଏଭଳି ପଦାର୍ଥକୁ ମଧ୍ୟ ଏମିତି ଭଲ ରୋଷେଇ କରି ଦେଇଛନ୍ତି ଯେ କମ୍ ଦୁର୍ଗନ୍ଧ ହେଉଛି। ଏହା ହେଉଛି ଭଗବାନଙ୍କ ବାହାଦୁରୀ।

**ପ୍ର.କ. —** ପ୍ରକୃତିରେ ଯଦି ସତ୍ତ୍ୱ, ରଜଃ ଓ ତମଃ ଥିବାରୁ ସଂସାରରେ ଦୁଃଖ ଅନିବାର୍ଯ୍ୟ ରୂପେ ରହିବ, ତେବେ ଭଗବାନ ସଂସାର ତିଆରି କରୁଛନ୍ତି କାହିଁକି? ତାଙ୍କୁ ଏଥିରୁ କ'ଣ ଲାଭ ମିଳୁଛି? ସଂସାର ରଚନା ନ କଲେ ଅସୁବିଧା କ'ଣ ହୁଅନ୍ତା?

**ସ୍ୱାମୀଜୀ —** ମଣିଷର ପ୍ରବୃତ୍ତିକୁ ଅନୁଧ୍ୟାନ କରି ଗୋଟିଏ ବଡ଼ ଗୁରୁତ୍ୱପୂର୍ଣ୍ଣ କଥା ଶାସ୍ତ୍ରରେ କୁହାଯାଇଛି—

**ପ୍ରୟୋଜନମନଭିସନ୍ଧାୟ ମନ୍ଦୋଽପି ନ ପ୍ରବର୍ତ୍ତତେ।**

ବିନା ପ୍ରୟୋଜନରେ ସାଧାରଣ ବୁଦ୍ଧି ଥିବା ଲୋକଟିଏ, ମୂର୍ଖ ଲୋକଟିଏ ବି କୌଣସି କାର୍ଯ୍ୟ କରେ ନାହିଁ। ବର୍ତ୍ତମାନ ପ୍ରଶ୍ନ ହେଲା ଯେ ଭଗବାନ ବୁଦ୍ଧିମାନ୍ ନା ମୂର୍ଖ?

**ପ୍ର.କ. —** ବୁଦ୍ଧିମାନ୍।

**ସ୍ୱାମୀଜୀ —** ଭଗବାନ ନିଶ୍ଚିତ ରୂପେ ବୁଦ୍ଧିମାନ ଏବଂ ଭଗବାନ ଏ ସଂସାର ତିଆରି କରିଛନ୍ତି। ତେଣୁ ଏ ସଂସାର ତିଆରି କରିବା ପଛରେ ନିଶ୍ଚିତ ରୂପେ ଈଶ୍ୱରଙ୍କର କୌଣସି ପ୍ରୟୋଜନ ଥିବ।

ପ୍ରୟୋଜନ ୨ ପ୍ରକାରର ହୋଇଥାଏ - ନିଜର ଓ ଅନ୍ୟର। ବାପା ଘରକୁ ଚାଉଳ-ଡାଲି, ପନି-ପରିବା ଆଦି ସବୁ ଆଣନ୍ତି। ଘରେ ମା' ରୋଷେଇ କରନ୍ତି। ରୋଷେଇ ହେଲେ ବାପା ଖାଆନ୍ତି, ମା' ବି ଖାଆନ୍ତି, ଅନ୍ୟମାନେ ବି ଖାଆନ୍ତି। ମନେକର ପରିବାରର ଜଣେ ସଦସ୍ୟଙ୍କୁ ଜ୍ୱର ହୋଇଛି। ବାପା ତାଙ୍କ ପାଇଁ ଡାକ୍ତରଙ୍କ ଠାରୁ ଜ୍ୱର ଔଷଧ ଆଣନ୍ତି। ବାପା ଆଣିଛନ୍ତି ବୋଲି ସେ ଜ୍ୱର ଔଷଧ ସେ ନିଜେ ବି ଖାଆନ୍ତି କି?

**ପ୍ର.କ. —** ନା। ସେଇଟା ସେ ରୋଗୀ ପାଇଁ ଆଣିଛନ୍ତି। ରୋଗୀକୁ ଦିଅନ୍ତି।

**ସ୍ୱାମୀଜୀ —** ବାପାଙ୍କୁ ରୋଗ ହେଲେ ସେ ରୋଗର ଉପଶମ ପାଇଁ ସେ ଯେଉଁ ଔଷଧ ଆଣନ୍ତି ସେଇଟା ନିଜେ ଖାଆନ୍ତି ନା ସମସ୍ତଙ୍କୁ ଦିଅନ୍ତି?

**ପ୍ର.କ. —** ଔଷଧଟା ଖାଦ୍ୟ ନା ପ୍ରସାଦ ଯେ ସମସ୍ତଙ୍କୁ ଦେବେ? ସେଇଟା ସେ ନିଜେ ଖାଆନ୍ତି।

**ସ୍ୱାମୀଜୀ —** ଅତଏବ ଆମେ ଦେଖିଲେ ଯେ କୌଣସି କାର୍ଯ୍ୟ ପଛରେ ଏଭଳି କୌଣସି ଏକ ଉଦ୍ଦେଶ୍ୟ ଥାଏ — ୧. ନିଜ ପାଇଁ କରିବା, ୨. ନିଜ ସହ ଅନ୍ୟ ପାଇଁ ବି କରିବା, ୩. କେବଳ ଅନ୍ୟ ପାଇଁ କରିବା।

**ପ୍ର.କ. —** ତା' ହେଲେ ଭଗବାନ ଏ ଯେଉଁ ସଂସାର ତିଆରି କରିଛନ୍ତି, କାହା ପାଇଁ ତିଆରି କରିଛନ୍ତି? ତାଙ୍କ ନିଜ ପାଇଁ ନା ଆମ ପାଇଁ ନା ତାଙ୍କ-ଆମ ଉଭୟଙ୍କ ପାଇଁ?

**ସ୍ୱାମୀଜୀ —** ସେ କଥା ବର୍ତ୍ତମାନ ବିଚାର କରିବା। ସଂସାରରେ ତିନୋଟି ମୌଳିକ ସତ୍ତା ଅଛି — ଈଶ୍ୱର, ଜୀବ ଓ ପ୍ରକୃତି। ସେ ଭିତରୁ ପ୍ରକୃତି ହେଲା ଜଡ଼। ଜଡ଼

ପଦାର୍ଥର ଅନୁଭବ କରିବାର, ଭୋଗ କରିବାର କ୍ଷମତା ନାହିଁ। ଅଚେତନ ପ୍ରକୃତି ଭୋକ୍ତା ନୁହେଁ ଭୋଗ୍ୟ। ଯେମିତିକି ନଦୀର ପାଣି। ନଦୀର ପାଣି ନଦୀ ପିଏ କି ? ନା। ତେଣୁ ପ୍ରକୃତି କାହା ପାଇଁ ? ସାଂଖ୍ୟ ଦର୍ଶନରେ କୁହାଯାଇଛି—

**ସଂହତ ପରାର୍ଥତ୍ୱାତ୍।** (ସାଂଖ୍ୟ. ୧:୧୦୫)

ସତ୍ତ୍ୱ, ରଜଃ ଓ ତମଃର ସମ୍ମିଶ୍ରଣ ପ୍ରକୃତି ସବୁବେଳେ ଅନ୍ୟର ଭୋଗ ପାଇଁ। ଜଡ଼ ପଦାର୍ଥ ଚେତନର ଭୋଗ ପାଇଁ ଉଦ୍ଦିଷ୍ଟ। ଚେତନ ହିଁ ଭୋକ୍ତା ହୋଇଥାଏ। ବର୍ତ୍ତମାନ ପ୍ରକୃତିକୁ ବାଦ ଦେଲେ ଆଉ ରହିଲେ ୨ଟି ତତ୍ତ୍ୱ - ଈଶ୍ୱର ଓ ଜୀବ। ଉଭୟେ ଚେତନ। ଏ ଭିତରୁ ଈଶ୍ୱର ହେଲେ ଅକାମ। ଅର୍ଥାତ୍ ତାଙ୍କର କୌଣସି କାମନା ନାହିଁ। କାମନା, ଇଚ୍ଛା କାହିଁକି ନାହିଁ ?

**ପ୍ର.କ.—** କାରଣ ସବୁ ପଦାର୍ଥ ତାଙ୍କର ଅଛି।

**ସ୍ୱାମୀଜୀ —** କାମନା, ଇଚ୍ଛା କାହାର ଥାଏ ? - ଯାହାର କିଛି ନ୍ୟୂନତା ଥାଏ, ଯାହାର କିଛି ଅଭାବ ଥାଏ। ବେଦରେ କୁହାଯାଇଛି—

**ଅକାମୋ ଧୀରୋ ଅମୃତଃ ସ୍ୱୟମ୍ଭୂଃ ରସେନ ତୃପ୍ତଃ ନ କୃତଶ୍ଚନୋନଃ।** (ଅଥର୍ବ. ୧୦:୦୮:୪୪)

ଈଶ୍ୱର ଅକାମ ଅଟନ୍ତି। ତାଙ୍କର କୌଣସି ନ୍ୟୂନତା ନାହିଁ। ସାରା ବ୍ରହ୍ମାଣ୍ଡରେ ଯାହା ବି ପଦାର୍ଥ ଅଛି, ସେ ସବୁ ପଦାର୍ଥର ସ୍ୱାମୀ ହେଲେ ଭଗବାନ। ସେ ଆନନ୍ଦ ରସରେ ପରିତୃପ୍ତ, ସଦା ତୃପ୍ତ। ତେଣୁ ଭଗବାନ ନିଜର ଭୋଗ ପାଇଁ ସଂସାରରେ ନଡ଼ିଆ, କଦଳୀ, ଆମ୍ବ, ପଣସ ଆଦି ତିଆରି କରିନାହାନ୍ତି। ନା, ତୁମେ ଭାବୁଛ ଯେ ଭଗବାନ ନିଜେ ଖାଇବା ପାଇଁ ବି ଏସବୁ କରିଛନ୍ତି ?

**ପ୍ର.କ.—** ନା। ନିଜ ଖାଇବା ପାଇଁ ନୁହେଁ।

**ସ୍ୱାମୀଜୀ —** ବୁଝିଯାଇଛ ? ଈଶ୍ୱରଙ୍କୁ ନଡ଼ିଆ-କଦଳୀ ଦେଉଛ ନା ନାହିଁ ?

**ପ୍ର.କ.—** ଦେଉଛି। କିନ୍ତୁ ଈଶ୍ୱର ଖାଇବା ପାଇଁ ନୁହେଁ। ଭୋଗ କଲା ପରେ ନିଜେ ଖାଇବା ପାଇଁ।

**ସ୍ୱାମୀଜୀ —** ଆଚ୍ଛା, 'ଭୋଗ'ର ଅର୍ଥ ବୁଝିଛ ନା ? ଭୋଗ କରିବା ମାନେ ଖାଇବା, ପିନ୍ଧିବା ଆଦି। ଅର୍ଥାତ୍ ନିଜର ଆବଶ୍ୟକତା ପୂରଣ ପାଇଁ ବାହ୍ୟ ସାଧନର ଆଶ୍ରୟ ନେବା। ଆମେ କହୁଛେ ଯେ ଆମେ ଈଶ୍ୱରଙ୍କୁ ଭୋଗ ଦେଲେ। ବାସ୍ତବରେ ଭୋଗ ଆମେ କରୁ, ଈଶ୍ୱର କରନ୍ତିନି। କାରଣ କଦଳୀ, ନଡ଼ିଆ ଆଦି ଆମେ ଖାଉ, ଈଶ୍ୱର ଖାଆନ୍ତିନି।

ଭଗବାନ ନଡ଼ିଆ, କଦଳୀ ଆଦି ତିଆରି କରିଛନ୍ତି ଆମେ ଖାଇବା ପାଇଁ। ଯୋଗଦର୍ଶନରେ କୁହାଯାଇଛି ଯେ ପରମାତ୍ମାଙ୍କର ନିଜ ପାଇଁ ଆବଶ୍ୟକତା ନ ଥିବା ସତ୍ତ୍ୱେ ଏତେ ଫଳ-ଫୁଲ ଇତ୍ୟାଦିରେ ପରିପୂର୍ଣ୍ଣ ଏ ସୃଷ୍ଟି କାହିଁକି ରଚନା କରିଛନ୍ତି —

**ତସ୍ୟାତ୍ମାନୁଗ୍ରହାଭାବେ ଭୂତାନୁଗ୍ରହଃ ପ୍ରୟୋଜନମ୍।**

(ଯୋଗ.୧:୨୫, ବ୍ୟାସଭାଷ୍ୟ)

ନିଜର ଆବଶ୍ୟକତା ନ ଥିବା ସତ୍ତ୍ୱେ ବୈଦ୍ୟ ଯେମିତି ରୋଗୀ ପାଇଁ ଔଷଧ ତିଆରି କରନ୍ତି, ବାପା ଯେମିତି ସନ୍ତାନ ପାଇଁ ଔଷଧ ଆଣିଦିଅନ୍ତି, ମା' ଯେମିତି ସନ୍ତାନ ପାଇଁ ପଥ୍ୟ ରାନ୍ଧିଦିଅନ୍ତି, ସେମିତି ଭଗବାନ ନିଜର ଆବଶ୍ୟକତା ନ ଥିବା ସତ୍ତ୍ୱେ ଜୀବମାନଙ୍କ କଲ୍ୟାଣ ପାଇଁ ସୃଷ୍ଟି ରଚନା କରନ୍ତି।

ପୂର୍ବରୁ ମୁଁ କହିଛି ଯେ ପରମାତ୍ମା ଯେଉଁ ଉପାଦାନ ପ୍ରକୃତିରୁ ସଂସାର ତିଆରି କରିଛନ୍ତି ଯେହେତୁ ସେଥିରେ ସତ୍ତ୍ୱ, ରଜଃ ଓ ତମଃ ଏ ତିନୋଟିଯାକ ଅଛି ତେଣୁ ଏ ସଂସାରରେ ସୁଖ-ଦୁଃଖ ଆଦି ଅଛି। ତା' ଛଡ଼ା ସଂସାରରେ ସୁଖ-ଦୁଃଖ ରହିବାର ଦ୍ୱିତୀୟ କାରଣ ହେଲା- ଜୀବାତ୍ମା ପୂର୍ବ-ପୂର୍ବ ଜନ୍ମରେ ଭଲ ବି କରିଛି, ମନ୍ଦ ବି କରିଛି, ପୁଣ୍ୟ ବି କରିଛି, ପାପ ବି କରିଛି। ତେଣୁ ତା'ର ପରିଣାମ ସ୍ୱରୂପ ସେ ସୁଖ-ଦୁଃଖ ଦୁଇଟି ଯାକ ଭୋଗ କରିବ। ଏଣୁ ଜୀବାତ୍ମାର ପାପ-ପୁଣ୍ୟର ଫଳ ଭୋଗ ପାଇଁ ପରମାତ୍ମା ଏ ସଂସାର ରଚନା କରନ୍ତି। ତା'ଛଡ଼ା ଜୀବାତ୍ମାର ଅନ୍ତିମ ଲକ୍ଷ୍ୟ ହେଲା ନିତ୍ୟ ଆନନ୍ଦ ପ୍ରାପ୍ତି। ମୋକ୍ଷ ଲାଭ ଦ୍ୱାରା ହିଁ ଏହି ସ୍ଥିତି ଆସେ। ସମାଧିରେ ଆତ୍ମସାକ୍ଷାତ୍କାର ଦ୍ୱାରା ମୋକ୍ଷ

ଲାଭ ହୁଏ। ଶରୀର-ଇନ୍ଦ୍ରିୟ ଆଦି ମିଳିଲେ ହିଁ ଜୀବାତ୍ମା ସମାଧି ଲାଭ ପାଇଁ ପ୍ରଯନ୍ କରିପାରେ, ସାଧନା କରିପାରେ। ଏଣୁ ଜୀବାତ୍ମାର ଅପବର୍ଗ ସିଦ୍ଧି ପାଇଁ ବି ସଂସାର ଆବଶ୍ୟକ। ଅତଃ ଯୋଗଦର୍ଶନରେ କୁହାଗଲା —

**ପ୍ରକାଶକ୍ରିୟାସ୍ଥିତିଶୀଲଂ ଭୂତେନ୍ଦ୍ରିୟାତ୍ମକଂ ଭୋଗାପବର୍ଗାର୍ଥଂ ଦୃଶ୍ୟମ୍।** (ଯୋଗ. ୨:୧୮)

ଜୀବର ଭୋଗ ତଥା ଅପବର୍ଗ ପାଇଁ ଈଶ୍ୱର ଏହି ପ୍ରକାଶ (ସତ୍ତ୍ୱ) କ୍ରିୟା (ରଜଃ) ଓ ସ୍ଥିତି (ତମଃ) ସ୍ୱଭାବ ବିଶିଷ୍ଟ ଏବଂ ଭୂତ (ପଞ୍ଚ ସ୍ଥୁଳଭୂତ, ପଞ୍ଚ ସୂକ୍ଷ୍ମଭୂତ) ଏବଂ ଇନ୍ଦ୍ରିୟ (ପଞ୍ଚ ଜ୍ଞାନେନ୍ଦ୍ରିୟ, ପଞ୍ଚ କର୍ମେନ୍ଦ୍ରିୟ, ମନ ଆଦି) ସ୍ୱରୂପ ସଂପନ୍ନ ଜଗତକୁ ତିଆରି କରିଛନ୍ତି। ଚେତନ ଆତ୍ମା ଏଥିରେ ଭୋକ୍ତା ରୂପେ ବିଦ୍ୟମାନ। ଯେହେତୁ ସୃଷ୍ଟିର ରଚନା ହିଁ ଜୀବାତ୍ମା ପାଇଁ କରାଯାଇଛି, ତେଣୁ ସାଂସାରିକ ବସ୍ତୁଗୁଡ଼ିକର ଭୋଗ କରିବା ଅନୁଚିତ ନୁହେଁ, ବରଂ ଏହା ସ୍ୱାଭାବିକ ଓ ଆବଶ୍ୟକ। 'ଭୋଗ' ମାନେ ଆମେ ପୂର୍ବରୁ ଆଲୋଚନା କରିଛେ ଯେ ମନୁଷ୍ୟ ଦ୍ୱାରା ନିଜର ଶାରୀରିକ ଓ ମାନସିକ ଆବଶ୍ୟକତା ବାହ୍ୟ ସାଧନ ଦ୍ୱାରା ପୂର୍ଣ୍ଣ କରିବାର ନାମ 'ଭୋଗ'। ଯଦି ମଣିଷ ନିର୍ଦ୍ଦୋଷ ସାଧନ ଦ୍ୱାରା ନିଜର ଭୋଗ୍ୟ ପ୍ରାପ୍ତ କରେ ଏବଂ ସୀମିତ ରୂପେ ସଂଯମ ପୂର୍ବକ ତା'ର ଉପଭୋଗ କରେ ତେବେ ସେ ଆଦୌ ଦୋଷୀ ହୁଏ ନାହିଁ। ଭୁଲ୍ ସେତେବେଳେ ହୁଏ ଯେତେବେଳେ ସେ ଭୋଗ୍ୟ ପଦାର୍ଥ ପ୍ରାପ୍ତ କରିବା ପାଇଁ ଅନୁଚିତ ସାଧନର ଆଶ୍ରୟ ନିଏ। ଯେତେବେଳେ ବ୍ୟକ୍ତି ସମ୍ପତ୍ତି ପାଇଁ ଠକାମୀ, ଶୋଷଣ, ଲୁଣ୍ଠନ, ଅପମିଶ୍ରଣ, ଉତ୍କୋଚ ଆଦିର ଏବଂ ପଦ-ପଦବୀ ପାଇଁ ଛଳ, କପଟ, ଧୂର୍ତ୍ତତା ଆଦିର ତଥା ଇନ୍ଦ୍ରିୟସୁଖ ପାଇଁ ଅନାଚାର, ଦୂରାଚାର ଆଦିର ଆଶ୍ରୟ ନିଏ ସେତେବେଳେ ସେ ଅପରାଧୀ ହୋଇଯାଏ।

**ପ୍ର.କ.—** ସ୍ୱାମୀଜୀ, ଆମକୁ କୁହନ୍ତୁ! ସଂସାର ସହ ଆମର ଉଚିତ ବ୍ୟବହାର କେମିତି ହେବା ଉଚିତ?

**ସ୍ୱାମୀଜୀ —** ଯିଏ ସଂସାରକୁ ତିଆରି କରିଛନ୍ତି, ଯିଏ ସଂସାରର ମାଲିକ ସିଏ ଆମକୁ ସଂସାର ସହ ଉଚିତ ବ୍ୟବହାର ବି ବତେଇ ଦେଇଛନ୍ତି। ଭଗବାନ ଆମକୁ ସଂସାର ଦେଲେ, ସଂସାର ସହ ଉଚିତ ବ୍ୟବହାର ପାଇଁ ମଣିଷର ସୃଷ୍ଟି ସହ ବେଦ ବି ଦେଲେ। ବେଦରେ ଦୁଇଟି ଶବ୍ଦରେ ସୁନ୍ଦର ଭାବେ ଭଗବାନ ଏକଥା କହିଦେଇଛନ୍ତି— **'ତ୍ୟକ୍ତେନ ଭୁଞ୍ଜିଥାଃ'** (ଯଜୁଃ. ୪୦:୧)— ତ୍ୟାଗପୂର୍ବକ ଭୋଗ କର। ତ୍ୟାଗପୂର୍ବକ ଭୋଗ କରିବା ହେଉଛି ସଂସାରରେ ବଞ୍ଚିବାର କଳା, ଜୀବନ ଜୀଇଁବାର କଳା।

**ପ୍ର.କ.—** ସ୍ୱାମୀଜୀ! ମୁଁ ଏଇଠି ଆପଣଙ୍କୁ ଟିକିଏ ଅଟକାଇବାକୁ ଚାହିଁବି। 'ତ୍ୟାଗ' ଓ 'ଭୋଗ' ଏ ଦୁଇଟା ପୂରା ବିପରୀତ ବୋଧକ ଶବ୍ଦ (Opposite Word)। ବେଦରେ ଏ ଦୁଇଟି କେମିତି ଗୋଟିଏ କର୍ମ ପାଇଁ ବ୍ୟବହାର କଲେ? 'ତ୍ୟାଗ' କଲେ ତ 'ଭୋଗ' କରିହେବନି, ଭୋଗ କଲେ ତ୍ୟାଗ କରିହେବନି। ଏହାର ଯଥାର୍ଥତା ବୁଝି ହେଉନି।

**ସ୍ୱାମୀଜୀ —** କେବେ ବି କୌଣସି ବି ପଦାର୍ଥ ଭୋଗ ନକରିବାର ନାମ ତ୍ୟାଗ ନୁହେଁ।

**ପ୍ର.କ.—** ଆଉ ତା' ହେଲେ?

**ସ୍ୱାମୀଜୀ —** ଅନୁଚିତ ଭୋଗ ନ କରିବାର ନାମ ତ୍ୟାଗ।

**ପ୍ର.କ.—** ଅନୁଚିତ ଭୋଗ ମାନେ?

**ସ୍ୱାମୀଜୀ —** ସଂସାରରେ ଆମେ ଦୁଇଟି ଶବ୍ଦ ଶୁଣୁ- ଭୋଗ୍ୟ ଏବଂ ତ୍ୟାଜ୍ୟ। ଯାହା ଭୋଗର ଯୋଗ୍ୟ ତାହା ହେଲା 'ଭୋଗ୍ୟ' ଏବଂ ଯାହା ତ୍ୟାଗ ଯୋଗ୍ୟ ତାହା ହେଲା 'ତ୍ୟାଜ୍ୟ'। ସବୁ ପ୍ରାଣୀ ପାଇଁ ସବୁ ପଦାର୍ଥ ଭୋଗ୍ୟ ନୁହେଁ। ଯାହା ଘୁଷୁରୀ ପାଇଁ ଭୋଗ୍ୟ, ସେ ସବୁ ମଣିଷ ପାଇଁ ଭୋଗ୍ୟ ନୁହେଁ। ମଣିଷ ସମାଜରେ ବି ବର୍ଣ୍ଣ-ଆଶ୍ରମ ଆଧାରରେ ଭୋଗ୍ୟ-ତ୍ୟାଜ୍ୟ ଅଛି। ନିର୍ଦ୍ଦିଷ୍ଟ ଆଶ୍ରମରେ ବି ପରିମାଣାଦି ଆଧାରରେ ଭୋଗ୍ୟ-ତ୍ୟାଜ୍ୟ ଅଛି। ପୂର୍ବରୁ ଆଲୋଚନା କରିଛେ ଯେ ମନୁଷ୍ୟ ଦ୍ୱାରା ନିଜ ଶାରୀରିକ ଓ ମାନସିକ ଆବଶ୍ୟକତାକୁ ଉଚିତ ଉପାୟରେ, ଉଚିତ ପଦ୍ଧତିରେ ପୂରଣ କରିବାର ନାମ 'ଭୋଗ'। କିନ୍ତୁ ଆମର

କ’ଣ ଧାରଣା ? ଉଚିତ-ଅନୁଚିତ ବିଚାର ନ କରି ପଞ୍ଚ ଇନ୍ଦ୍ରିୟ ଦ୍ୱାରା ସେ ଗୁଡ଼ିକର ବିଷୟକୁ ଗ୍ରହଣ କରିବାକୁ ଆମେ ‘ଭୋଗ’ ବୋଲି ଭାବିଛେ । ତେଣୁ ଏ ପ୍ରଶ୍ନ ଉଠୁଛି ଯେ ଭୋଗ ସହିତ ପୁଣି ତ୍ୟାଗ କେମିତି ସମ୍ଭବ ? ଏ ସଂସାରକୁ ପରମପିତା ପରମାତ୍ମା ଆମକୁ ଭୋଗ ପାଇଁ ପଠାଇଛନ୍ତି । କିନ୍ତୁ ଭୋଗ ସହ ଗୋଟିଏ ସୂତ୍ର ଦେଇଛନ୍ତି— ତ୍ୟାଗ ପୂର୍ବକ ଭୋଗ । ତ୍ୟାଗପୂର୍ବକ ଭୋଗ ମାନେ କ’ଣ ?

ଆମେ ରାସ୍ତାରେ ଯାଉଛେ । ରାସ୍ତାରେ ଚାଲିବା ପାଇଁ କାହାକୁ ମନା ନାହିଁ । ରାସ୍ତା ଚାଲିବା ପାଇଁ ହୋଇଛି । କିନ୍ତୁ ଆପଣ ଯଦି ରାସ୍ତା ମଝିରେ ବସିଯିବେ ତେବେ ଲୋକେ ଆପଣଙ୍କୁ ଉଠେଇ ଦେବେ, ପୋଲିସ ଉଠେଇ ନେବ । କାହିଁକି ? କାରଣ ରାସ୍ତା ସମସ୍ତଙ୍କ ଚାଲିବା ପାଇଁ ହୋଇଛି । ଆମେ ଚାଲିପାରିବା, ଅନ୍ୟମାନେ ବି ଚାଲିପାରିବେ । ସାର୍ବଜନିକ ପାର୍କ ସମସ୍ତଙ୍କ ପାଇଁ । ପାର୍କରେ ବୁଲିବା ପାଇଁ, ପାର୍କର ସୌନ୍ଦର୍ଯ୍ୟ ଦେଖିବା ପାଇଁ, କାହାକୁ ମନା ନାହିଁ । କିନ୍ତୁ ଆପଣ ଯଦି କହିବେ ଯେ ପାର୍କଟା ବଢ଼ିଆ ହୋଇଛି, ମୁଁ ଏଇଠି ଘର କରି ରହିଯିବି । ସେଇଟା ସମ୍ଭବ ନାହିଁ । ପାର୍କରେ ବୁଲିବା ସମୟ ଅତିକ୍ରାନ୍ତ ହୋଇଗଲେ ସେଇଠି ରହିବାର ଅନୁମତି ନାହିଁ । ପାର୍କରୁ ଫୁଲର ସୌନ୍ଦର୍ଯ୍ୟ ଦେଖିବା, ସୁଗନ୍ଧ ଅନୁଭବ କରିବାକୁ କାହାକୁ ମନା ନାହିଁ । କିନ୍ତୁ ଆପଣ ଯଦି ପାର୍କରୁ ଫୁଲ ତୋଳି ନେବା କାମ କରିବେ ତେବେ ଦଣ୍ଡ ପାଇବେ, ଦୁଃଖ ପାଇବେ । ସେଇଠୁ ଜବରଦସ୍ତି ବାହାର କରି ଦିଆଯିବ । ତ୍ୟାଗ ପୂର୍ବକ ଭୋଗ ହେଲା ଉଚିତ ପଦ୍ଧତିରେ ଭୋଗ କରିବା । ଆମ କାମ ସରିଲା, ଆମେ ଆଗକୁ ଚାଲିବା । ଆମେ ଗୋଟିଏ ଶବ୍ଦ ଶୁଣୁ- ‘କ୍ରାନ୍ତି’ । ‘କ୍ରାନ୍ତି’ ମାନେ କ’ଣ ? **‘କ୍ରମୁ ପାଦବିକ୍ଷେପେ’** ଧାତୁରୁ କ୍ରାନ୍ତି ଶବ୍ଦ ଉତ୍ପନ୍ନ । କ୍ରାନ୍ତିର ଅର୍ଥ ଆଗକୁ ବଢ଼ିବା, ସ୍ଥିତି ପରିବର୍ତ୍ତନ କରି ପ୍ରଗତି କରିବା । ଆଉ ଆଗକୁ ବଢ଼ିବାର ଅର୍ଥ ପଛକୁ ଛାଡ଼ିବା । ଆମେ ଟ୍ରେନ୍‌ରେ, ବସ୍‌ରେ ଯାଉଛେ । ସିଟ୍‌ରେ ଲାଖି ରହିଲେ ଆମେ ଆମ ଗନ୍ତବ୍ୟ ସ୍ଥଳରେ କେବେ ପହଞ୍ଚି ପାରିବା ନାହିଁ, ଆମ ଗନ୍ତବ୍ୟ ସ୍ଥଳ ଆସିଲେ ଆମକୁ ସିଟ୍ ଛାଡ଼ିବାକୁ ପଡ଼ିବ ।

ବହୁତ ଦିନ ତଳର କଥା । ମୁଁ ସୁନ୍ଦରଗଡ଼ରୁ ରାଉରକେଲା ଯାଉଥିଲି । ସନ୍ଧ୍ୟା ସମୟ । ବୋଧହୁଏ ସେଇଟା ଦିନର ଶେଷ ବସ୍ । ତେଣୁ ଭିଡ଼ ଅଧିକ । ମୁଁ ଅଗ୍ରୀମ ଟିକଟ କାଟିଦେଲି । ସିଟ୍ ନମ୍ବର ମିଳିଗଲା । ଗାଡ଼ି ଛାଡ଼ିବା ପାଇଁ ଡେରି ଥାଏ । ମୁଁ ବାହାରେ ବୁଲୁଥିଲି । ଛାଡ଼ିବାକୁ କିଛି ସମୟ ଅଛି ଆସି ବସ୍‌ରେ ଚଢ଼ିଲି । ସେତେବେଳକୁ ଅନ୍ୟ ଜଣେ ବ୍ୟକ୍ତି ମୋ ପାଇଁ ଉଦ୍ଦିଷ୍ଟ ସିଟ୍‌ରେ ବସିଯାଇଥାନ୍ତି । ମୁଁ ତାଙ୍କୁ କହିଲି— ‘ଉଠନ୍ତୁ ! ଏଇଟା ମୋ ସିଟ୍’ । ସେ ନ ଉଠି କହିଲେ — ‘ ଆମେ ବି ପଇସା ଦେଇ ଯାଉଛୁ । ଆମେ ମାଗଣାରେ ଯାଉନୁ’ । ମୁଁ କହିଲି— ‘ଆପଣ ପଇସା ଦେଇ ଯାଉଛନ୍ତି କି ବିନା ପଇସାରେ ଯାଉଛନ୍ତି ତା’ ସହ ମୋର କିଛି ସମ୍ପର୍କ ନାହିଁ । ଏଇଟା ମୋ ସିଟ୍ । ଏ ସିଟ୍ ମୋତେ ଦିଆଯାଇଛି ।’ ତା’ ପରେ କଣ୍ଡକ୍ଟର ବି କହିବାରୁ ସେ ବ୍ୟକ୍ତି ସିଟ୍ ଛାଡ଼ିଲେ । ଗାଡ଼ିର ସବୁ ସିଟ୍ ପୂର୍ବରୁ ପୂରଣ ହୋଇଯାଇଥାଏ । ସେ ବିଚରାଙ୍କୁ ସିଟ୍ ମିଳିଲାନି । ପ୍ରାୟ ୨-୩ ଘଣ୍ଟା ତାଙ୍କୁ ଠିଆ ହୋଇ ରାଉରକେଲା ପର୍ଯ୍ୟନ୍ତ ଯିବାକୁ ପଡ଼ିଲା । ବସ୍ ଯେତେବେଳେ ରାଉରକେଲାରେ ପହଞ୍ଚିଲା । ଅନେକ ଷ୍ଟପେଜ୍‌ରେ ଲୋକେ ଓହ୍ଲାଉଥାନ୍ତି । ମୋ ଓହ୍ଲାଇବା ସ୍ଥାନ ନିକଟ ହେବାରୁ ମୁଁ ସିଟ୍‌ରୁ ଉଠି ଓହ୍ଲାଇବାକୁ ପ୍ରସ୍ତୁତ ହେଲି । ସେ ବ୍ୟକ୍ତି ସେମିତି ଠିଆ ହୋଇଥାନ୍ତି । ମୋତେ ପଛରୁ ଡାକି କହିଲେ — ‘ଏଇଟା ଛାଡ଼ି ଦେଇ ଯାଉଛନ୍ତି ।’ କ’ଣ ରହିଗଲା ବୋଲି ମୁଁ ପଛକୁ ଅନାଇଲି । ମୋର କୌଣସି ଜିନିଷ ଦେଖି ନ ପାରି ପଚାରିଲି— ‘କୋଉଟା ?’ ସେ କହିଲେ— ‘ଆପଣଙ୍କ ସିଟ୍‌ଟା ।’ ମୁଁ ଦେଖିଲି ଯେ ମୁଁ ତାଙ୍କୁ ସିଟ୍‌ରୁ ଯେଉଁ ଉଠାଇ ଦେଇଥିଲି, ସେଥିପାଇଁ ସେ ପର୍ଯ୍ୟନ୍ତ ସେ ରାଗିକି ଥାଆନ୍ତି, ତାଙ୍କ ରାଗ ଶାନ୍ତ ହୋଇନଥାଏ । ସେ ପୁନର୍ବାର କହିଲେ— ‘ଆପଣଙ୍କ ସିଟ୍‌ଟା ନେଇଯାଉନାହାନ୍ତି ।’ ମୁଁ ଆଉ କ’ଣ କହିବି ? ଶାନ୍ତ ଭାବରେ ଉତ୍ତର ଦେଲି — ‘ଦେଖନ୍ତୁ ଆଜ୍ଞା ! ଏ ସିଟ୍‌ଟା ମୋର.... । ମୁଁ ଏତିକି କହିଛି ସେ ମଝିରୁ ଝାମ୍ପିପଡ଼ିଲେ । କହିଲେ— ‘ମୁଁ ବି ତ ସେଇ କଥା କହୁଛି । ଆପଣଙ୍କ ସିଟ୍‌ଟା ବି ସାଙ୍ଗରେ ନେଇଯାଆନ୍ତୁ ।’ ମୁଁ କହିଲି — ‘ଆଜ୍ଞା ! ମୋତେ ବାକ୍ୟ ପୂରଣ କରିବାକୁ ଦିଅନ୍ତୁ ।’

'କ'ଣ ବାକ୍ୟ ପୂରଣ କରିବେ ? ଆପଣଙ୍କ ସିଟ୍ ତ ନେଇକି ଯିବେ।' ସେ ଫେରେ ଦୋହରେଇଲେ। ମୁଁ କହିଲି — 'ଏ ସିଟ୍ ମୋର ଥିଲା ସୁନ୍ଦରଗଡ଼ରୁ ରାଉରକେଲା ଯାଏଁ। ଏ ସିଟ୍ ମୋର ଥିଲା, ବର୍ତ୍ତମାନ ନାହିଁ। ଯେତିକି ଦୂର ପାଇଁ ପଇସା ଦେଇଥିଲି, ସେତିକି ଦୂର ପର୍ଯ୍ୟନ୍ତ ମୋର ଥିଲା। ପଇସା ସରିଗଲା। ବର୍ତ୍ତମାନ ମୋର ନୁହେଁ।'

ସେହିଭଳି ଭାବରେ ଆମେ ଦେଖୁଛେ ଯେ କୌଣସି କାର୍ଯ୍ୟାଳୟ ଆଗରେ ଲେଖା ହୋଇଥାଏ- Office of the ଅମୁକ Officer — ଅଫିସ୍‌ଟି ଅମୂକ ଅଫିସରଙ୍କର। ଅଫିସ୍‌ର ସବୁ ଜିନିଷ ଅଫିସରଙ୍କର। ଅଫିସ୍‌ର ଚୌକି, ଟେବୁଲ ଆଦି ସବୁ ଜିନିଷ ସେ ବ୍ୟବହାର କରିପାରିବେ। କେତେ ଦିନ ପର୍ଯ୍ୟନ୍ତ ? କେଉଁ କାମ ପାଇଁ ?

**ପ୍ର.କ.—** ଯେତେଦିନ ପର୍ଯ୍ୟନ୍ତ ସିଏ ସେଇଠି ସେଇ ପୋଷ୍ଟରେ ଅଛନ୍ତି। ଯେଉଁ କାମ ପାଇଁ ଦିଆଯାଇଛି।

**ସ୍ୱାମୀଜୀ —** ଯେତେଦିନ ପର୍ଯ୍ୟନ୍ତ ସିଏ ସେଇ ପଦବୀରେ ଅଛନ୍ତି, ସ୍ଥାନାନ୍ତରଣ ହୋଇନାହାନ୍ତି କି ଅବସର ନେଇନାହାନ୍ତି ଏବଂ ଦ୍ୱିତୀୟରେ ଯେଉଁ କାମ ପାଇଁ ତାଙ୍କୁ ତାହା ଦିଆଯାଇଛି। ଯଦି ସ୍ଥାନାନ୍ତରଣ ପରେ କି ଅବସର ପରେ ବି ସେ ସେହି କାର୍ଯ୍ୟାଳୟର ଜିନିଷ ବ୍ୟବହାର କରିବେ ଅଥବା ବ୍ୟକ୍ତିଗତ ଆଦି ଅନ୍ୟ କାର୍ଯ୍ୟ ପାଇଁ ସେ ସବୁ ବ୍ୟବହାର କରିବେ ତେବେ ତାଙ୍କୁ କୈଫୟତ ତଲବ କରାଯିବ।

ସେହିଭଳି ଆମକୁ ସଂସାରର ପଦାର୍ଥ ବ୍ୟବହାର କରିବାରେ, ଭୋଗ କରିବାରେ ମନା ନାହିଁ। ଭୋଗ ତ ଜୀବନ ଥିବା ଯାଏ ଚାଲିବ। ଭୋଗ କରିବାରେ ଦୁଃଖ ନାହିଁ, ଭୋଗରେ ଲାଖିଯିବାରେ ଅଛି ଏବଂ ଭୋଗକୁ ମର୍ଯ୍ୟାଦିତ ନ କରି ଅମର୍ଯ୍ୟାଦିତ କରିବାରେ ଅଛି, ଅନୁଚିତ ଉପାୟରେ କରିବାରେ ଅଛି। ଶୀତ ଲାଗିଲେ ହାତକୁ ନିଆଁଠୁ ଉଚିତ ଦୂରତାରେ ରଖି ସେକିଲେ ସୁଖ ମିଳିବ, କିନ୍ତୁ ନିଆଁ ଭିତରେ ହାତ ପୂରାଇଲେ ପୋଡ଼ିଯିବ। ମାଛିଟିଏ ଚିନି ସିରା ଖାଇବା ପାଇଁ ସିରାର ପାର୍ଶ୍ୱରେ ବସିଲେ ଠିକ୍। କିନ୍ତୁ ଲୋଭରେ ସିରା ଭିତରେ ପଶିଗଲେ ସମାପ୍ତ ହୋଇଯିବ। **ଅତଏବ ତ୍ୟାଗପୂର୍ବକ ଭୋଗ ହେଲା ଉଚିତ ଉପାୟରେ, ଉଚିତ ସମୟରେ, ଉଚିତ ପରିମାଣରେ ଭୋଗ କରିବା। ଏହା ହିଁ ଉଚିତ ବ୍ୟବହାର, ଜୀବନ ଜୀଇଁବାର କଳା।**

**ପ୍ର.କ.—** ବହୁତ କ୍ଲିଷ୍ଟ ସିଦ୍ଧାନ୍ତ 'ତ୍ୟାଗପୂର୍ବକ ଭୋଗ'କୁ ଅତି ସରଳ ରୂପେ ବୁଝାଇଲେ। ଆଶା ପ୍ରତିଟି ଦର୍ଶକ ବନ୍ଧୁ ଉପକୃତ ହୋଇଥିବେ। ଏହାକୁ ଜୀବନରେ ରୂପାୟିତ କରିବେ।

ଉପସ୍ଥାପନା

**ଡଃ. ଲଳିତମଞ୍ଜରୀ ଦାସ**

**ଗାୟତ୍ରୀ ପାଣିଗ୍ରାହୀ**

❖❖❖

## ବିଶେଷ ସୂଚନା

ଶ୍ରୁତିସୌରଭର ସଦସ୍ୟମାନଙ୍କୁ ଜନ୍ମଦିନର ଶୁଭେଚ୍ଛା SMS ଯୋଗେ ଜ୍ଞାପନ କରାଯିବାର ବ୍ୟବସ୍ଥା କରାଯାଉଛି। କିନ୍ତୁ ଅର୍ଦ୍ଧାଧିକ ସଦସ୍ୟ ସେମାନଙ୍କ ଜନ୍ମ ତାରିଖ ଦେଇନାହାନ୍ତି। ଏଣୁ ଯେଉଁ ସଦସ୍ୟମାନେ ସେମାନଙ୍କ ଜନ୍ମତାରିଖ ଆବେଦନ ପତ୍ରରେ ଦେଇନାହାନ୍ତି ସେମାନଙ୍କୁ ବିନମ୍ର ନିବେଦନ ଯେ ସମସ୍ତେ ସେମାନଙ୍କ Name - ଓ Date of Birth - କୁ E-mail, Whatsapp ଅଥବା SMS ଯୋଗେ ନିମ୍ନ ଠିକଣାରେ ପଠାନ୍ତୁ —

E-mail : shrutisourabha@gmail.com
SMS : 8908005115 / 9861335321 / 8249312548
Whatsapp : 8908005115 / 8249312548

*– ସମ୍ପାଦକ*

## କିଶୋର ଜୀବନ ସୌରଭ :

# ଦାନୀ ହୁଅ

**ସ୍ୱାମୀ ଜଗଦୀଶ୍ୱରାନନ୍ଦ ସରସ୍ୱତୀ**

ସବୁ ମତ, ପନ୍ଥ ଏବଂ ଗ୍ରନ୍ଥରେ ଦାନ ଦେବାର ମହିମା ଭରି ରହିଛି । ବେଦରେ ତ ଏକଥା ପର୍ଯ୍ୟନ୍ତ କୁହାଯାଇଛି—

**ନ ତଦକୋ ଅସ୍ତି ।** (ଋକ୍. ୧୦:୧୧୭:୪)

ଅଦାତାର ଘର ଘର ନୁହେଁ ।

ଅଥର୍ବ ବେଦରେ ଅଛି —

**ଶତହସ୍ତ ସମାହର ସହସ୍ରହସ୍ତ ସଂକିର ।**

(ଅଥର୍ବ. ୩:୨୪:୫)

ହେ ମାନବ! ତୁମେ ଶହେଟା ହାତରେ ରୋଜଗାର କର ଏବଂ ହଜାର ହାତରେ ଦାନ କର ।

ଯୁବକମାନେ! ତୁମେମାନେ ମଧ୍ୟ ଦାନ ଦେଇ ଦାନୀ ହୁଅ । ସେ ଦାନୀ ମଧ୍ୟ କିପରି ? କବିବର ରହୀମ ପରି —

ରହୀମ୍ ଜଣେ ନବାବ ଥିଲେ । ସେ ପ୍ରତିଦିନ ଦାନ ଦେଉଥିଲେ । ଦାନ ଦେବାର ଏହା ନିୟମ ଥିଲା କି ଟଙ୍କା-ପଇସା ଗୋଟିଏ ସ୍ଥାନରେ ଜମା କରୁଥିଲେ ଏବଂ ଆଖି ତଳକୁ କରି ସେହି ଗଦାରୁ ମୁଠାଭର୍ତ୍ତି କରି ମାଗୁଥିବା ବ୍ୟକ୍ତିକୁ ଦେଇଚାଲନ୍ତି । ଦିନେ ଗଙ୍ଗ କବି ମଧ୍ୟ ସେଠାରେ ଉପସ୍ଥିତ ଥିଲେ । ସେ ଦେଖିଲେ ଯେ ଜଣେ ଲୋକ ୨-୩ ଥର ନେଇସାରିଲାଣି, ପରନ୍ତୁ ରହିମ୍ ପୁଣି ତାକୁ ଦେଉଛନ୍ତି । ଏହି ଦୃଶ୍ୟ ଦେଖି ଗଙ୍ଗକବି ପଚାରିଲେ —

**ସୀଖେ କହାଁ ନବାବଜୁ ଦେନୀ ଐସୀ ଦେନ୍?**
**ଜ୍ୟୋଁ ଜ୍ୟୋଁ କର ଊଁଚେ ଚଢ଼େଁ ତ୍ୟୋଁ ତ୍ୟୋଁ ନୀଚେ ନୈନ୍ ॥**

ଯେତେଯେତେ ଅଧିକା ଦେଉଛ ସେତେ ସେତେ ତଳକୁ ଆଖି ହୋଇଯାଉଛି । ତାହା ଶୁଣି ରହୀମ୍ ବଡ଼ ନମ୍ରତାରେ ଉତ୍ତର ଦେଲେ—

**ଦେନେ ହାରା ଔର୍ ହୈ ଜୋ ଦେତା ଦିନ୍ ରୈନ୍ ।**
**ଲୋଗ୍ ଭରମ୍ ହମ୍ ପୈ କରେଁ ୟା ବିଧି ନୀଚେ ନୈନ୍ ॥**

ଭାଇ ! ଦାନ ଦେବା ବାଲା ତ ଜଣେ ହିଁ ଏ ସଂସାରରେ ଯିଏ କି ଦିନ ରାତି ସମସ୍ତଙ୍କୁ ଦେଇ ଚାଲିଛନ୍ତି । କିନ୍ତୁ ବାହାରୁ ଦେଖି ଲୋକ ମୋତେ ଦାତା ବୋଲି ଭାବୁଛନ୍ତି । ତେଣୁ ଲାଜରେ ମୋ ଆଖି ତଳକୁ ହୋଇଯାଉଛି ।

ଦାନ ଦିଅ ଏବଂ ନମ୍ରତା ପୂର୍ବକ ଦିଅ । କ୍ରୋଧ ଜର୍ଜରିତ ହୋଇ, ଈର୍ଷାରେ, ଦ୍ୱେଷରେ ବାଡ଼େଇ-କଚାଡ଼ି ହୋଇ କି ଦୁଃଖୀ ହୋଇ ଦିଅନାହିଁ । ଗୀତାରେ କୁହାଯାଇଛି—

**ଅଶ୍ରଦ୍ଧୟା ହୁତଂ ଦତ୍ତଂ ତପସ୍ତପ୍ତଂ କୃତଂ ଚ ୟତ୍ ।**
**ଅସଦିତ୍ୟୁଚ୍ୟତେ ପାର୍ଥ ନ ଚ ତତ୍ପ୍ରେତ୍ୟ ନୋ ଇହ ॥**

(ଗୀତା. ୧୭:୨୮)

ହେ ଅର୍ଜୁନ! ଅଶ୍ରଦ୍ଧାରେ କରାଯାଇଥିବା ଯଜ୍ଞ, ଦାନ, ତପ ଏବଂ ଯାହାକିଛି କର୍ମ ସେ ସବୁ ବ୍ୟର୍ଥ ହୁଏ । ଶ୍ରଦ୍ଧା ରହିତ କର୍ମର ନା ଏହି ଲୋକରେ ଫଳ ମିଳିଥାଏ ନା ପରଲୋକରେ । ଏଣୁ ଶ୍ରଦ୍ଧା ସହକାରେ ଦାନ କର ।

**"ହସ୍ତସ୍ୟ ଭୂଷଣଂ ଦାନମ୍"**- ହାତର ଭୂଷଣ କଙ୍କଣ ନୁହେଁ ବରଂ ଦାନ । ଏଣୁ ଦାନ ଦିଅ, ଦାନୀ ହୁଅ ।

ଦାନର ମହିମା ବର୍ଣ୍ଣନା କରି ମହାତ୍ମା ବିଦୁର କହିଛନ୍ତି —

**ଦ୍ୱାବମ୍ଭସି ନିବେଷ୍ଟବ୍ୟୌ ଗଲେ ବଧ୍ୱା ଦୃଢ଼ାଂ ଶିଲାମ୍ ।**
**ଧନବନ୍ତମଦାତାରଂ ଦରିଦ୍ରଂ ଚାତପସ୍ୱିନମ୍ ॥**

(ବିଦୁର ପ୍ରଜାଗର. ୩୩:୬୦)

ଦୁଇ ପ୍ରକାର ବ୍ୟକ୍ତିଙ୍କ ଗଳାରେ ଦୃଢ଼ ପଥର ବାନ୍ଧି ଜଳରେ ବୁଡାଇ ଦେବା ଉଚିତ । ୧. ଦାନ ଦେଉ ନ ଥିବା ଧନିକ ଏବଂ ୨. ତପ-ପରିଶ୍ରମ କରୁନଥିବା ଦରିଦ୍ର ।

ଏହି ଧନ ସର୍ବଦା କାହା ପାଖେ ରହେ ନାହିଁ । ଭର୍ତ୍ତୃହରି କହିଛନ୍ତି —

**ଦାନଂ ଭୋଗୋ ନାଶସ୍ତିସ୍ରୋ ଗତୟୋ ଭବନ୍ତି ବିତ୍ତସ୍ୟ ।**
**ୟୋ ନ ଦଦାତି ନ ଭୁଂକ୍ତେ ତସ୍ୟ ତୃତୀୟା ଗତିର୍ଭବତି ॥**

(ନୀତି. ୪୨)

ଦାନ, ଭୋଗ ଏବଂ ନାଶ - ଧନର ତିନିଟି ଗତି ଅଛି । ଯିଏ ଧନ ଦାନ କରେ ନାହିଁ କି ଉପଭୋଗ କରେ ନାହିଁ ତାହାର ଧନର ତୃତୀୟ ଗତି ହୋଇଥାଏ ଅର୍ଥାତ୍ ନଷ୍ଟ ହୋଇଯାଏ ।

ପ୍ରିୟ ଯୁବକଗଣ! ତୁମେମାନେ କହିପାର କି ଆମ ପାଖରେ ଧନ ନାହିଁ । ଆମେ ତ ରୋଜଗାର କରିନୁ, ତେଣୁ ଦେବୁ କେମିତି ? ଚିନ୍ତିତ ହୁଅ ନାହିଁ । ତୁମକୁ ଯାହାକିଛି ବି ପକେଟ୍ ଖର୍ଚ୍ଚ ମିଳୁଛି ସେଥିରୁ କିଛି ଦେବା ପାଇଁ ଅଭ୍ୟାସ କର ।

ପ୍ରତ୍ୟେକ ବ୍ୟକ୍ତି ଅନ୍ୟୂନ ଅନ୍ୟକୁ କ'ଣ ଦେଇପାରିବ ସେ କଥା ଜଣେ କବି ଲେଖିଥିଲେ—

ପଡ଼ୋଶୀଙ୍କୁ ପ୍ରେମ ଦିଅ - ମିତ୍ରଙ୍କୁ ସତ୍ୟହୃଦୟ ଦିଅ
ମାନହୀନକୁ ମାନ, ଭୟାଳୁ କୁ ଅଭୟ ଦିଅ
ଭକ୍ତିପୂତ ମନରେ ପିତାଙ୍କୁ ଦିଅ ଆଦର ।
ଭାଇ ଭଉଣୀକୁ ଦିଅ ସମ୍ପତ୍ତି ସାଦର ।
ନିଜକୁ ଦିଅ ଶୁଭ ଆଚରଣ ପିଲାମାନଙ୍କୁ ଦିଅ ଶିକ୍ଷା
ଦୀନ ଜନଙ୍କୁ ଦିଅ ତାଙ୍କର ପ୍ରାପ୍ୟ ବିଚାରି ସୁଭିକ୍ଷା
ନିଜକୁ ଦିଅ ଇଜ୍ଜତ, ସେବା ଦିଅ ଲୋକମାନଙ୍କୁ
ପ୍ରଭୁଙ୍କର ପାବନ ଚରଣରେ ଦେଇ ଦିଅ ନିଜ ମନକୁ ॥

ଅନ୍ୟ ଜଣେ କବି କହିଛନ୍ତି—

ଶରୀର ଦ୍ୱାରା ସେବା କର, ମନଦ୍ୱାରା ଭଲ ବିଚାର ।
ଧନଦ୍ୱାରା ଏହି ସଂସାରରେ କର ପର-ଉପକାର ॥

ଥରେ ଜଣେ ତୁଳାବିକାଳୀ ମହର୍ଷି ଦୟାନନ୍ଦଙ୍କ ପାଖକୁ ଗଲା ଏବଂ କହିଲା— "ମହାରାଜ ! ମୁଁ ବହୁତ ଗରୀବ, ଦାନ ଦେଇପାରିବି ନାହିଁ, ମୋର ଉଦ୍ଧାର କିପରି ହେବ ?" ସ୍ୱାମୀଜୀ ତାକୁ ସାନ୍ତ୍ୱନା ଦେଇ କହିଲେ, " ଯାହାର ଯେତିକି ତୁଳା ନେବ, ତାକୁ ଭିଣି ସେତିକି ହିଁ ଫେରାଇଦେବ । ସଙ୍କୋଚତାର ସହ କାମ କର । ଯଦି କିଛି ଦେଇ ପାରିବ ନାହିଁ ତେବେ ମନରେ ହିଁ ଅନ୍ୟର ମଙ୍ଗଳ କାମନା କର । ଏହାଦ୍ୱାରା ତୁମର କଲ୍ୟାଣ ହେବ ।"

ତୁମେମାନେ ତ ଅନ୍ୟମାନଙ୍କ ମଙ୍ଗଳ କାମନା କରିପାରିବ । ଯଦି କାହାକୁ କିଛି ଦେଇ ନ ପାରିବ ତେବେ କାହା ପ୍ରତି ଈର୍ଷା, ଦ୍ୱେଷ ଏବଂ ଘୃଣା ଭାବନା ରଖ ନାହିଁ ।

ଦାନ ଦେବା ଦ୍ୱାରା ସ୍ୱାର୍ଥ ଭାବନା ଦୂର ହୋଇ ଆତ୍ମାର ବିକାଶ ହୋଇଥାଏ । ଏଣୁ ତୁମର ସର୍ବଦା ଏହି ଭାବନା ହେବା ଉଚିତ ।

**ଦତ୍ତାନ୍ମା ଯୂଷମ୍ ।** (ଅଥର୍ବ. ୬:୧୨୩:୪)
ମୁଁ ଦାନ ଦେବା କଦାପି ଛାଡ଼ିବି ନାହିଁ ।

ଭାଷାନ୍ତର

**ଡଃ. ବସନ୍ତ କୁମାର ଦାସ**

❖❖❖

**ସିଦ୍ଧାନ୍ତ ଚର୍ଚ୍ଚା :**

# ଦୁଃଖର କାରଣ ସ୍ୱ-ସ୍ୱାମୀ-ସମ୍ବନ୍ଧ

**ସ୍ୱାମୀ ବିବେକାନନ୍ଦ ପରିବ୍ରାଜକ**

ମଣିଷ ପାଖରେ ଅନେକ ପ୍ରକାର ଜିନିଷ ଥାଏ । ସେଗୁଡ଼ିକୁ ସେ ନିଜର ସମ୍ପତ୍ତି ବୋଲି ଭାବେ । ସେ ସମ୍ପତ୍ତିକୁ ଶାସ୍ତ୍ରରେ 'ସ୍ୱ' ବୋଲି କୁହାଯାଏ । ବ୍ୟକ୍ତି ନିଜକୁ ସେହି ସମ୍ପତ୍ତି(ସ୍ୱ)ର ମାଲିକ ବୋଲି ଧରିନିଏ । ଏହି ମାଲିକକୁ 'ସ୍ୱାମୀ' କୁହାଯାଏ । ଏହିପରି ଭାବରେ ମନୁଷ୍ୟ ନିଜର ସମ୍ପତ୍ତି ଓ ନିଜ ମଧ୍ୟରେ ଏକ ସଂପର୍କ ଯୋଡ଼ିନିଏ - ତାହା ହେଉଛି ସମ୍ପତ୍ତି ଓ ମାଲିକର ସମ୍ବନ୍ଧ । ଏହାକୁ 'ସ୍ୱ-ସ୍ୱାମୀ-ସମ୍ବନ୍ଧ' କୁହାଯାଏ ।

ମଣିଷ ପାଖରେ କିଛି ଜଡ଼ ବସ୍ତୁ ଥାଏ । ଏହା ମଧ୍ୟ ଦୁଇ ପ୍ରକାର ହୋଇଥାଏ - ୧. ବାହ୍ୟ ଏବଂ ୨. ଆନ୍ତରିକ ।

୧. ବାହ୍ୟ ଜଡ଼ ବସ୍ତୁ - ଜମି, ଘର, ଧନ, ବସ୍ତ୍ର, ଅଳଙ୍କାର, ଶେଯପଟା, ବାସନକୁସନ, ପୁସ୍ତକ ଇତ୍ୟାଦି ।

୨. ଆନ୍ତରିକ ଜଡ଼ ବସ୍ତୁ - ଶରୀର, ମନ, ଇନ୍ଦ୍ରିୟ, ବୁଦ୍ଧି ଇତ୍ୟାଦି ।

ମଣିଷ ଏହି ଉଭୟ ପ୍ରକାର ଜଡ଼ ବସ୍ତୁକୁ ନିଜର ସମ୍ପତ୍ତି ବୋଲି ଭାବେ ଓ ନିଜକୁ ସେ ସବୁର ମାଲିକ ବୋଲି ଧରିନିଏ । ଯେହେତୁ ସେ ନିଜକୁ ସେହି ଜଡ଼ବସ୍ତୁର ମାଲିକ ବୋଲି ଭାବେ, ତେଣୁ ସେହି ବସ୍ତୁଗୁଡ଼ିକ ପ୍ରତି ତା'ର ଆସକ୍ତି ଉତ୍ପନ୍ନ ହୁଏ । 'ଏସବୁ ମୋର ଜିନିଷ, ମୁଁ ଏସବୁ କାହାକୁ ଦେବି ନାହିଁ ।' ଏହି ପ୍ରକାର ମମତ୍ୱ ଭାବ ତା'ର ଉତ୍ପନ୍ନ ହୋଇଥାଏ । ଏହି ବସ୍ତୁଗୁଡ଼ିକ ପ୍ରତି ତା'ର ମମତ୍ୱଭାବ ଜାଗ୍ରତ ହେବା ଯୋଗୁଁ ସେଗୁଡ଼ିକ କାଳେ ନଷ୍ଟ ହୋଇଯିବ ବୋଲି ମନ ବିବ୍ରତ ହୁଏ । ଯଦି ସେହି ବସ୍ତୁରୁ କୌଣସି ବସ୍ତୁ ନଷ୍ଟ ହୋଇଯାଏ, ତାକୁ ଦୁଃଖ ମଧ୍ୟ ହୋଇଥାଏ । ଏହି ମମତ୍ୱକୁ ହିଁ 'ସ୍ୱ-ସ୍ୱାମୀ-ସମ୍ବନ୍ଧ' ବୋଲି କୁହାଯାଏ ।

ଏହି 'ସ୍ୱ-ସ୍ୱାମୀ-ସମ୍ବନ୍ଧ' କାରଣରୁ ମଣିଷ ମନରେ 'ଅଭିମାନ' ନାମକ ଦୋଷ ଉତ୍ପନ୍ନ ହୁଏ । ସେ ଭାବେ ଯେ 'ମୋ ପାଖରେ ଏତେଗୁଡ଼ିଏ ଜିନିଷ ଅଛି । ଏ ସବୁ ମୋର । ଅନ୍ୟ ପାଖରେ କ'ଣ ଅଛି ? କିଛି ବି ନାହିଁ । ଅଥବା ମୋ ତୁଳନାରେ ବହୁତ କମ୍ ଇତ୍ୟାଦି । ଏହି ଅଭିମାନ ତା' ମନରେ ଅନ୍ୟ ପ୍ରତି ଘୃଣା ଉତ୍ପନ୍ନ କରିଥାଏ । ସେ ଅନ୍ୟକୁ ହୀନ (ନିକୃଷ୍ଟ) ଏବଂ ନିଜକୁ ନିଜେ ଉତ୍ତମ ମନେ କରେ । ଏହା ଦ୍ୱାରା ସେ ଅନ୍ୟ ପ୍ରତି ଯଥାଯୋଗ୍ୟ ବ୍ୟବହାର (ନ୍ୟାୟ) କରିପାରେ ନାହିଁ ଏବଂ ଅନ୍ୟାୟ ଆଚରଣ କରିଥାଏ । ଏହାର ପରିଣାମ ଏପରି ହୁଏ ଯେ ସେ ଯମ-ନିୟମର ଆଚରଣ ମଧ୍ୟ ଠିକ୍ ଭାବେ କରିପାରେ ନାହିଁ ତଥା ଈଶ୍ୱରଙ୍କଠାରୁ ମଧ୍ୟ ଦୂରେଇ ଯାଏ ।

ଜଡ଼ ବସ୍ତୁ ଛଡ଼ା ମଣିଷ ନିକଟରେ କିଛି ଚେତନ ପ୍ରାଣୀ ମଧ୍ୟ ଥାଆନ୍ତି, ଯାହାକୁ ସେ 'ନିଜର' ବୋଲି ମନେକରେ । ଯେମିତି କି ପରିବାରର ସଦସ୍ୟ ମା', ବାପା, ଭାଇ-ଭଉଣୀ, ପୁଅ-ଝିଅ, ନାତି-ନାତୁଣୀ ଇତ୍ୟାଦି । ଏହି ସମସ୍ତ ଚେତନ ପ୍ରାଣୀଙ୍କୁ ସେ ନିଜର (ନିଜ ସମ୍ପତ୍ତି ରୂପରେ ଅଥବା ନିଜ ଆତ୍ମାର ଅଂଶ) ବୋଲି ମନେ କରେ । ଯଦି ତାକୁ କେହି କହେ ଯେ- 'ଧର୍ମରକ୍ଷା ନିମନ୍ତେ ନିଜର ଗୋଟିଏ ପୁଅକୁ ଦେଇଦିଅ ।' ସେ ତାକୁ ଦିଏ ନାହିଁ । ସେ ଭାବେ ଯେ, ' ଇଏ ମୋର ପୁଅ । ମୁଁ ମୋ ନିଜର ସୁଖ ପ୍ରାପ୍ତି ନିମନ୍ତେ ତାକୁ ଜନ୍ମ ଦେଇଛି । ଅନ୍ୟ ପାଇଁ ଜନ୍ମ ଦେଇ ନାହିଁ ।' ଏହାକୁ 'ସ୍ୱ-ସ୍ୱାମୀ-ସମ୍ବନ୍ଧ' କୁହାଯାଏ । ବ୍ୟକ୍ତି ସେହି ପୁଅ ଉପରେ ଅଥବା ପୂର୍ବୋକ୍ତ ନିଜର କୌଣସି ଜଡ଼ ବସ୍ତୁ ଉପରେ ନିଜର ହିଁ ଏକାଧିକାର

ବଜାୟ ରଖିବାକୁ ଚାହେଁ । ସେ ତାକୁ କେବଳ ନିଜର ହିଁ ସୁଖ ପାଇଁ ଉପଯୋଗ କରିବାକୁ ଇଚ୍ଛା କରେ । ଯଦି କେବେ କୌଣସି ସାମାଜିକ କାର୍ଯ୍ୟ ନିମନ୍ତେ ସେ ଏହି ବସ୍ତୁକୁ ଦେଇଥାଏ, ତେବେ ଲୋକୈଷଣା, ବିତ୍ତୈଷଣା, ପୁତ୍ରେଷଣା ଆଦି ଦ୍ୱାରା ପ୍ରଭାବିତ ହୋଇ ଦେଇଥାଏ । ନିଷ୍କାମ ଭାବରେ ତାହା ସେ ଦେଇପାରେ ନାହିଁ । କାରଣ ସେ ଏପରି ମାନି ନେଇଥାଏ ଯେ ଏ ସମସ୍ତ ବସ୍ତୁ ଓ ବ୍ୟକ୍ତି ମୋର ଅଟନ୍ତି । ମୁଁ ଏହା ଅନ୍ୟର ସୁଖ ନିମନ୍ତେ କାହିଁକି ଦେବି ? ଯଦି ଦେବି ମଧ୍ୟ, ତେବେ ତାହା ବଦଳରେ ମୋତେ କିଛି ଧନ-ସମ୍ମାନ ଆଦି ମିଳିବା ଉଚିତ ।' ଅନେକ ଥର ଏଭଳି ଏଷଣା ଏତେ ସୂକ୍ଷ୍ମ ହୋଇଥାଏ ଯେ ବ୍ୟକ୍ତି ବୁଝିପାରେ ନାହିଁ କି ମୁଁ ଏଷଣା ଦ୍ୱାରା ପ୍ରଭାବିତ ହୋଇ ନିଜର ଜିନିଷ ସାମାଜିକ କାର୍ଯ୍ୟ ନିମନ୍ତେ ଦାନ ଦେଉଅଛି । ଏହି ସବୁକୁ 'ସ୍ୱ-ସ୍ୱାମୀ-ସମ୍ବନ୍ଧ' କୁହାଯାଏ ।

ନିଜର ସନ୍ତାନ-ସନ୍ତତିଙ୍କ ଶାରୀରିକ ସମୃଦ୍ଧି ଓ ଧନ-ସମ୍ପତ୍ତିର ବୃଦ୍ଧିକୁ ଦେଖି ବ୍ୟକ୍ତି ଖୁସି ହୁଏ ଏବଂ 'ମୋର ବୃଦ୍ଧି ହେଉଛି' ବୋଲି ଭାବେ । ପୁଣି ପୁତ୍ରର ଶାରୀରିକ ଓ ଧନ ଆଦିର କ୍ଷତି ଦେଖି ଦୁଃଖୀ ହୋଇଥାଏ ଏବଂ 'ମୋର କ୍ଷତି ହେଉଛି' ବୋଲି ଭାବିଥାଏ । ଏହି ସବୁ ଯେଉଁ ଆପଣାର ଭାବ ତା' ଭିତରେ ଜଡ଼ିତ ଥାଏ, ଏହାର ଅର୍ଥ ସେ ପୁତ୍ର ଆଦିଙ୍କୁ ନିଜ ଆତ୍ମାର ଅଂଶ ବୋଲି ମାନିନେଇଛି । ଏଥିପାଇଁ ସେ ସବୁର ବୃଦ୍ଧିକୁ ନିଜର ଆତ୍ମାର ସମୃଦ୍ଧି ଭାବି ଆନନ୍ଦିତ ହୁଏ ଏବଂ ସେ ସବୁର କ୍ଷତି ହେଲେ ନିଜର କ୍ଷତି ଭାବି ଦୁଃଖୀ ହୋଇଥାଏ । ଏହି ସବୁକୁ ମଧ୍ୟ 'ସ୍ୱ-ସ୍ୱାମୀ-ସମ୍ବନ୍ଧ' କୁହାଯାଏ ।

ଏହି ସବୁ ଜଡ଼ ବସ୍ତୁ ଓ ଚେତନ ପ୍ରାଣୀ ବ୍ୟତୀତ ମଣିଷ ପାଖରେ ଆହୁରି ଅନେକ ପ୍ରକାର ବିଦ୍ୟା ଓ କଳା ମଧ୍ୟ ଥାଏ । ଯଥା— ଗଣିତ, ଭୂଗୋଳ, ମହାକାଶ ବିଜ୍ଞାନ, ସଂଗୀତ, ଦର୍ଶନ ବିଦ୍ୟା, ବାଗ୍ମିତା, ଅଧ୍ୟାପନା, ଖାଦ୍ୟ ପ୍ରସ୍ତୁତି (ରୋଷେଇ) ଇତ୍ୟାଦି । ଏହି ଅନେକ ପ୍ରକାର ବିଦ୍ୟା ଓ କଳାକୁ ମଧ୍ୟ ବ୍ୟକ୍ତି ନିଜର ବୋଲି ମାନେ । ଅର୍ଥାତ୍ ସେ ହିଁ ଏହି ସବୁ ବିଦ୍ୟା ଓ କଳାର ଉତ୍ପାଦକ, ରକ୍ଷକ ଓ ସ୍ୱାମୀ ଅଟେ ବୋଲି ମନେ କରିଥାଏ । ଏହା 'ସ୍ୱ-ସ୍ୱାମୀ-ସମ୍ବନ୍ଧ' ଅଟେ । ଏହା ଦ୍ୱାରା ପୁଣି ତା' ଠାରେ ଅଭିମାନ, ଘୃଣା ଆଦି ଦୋଷ ଉତ୍ପନ୍ନ ହୁଏ ଏବଂ ପୂର୍ବ ଭଳି ସେ ଯମ-ନିୟମରୁ ତଥା ଈଶ୍ୱରଙ୍କଠାରୁ ଦୂରେଇ ଯାଏ ।

ବାସ୍ତବରେ ମଣିଷ ପାଖରେ ଯାହା ସବୁ ସମ୍ପତ୍ତି ଅଛି, ତାହା ଜଡ଼ (ଜମି, ଘର, ଧନ, ଶରୀର, ମନ, ବୁଦ୍ଧି ଆଦି) ହେଉ, ଅଥବା ଚେତନ (ପୁତ୍ର, ପୌତ୍ର ) ଆଦି ହେଉ; କିମ୍ବା ବିଦ୍ୟା, କଳା (ଅଧ୍ୟାପନା, ପ୍ରବଚନ ଆଦି) ହେଉ; ଏ ସମସ୍ତ ସମ୍ପତ୍ତି ଈଶ୍ୱରଙ୍କର ଅଟେ, ମନୁଷ୍ୟର ନିଜର ନୁହେଁ । ଏହି ସମସ୍ତ ଜିନିଷ ଈଶ୍ୱର ସୃଷ୍ଟି କରିଛନ୍ତି, ସେ ହିଁ ଏହାର ରକ୍ଷକ ଓ ପାଳକ ଅଟନ୍ତି, ସେ ହିଁ ଏ ସବୁର ବ୍ୟବସ୍ଥାପକ ଅଟନ୍ତି । ଏହି ସବୁର ଆଦିମୂଳ ପରମେଶ୍ୱର ଅଟନ୍ତି । ଈଶ୍ୱର ହିଁ ଏ ସବୁର ସ୍ୱାମୀ ଅଟନ୍ତି; ମନୁଷ୍ୟ କେବଳ ଏହି ସବୁ ବସ୍ତୁର 'ପ୍ରୟୋଗକର୍ତ୍ତା' ଅଟେ । ଈଶ୍ୱର ମନୁଷ୍ୟକୁ କେବଳ 'ପ୍ରୟୋଗ' କରିବା ପାଇଁ ଏହି ସବୁ ବସ୍ତୁ ଓ ବିଦ୍ୟା ଦେଇଛନ୍ତି । କିନ୍ତୁ ମନୁଷ୍ୟ ଭୁଲ୍‌ବଶତଃ ନିଜକୁ ଏହି ସବୁ ବସ୍ତୁ ଓ ବିଦ୍ୟାର ମାଲିକ (ସ୍ୱାମୀ) ବୋଲି ମାନି ନେଇଥାଏ । ଏଥିପାଇଁ ସେ ଦୁଃଖୀ ମଧ୍ୟ ହୋଇଥାଏ । ଏହି 'ସ୍ୱ-ସ୍ୱାମୀ-ସମ୍ବନ୍ଧ' କୁ ଦୂର କରିବା ପାଇଁ ବ୍ୟକ୍ତି ନିଜକୁ ଏହି ସବୁ ବସ୍ତୁ ଓ ବିଦ୍ୟାର ସ୍ୱାମୀ ବୋଲି ମନେ ନ କରି ପ୍ରୟୋଗ କର୍ତ୍ତା ବୋଲି ଭାବିବା ଆବଶ୍ୟକ ।

ଉଦାହରଣ - ଜଣେ ଲୋକ ଏକ କମ୍ପାନୀର ପରିଚାଳକ ରୂପେ କାର୍ଯ୍ୟ କରୁଛନ୍ତି । ତାଙ୍କୁ କମ୍ପାନୀ ତରଫରୁ ପରିଚାଳନା କାର୍ଯ୍ୟ ଆଦି କରିବା ପାଇଁ ଏକ ବଖରା ଘର, ଟେବୁଲ-ଚୌକି, କାଗଜ-କଲମ, ଶୀତ-ତାପ ନିୟନ୍ତ୍ରକ ଯନ୍ତ୍ର, ମୋଟର ଗାଡ଼ି ଆଦି ଦିଆଯାଇଛି । ସେହି ପରିଚାଳକ ଏହି ସବୁ ଜିନିଷକୁ କମ୍ପାନୀର ବୋଲି ଭାବନ୍ତି ଓ ବ୍ୟବହାର ମଧ୍ୟ କରନ୍ତି । ନିଜକୁ ସେହି ସବୁ ଜିନିଷର 'ପ୍ରୟୋଗକର୍ତ୍ତା' ବୋଲି ମାନନ୍ତି, ସ୍ୱାମୀ ବୋଲି ଭାବନ୍ତି ନାହିଁ । ଯଦି କୌଣସି ଲୋକ କମ୍ପାନୀର ଏହି ସବୁ

ଜିନିଷର କୌଣସି ହାନି କରନ୍ତି, ତେବେ ତାଙ୍କଠାରୁ ଏସବୁ ବସ୍ତୁର ସୁରକ୍ଷା ବି କରନ୍ତି । ତଥାପି କମ୍ପାନୀ ହିଁ ଏହି ସବୁ ଜିନିଷର ମାଲିକ ବୋଲି ମାନନ୍ତି । ସୁରକ୍ଷିତ ରଖିବା ପାଇଁ ସମ୍ପୂର୍ଣ୍ଣ ଯତ୍ନଶୀଳ ହେଲେ ମଧ୍ୟ ଯଦି କୌଣସି ଜିନିଷ (ଚୌକି ଆଦି) ଭାଙ୍ଗି ଯାଏ, ତେବେ ତାକୁ ଦୁଃଖ ମଧ୍ୟ ହୁଏ ନାହିଁ । ସେ ଭାବିଥାନ୍ତି ଯେ- 'ମୁଁ ଏହି ଜିନିଷଗୁଡ଼ିକ ବ୍ୟବହାର କଲି । ସେଗୁଡ଼ିକୁ ସୁରକ୍ଷିତ ରଖିବା ପାଇଁ ଚେଷ୍ଟା ମଧ୍ୟ କଲି । ଏ ସବୁର ଯତ୍ନ ଦିଗରେ ମୁଁ ମୋର କର୍ତ୍ତବ୍ୟ ପୂରା କରିଛି । ତଥାପି ଯଦି କୌଣସି ଚୌକିଟିଏ ଭାଙ୍ଗିଗଲା, ତେବେ କମ୍ପାନୀର ଚୌକି ଭାଙ୍ଗିଲା, ମୋର ନୁହେଁ । କମ୍ପାନୀ ମୋ ପାଇଁ ଅନ୍ୟ ଚୌକି ମଗାଇ ଦେବ ।" ଏହି ଭଳି ଭାବେ ସେ ଦୁଃଖୀ ହୁଅନ୍ତି ନାହିଁ । କାରଣ ପରିଚାଳକ ଏ ଚୌକୀ ଆଦି ଜିନିଷର ମାଲିକ (ସ୍ୱାମୀ) କମ୍ପାନୀ ଅଟେ ବୋଲି ମାନନ୍ତି ଏବଂ ନିଜକୁ କେବଳ ପ୍ରୟୋଗକାରୀ ମନେ କରନ୍ତି । ସେ ସେହି ଜିନିଷଗୁଡ଼ିକ ସହିତ 'ସ୍ୱ-ସ୍ୱାମୀ-ସମ୍ବନ୍ଧ' ରଖି ନଥିବାରୁ ତାଙ୍କୁ ଦୁଃଖ ମଧ୍ୟ ହେଲା ନାହିଁ ।

ଏହାର ଅପରପାର୍ଶ୍ୱଟି ବର୍ତ୍ତମାନ ଚିନ୍ତା କରିବା ଯେ- ଯେପରି ଚୌକିଟିଏ ତାଙ୍କ କାର୍ଯ୍ୟାଳୟରେ ଥିଲା, ଠିକ୍ ସେହିପରି ଏକ ଚୌକୀ ତାଙ୍କରି ନିଜ ଘରେ ମଧ୍ୟ ଥିଲା । ଯଦି କୌଣସି ଦିନ ନିଜ ଘରେ ଥିବା ଚୌକୀଟି ଭାଙ୍ଗିଯାଏ, ତେବେ ତାଙ୍କୁ ଦୁଃଖ ଲାଗେ । ସେତେବେଳେ ସେ ଭାବନ୍ତି- 'ଆହା ! ମୋ ଚୌକୀଟି ଭାଙ୍ଗିଗଲା ।' ଘରେ ଥିବା ଚୌକୀ ପ୍ରତି ତାଙ୍କର ସ୍ୱ-ସ୍ୱାମୀ-ସମ୍ବନ୍ଧ ଯୋଡ଼ି ନେଇଥାନ୍ତି, ପରିଣାମସ୍ୱରୂପ ତାଙ୍କୁ ଦୁଃଖ ହୋଇଥାଏ ।

ଏହି ଉଦାହରଣ ଅନୁସାରେ ଆମେ 'ସ୍ୱ-ସ୍ୱାମୀ-ସମ୍ବନ୍ଧ'କୁ କିପରି ଦୂର କରିବା ? ଆମ ପାଖରେ ଯେତେସବୁ ଜଡ଼ ବସ୍ତୁ (ଭୂମି, ଭବନ, ଧନ, ଶରୀର, ବୁଦ୍ଧି, ମନ ଆଦି) ଅଛି; ଚେତନ ପ୍ରାଣୀ (ପୁତ୍ର, ପୌତ୍ର, ଭାଇ-ଭଉଣୀ, ମାତା-ପିତା ଆଦି) ଅଛନ୍ତି; ଏବଂ ବିଦ୍ୟା, କଳା (ଅଧ୍ୟାପନା, ପ୍ରବଚନ, ସଂଗୀତ, ବିଜ୍ଞାନ, ଗଣିତ ଆଦି) ଅଛି 'ଈଶ୍ୱର' ଏହି ସବୁର ସ୍ୱାମୀ ବୋଲି ମାନିବାକୁ ହେବ । ଏଭଳି ମନେ କରିବାକୁ ହେବ ଯେ- ''ଏ ସମସ୍ତ ଜିନିଷ, ବିଦ୍ୟା, କଳା ଆଦି ଈଶ୍ୱର ଆମକୁ 'ବ୍ୟବହାର' କରିବା ପାଇଁ (ସାଂସାରିକ ବ୍ୟବହାରରେ ସଫଳତା ତଥା ମୋକ୍ଷ ପ୍ରାପ୍ତି ନିମନ୍ତେ) ଦେଇଛନ୍ତି । ଏହି ସବୁର ଉତ୍ପାଦକ, ପାଳକ, ରକ୍ଷକ, ବ୍ୟବସ୍ଥାପକ ଓ ସ୍ୱାମୀ ତ ଈଶ୍ୱର ହିଁ ଅଟନ୍ତି । ଆମେ ଈଶ୍ୱର ପ୍ରଦତ୍ତ ଏହି ବସ୍ତୁ ଓ ବିଦ୍ୟାର ପ୍ରୟୋଗ କରିବା, ଏସବୁକୁ ଯଥାଶକ୍ତି ରକ୍ଷା କରିବା, ତାହାର ବୃଦ୍ଧି କରିବା ଏବଂ ଯୋଗ୍ୟ ବ୍ୟକ୍ତିଙ୍କ ନିମନ୍ତେ ତାହା ଉପଯୋଗ କରବା । ଆମ ପ୍ରତି ଈଶ୍ୱରଙ୍କର ଏହା ହିଁ ଆଦେଶ ଅଟେ । ଏହି ସବୁର ରକ୍ଷା ଆଦି କରିବା ସତ୍ତ୍ୱେ ଯଦିବା କୌଣସି ବସ୍ତୁ ନଷ୍ଟ ହୋଇଯାଏ, ତେବେ ତା' ପାଇଁ ଦୁଃଖ କରିବା ନାହିଁ । କାରଣ ଏସବୁ ଜିନିଷ ଈଶ୍ୱରଙ୍କର ଅଟେ, ଆମର ନୁହେଁ ।

ଏହିପରି ଭାବେ 'ସ୍ୱ-ସ୍ୱାମୀ-ସମ୍ବନ୍ଧ'କୁ ଆମକୁ ଦୂର କରିବାକୁ ହେବ । ଯେତେବେଳେ ଏହି ପ୍ରକ୍ରିୟା ଦ୍ୱାରା ଆମେ 'ସ୍ୱ-ସ୍ୱାମୀ-ସମ୍ବନ୍ଧ'କୁ ଦୂର କରି ଦେବା, ସେତେବେଳେ ଆମ ପାଖରେ ଥିବା ଅଭିମାନ, ରାଗ, ଈର୍ଷା-ଦ୍ୱେଷ, ଘୃଣା, ଅନ୍ୟାୟ ଆଦି ସବୁ ଦୋଷ ଦୂର ହୋଇଯିବ । ସେତେବେଳେ ଯମ ଓ ନିୟମର ଆଚରଣ ମଧ୍ୟ ଭଲ ଭାବରେ ହୋଇପାରିବ ଏବଂ ଆମେ ଈଶ୍ୱରଙ୍କ ନିକଟତର ହୋଇଚାଲିବା । ଆମେ ଆନନ୍ଦରେ ଜୀବନ ଯାପନ କରିପାରିବା ଏବଂ ଅନ୍ୟର ଜୀବନରେ ମଧ୍ୟ ଆନନ୍ଦ ଉତ୍ପନ୍ନ କରିପାରିବା । ଈଶ୍ୱରଙ୍କ ନିକଟତର ହୋଇ ଈଶ୍ୱରସାକ୍ଷାତ୍କାର କରି ଆମେ ମୋକ୍ଷ ପ୍ରାପ୍ତି କରିପାରିବା । ◆

ଭାଷାନ୍ତର

**ଡଃ. ଉଷା ପାଢ଼ୀ**

❖❖❖

# ଅଥ ଚତୁର୍ଥସମୁଲ୍ଲାସାରମ୍ଭଃ

## ଅଥ ସମାବର୍ତ୍ତନବିବାହଗୃହାଶ୍ରମବିଧିଂ ବକ୍ଷ୍ୟାମଃ

**ମହର୍ଷି ଦୟାନନ୍ଦ ସରସ୍ୱତୀ**

**ବେଦାନଧୀତ୍ୟ ବେଦୌ ବା ବେଦଂ ବାପି ଯଥାକ୍ରମମ୍ ।**
**ଅବିପ୍ଲୁତବ୍ରହ୍ମଚର୍ଯ୍ୟୋ ଗୃହସ୍ଥାଶ୍ରମମାବିଶେତ୍ ॥ ୧ ॥** (ମନୁ. ୩:୨)

ବ୍ରହ୍ମଚର୍ଯ୍ୟାଶ୍ରମରେ ଯଥାବିଧି ଆଚାର୍ଯ୍ୟଙ୍କ ଆଜ୍ଞାନୁସାରେ ଆଚରଣ କରି, ଧର୍ମପୂର୍ବକ ସାଙ୍ଗୋପାଙ୍ଗ ଚାରିଟି, ତିନୋଟି, ଦୁଇଟି କିମ୍ବା ଗୋଟିଏ ବେଦ ଅଧ୍ୟୟନ କରି ଅଖଣ୍ଡ ବ୍ରହ୍ମଚର୍ଯ୍ୟ ପାଳନ କରିଥିବା ପୁରୁଷ ଓ ସ୍ତ୍ରୀ ଗୃହସ୍ଥାଶ୍ରମରେ ପ୍ରବେଶ କରିବେ ।

**ତଂ ପ୍ରତୀତଂ ସ୍ୱଧର୍ମେଣ ବ୍ରହ୍ମଦାୟହରଂ ପିତୁଃ ।**
**ସ୍ରଗ୍ୱିଣଂ ତଲ୍ପ ଅସୀନମର୍ହୟେତ୍ପ୍ରଥମଂ ଗବା ॥ ୨ ॥** (ମନୁ. ୩:୩)

ସ୍ୱଧର୍ମ ଅର୍ଥାତ୍ ଆଚାର୍ଯ୍ୟ ଓ ଶିଷ୍ୟଙ୍କର ଯାହା ଯଥାର୍ଥ ଧର୍ମ, ସେଥିରେ ଯୁକ୍ତ ହୋଇଥିବା, ପିତା ଅର୍ଥାତ୍ ଜନକ ବା ଅଧ୍ୟାପକଙ୍କଠାରୁ ବ୍ରହ୍ମଦାୟ ଅର୍ଥାତ୍ ବିଦ୍ୟାରୂପୀ ଭାଗ ଗ୍ରହଣକାରୀ ଓ ମାଳା ଧାରଣକାରୀ ଶିଷ୍ୟ ସମାବର୍ତ୍ତନ ସମୟରେ ପଲଙ୍କରେ ଉପବିଷ୍ଟ ସ୍ୱ ଆଚାର୍ଯ୍ୟଙ୍କୁ ପ୍ରଥମେ ଗୋଦାନ ଦ୍ୱାରା ସତ୍କାର କରିବେ । ସେହିପରି ବିବାହ ସଂସ୍କାର ସମୟରେ ଉକ୍ତ ଲକ୍ଷଣଯୁକ୍ତ ବିଦ୍ୟାର୍ଥୀକୁ ବି କନ୍ୟାପିତା ଗୋଦାନ ଦ୍ୱାରା ସତ୍କାର କରିବେ ।

**ଗୁରୁଣାନୁମତଃ ସ୍ନାତ୍ୱା ସମାବୃତ୍ତୋ ଯଥାବିଧି ।**
**ଉଦ୍‌ବହେତ ଦ୍ୱିଜୋ ଭାର୍ଯ୍ୟାଂ ସବର୍ଣ୍ଣାଂ ଲକ୍ଷଣାନ୍ୱିତାମ୍ ॥ ୩ ॥** (ମନୁ. ୩:୪)

ଗୁରୁଙ୍କଠାରୁ ଆଜ୍ଞା ନେଇ ସ୍ନାନ ସାରି, ଗୁରୁକୁଳରୁ ବିଧିମତେ ପ୍ରତ୍ୟାବର୍ତ୍ତନ କରି ବ୍ରାହ୍ମଣ, କ୍ଷତ୍ରିୟ ଓ ବୈଶ୍ୟ ନିଜ-ନିଜ ବର୍ଣ୍ଣାନୁକୂଳ ସୁଲକ୍ଷଣଯୁକ୍ତା କନ୍ୟାକୁ ବିବାହ କରିବେ ।

**ଅସପିଣ୍ଡା ଚ ୟା ମାତୁରସଗୋତ୍ରା ଚ ୟା ପିତୁଃ ।**
**ସା ପ୍ରଶସ୍ତା ଦ୍ୱିଜାତୀନାଂ ଦାରକର୍ମଣି ମୈଥୁନେ ॥ ୪ ॥** (ମନୁ. ୩:୫)

ଯେଉଁ କନ୍ୟା ମାତାଙ୍କ କୁଳର ଛଅ ପିଢ଼ି ଭିତରର ହୋଇନଥିବ ତଥା ପିତାଙ୍କ ଗୋତ୍ରର ହୋଇନଥିବ, ସେହି କନ୍ୟାକୁ ବିବାହ କରିବା ଉଚିତ । ଏପରି କହିବାର ଉଦ୍ଦେଶ୍ୟ ହେଲା ଯେ —

**ପରୋକ୍ଷପ୍ରିୟା ଇବ ହି ଦେବାଃ ପ୍ରତ୍ୟକ୍ଷଦ୍ୱିଷଃ ।** (ଶତପଥ. ୧୪:୧:୧୧:୨)

ଏକଥା ସର୍ବବିଦିତ ଯେ, ପରୋକ୍ଷ ପଦାର୍ଥ ପ୍ରତି ଯେପରି ପ୍ରୀତି ଜାତ ହୁଏ, ପ୍ରତ୍ୟକ୍ଷ ପଦାର୍ଥରେ ସେପରି ହୋଇନଥାଏ । ଯଥା - ଜଣେ ମିଶ୍ରିର ଗୁଣ ବିଷୟରେ ବହୁତ ଶୁଣିଛି, କିନ୍ତୁ କେବେ ଖାଇନାହିଁ, ସେତେବେଳେ ତା' ମନ ସେ ମିଶ୍ରିରେ ହିଁ ଲାଗିରହିଥାଏ । ସେହିପରି କୌଣସି ପରୋକ୍ଷ ବସ୍ତୁର ପ୍ରଶଂସା ଶୁଣିଲେ ତାହା ପାଇବା ପାଇଁ ପ୍ରବଳ ଇଚ୍ଛା ହୁଏ । ତେଣୁ ଦୂରସ୍ଥ ଅର୍ଥାତ୍ ନିଜ ଗୋତ୍ରର କି ମାତାଙ୍କ କୁଳର ନିକଟ ସମ୍ପର୍କୀୟ ହୋଇନଥିବା କନ୍ୟା

ସହ ବରର ବିବାହ ହେବା ଉଚିତ ।

## ନିକଟ ବିବାହରେ ନିମ୍ନଲିଖିତ ଦୋଷ ଓ ଦୂର ବିବାହରେ ନିମ୍ନ ଗୁଣ ପରିଲକ୍ଷିତ ହୋଇଥାଏ

୧. ଯେଉଁ ବାଳକ-ବାଳିକା ପିଲାବେଳରୁ ପରସ୍ପରର ନିକଟରେ ରହିଥାନ୍ତି, ସେମାନେ ପରସ୍ପର ସହ କ୍ରୀଡ଼ା, ଝଗଡ଼ା ଓ ସ୍ନେହ କରିଥାନ୍ତି, ଜଣେ ଅନ୍ୟର ଗୁଣ, ଦୋଷ, ସ୍ୱଭାବ ଓ ପିଲାବେଳର ଭୁଲ୍ ଆଚରଣ ଜାଣିଥାନ୍ତି, ଜଣେ ଅନ୍ୟର ଉଲଗ୍ନ ଅବସ୍ଥା ବି ଦେଖିଥାନ୍ତି । ତେଣୁ ସେମାନଙ୍କ ମଧ୍ୟରେ ବିବାହ ହେଲେ ପାରସ୍ପରିକ ପ୍ରେମ କେବେ ଉତ୍ପନ୍ନ ହୋଇପାରେ ନାହିଁ ।

୨. ଯେପରି ପାଣିରେ ପାଣି ମିଶିଲେ ବିଶେଷ ଗୁଣ ଉତ୍ପନ୍ନ ହୁଏ ନାହିଁ, ସେହିପରି ସମାନ ଗୋତ୍ର, ପିତୃ ବା ମାତୃ କୁଳରେ ବିବାହ ହେଲେ ଶରୀରସ୍ଥ ଧାତୁଗୁଡ଼ିକ ମଧ୍ୟରେ ପାରସ୍ପରିକ ପରିବର୍ତ୍ତନ, ଆଦାନ-ପ୍ରଦାନ ହେଉନଥିବାରୁ ଉତ୍ପନ୍ନ ସନ୍ତାନ ଉନ୍ନତ ହୁଏ ନାହିଁ ।

୩. ଯେପରି କ୍ଷୀରରେ ମିଶ୍ରି ବା ଶୁଣ୍ଠି ଆଦି ଔଷଧ ମିଶାଇଲେ ଉତ୍ତମ ଗୁଣ ଉତ୍ପନ୍ନ ହୁଏ, ସେହିପରି ଭିନ୍ନ ଗୋତ୍ରୀୟ ଓ ପିତୃ-ମାତୃକୁଳରୁ ଅଲଗା ଥିବା ବର-କନ୍ୟାଙ୍କ ବିବାହରେ ଉତ୍ତମ ପରିଣାମ ପ୍ରାପ୍ତ ହୁଏ ।

୪. ଯେପରି ଗୋଟିଏ ସ୍ଥାନର ରୋଗୀ ଅନ୍ୟ ସ୍ଥାନକୁ ଗଲେ ଜଳବାୟୁ ପରିବର୍ତ୍ତନ ଦ୍ୱାରା ତଥା ଖାଦ୍ୟ-ପାନୀୟ ପରିବର୍ତ୍ତନ କରିବା ଦ୍ୱାରା ନୀରୋଗ ହୋଇଥାଏ, ସେହିପରି ଦୂର-ଦୂର ସ୍ଥାନରେ ଥିବା ବର-କନ୍ୟାଙ୍କ ବିବାହ ଦ୍ୱାରା ଉତ୍ତମ ଫଳ ମିଳେ ।

୫. ନିକଟରେ ବିବାହ ସମ୍ବନ୍ଧ ସ୍ଥାପନ କଲେ ଗୋଟିଏ ପରିବାରର ସୁଖ-ଦୁଃଖ, ହାନି-ଲାଭର ଛୋଟ-ଛୋଟ ଘଟଣା ବି ଅନ୍ୟ ପରିବାରକୁ ଜଣାପଡ଼େ । ତଦ୍ଦ୍ୱାରା ଛୋଟ-ଛୋଟ ବିଷୟକୁ ନେଇ ଉଭୟ ପରିବାର ମଧ୍ୟରେ କଳହ-ବିରୋଧ, ମତାନ୍ତରର ସମ୍ଭାବନା ବି ଥାଏ । କିନ୍ତୁ ଦୂର ଦେଶରେ ବନ୍ଧୁ ବାନ୍ଧିଲେ ଏପରି ଅଶାନ୍ତିର ସମ୍ଭାବନା ନଥାଏ । ତା' ଛଡ଼ା ଉଭୟଙ୍କ ମଧ୍ୟରେ ସ୍ନେହର ବନ୍ଧନ ଦୃଢ଼ତର ହୁଏ ଓ ବନ୍ଧୁତାର ସୂତ୍ର ବି ଦୂର ପର୍ଯ୍ୟନ୍ତ ବିସ୍ତୃତ ହୁଏ, ଯାହାକି ନିକଟରେ ବିବାହ କଲେ ହୋଇନଥାଏ ।

୬. ଦୂର ଦେଶର ସମାଚାର ଓ ଦୂରସ୍ଥ ପଦାର୍ଥମାନଙ୍କ ପ୍ରାପ୍ତି ବି ଦୂର ସ୍ଥାନରେ ସମ୍ବନ୍ଧ ହେବା ଦ୍ୱାରା ସହଜରେ ହୋଇପାରେ । ନିକଟରେ ବିବାହ ହେଲେ ଏହା ହୁଏ ନାହିଁ । ଏଣୁ ନିରୁକ୍ତରେ ଲେଖାଯାଇଛି —

**ଦୁହିତା ଦୁର୍ହିତା ଦୂରେହିତା ଭବତୀତି ।** (ନିରୁକ୍ତ. ୩:୪)

କନ୍ୟାର ନାମ 'ଦୁହିତା' ଏଇଥିପାଇଁ ଯେ ଏହାର ବିବାହ ଦୂର(ଗୋତ୍ର ଓ ସ୍ଥାନ)ରେ ହେଲେ ହିତକର ହୋଇଥାଏ, ନିକଟରେ କଲେ ନୁହେଁ ।

୭. ଝିଅ ବାପ ଘରକୁ ଆସିଲେ ସାଧାରଣତଃ ଝିଅକୁ କିଛି ଦିଆଯାଇଥାଏ । ଝିଅକୁ ନିକଟରେ ବାହା ଦେଇଥିଲେ ଯଦି କନ୍ୟାର ପିତୃକୁଳ ନିର୍ଦ୍ଧନ ହୋଇଥାନ୍ତି, ତେବେ ତାଙ୍କ ଦୁଃଖ ବଢ଼ିଯାଏ । କାରଣ ପାଖରେ ଥିବାରୁ ଝିଅ ଯେତେ ଅଧିକ ଥର ଆସିବ, ସେତେ ସମସ୍ୟା ।

୮. ବିବାହ ସମ୍ବନ୍ଧ ନିକଟରେ ହେଲେ ସ୍ୱାମୀ-ସ୍ତ୍ରୀ ମଧ୍ୟରୁ କେହି ବି ନିଜ ପିତୃକୁଳର ସାହାଯ୍ୟକୁ ନେଇ ଗର୍ବ କରିପାରନ୍ତି । ତା'ଛଡ଼ା ଉଭୟଙ୍କ ମଧ୍ୟରେ କିଛି ବି କଳହ-ମନାନ୍ତର ହେଲେ ସ୍ତ୍ରୀ ତୁରନ୍ତ ବାପଘରକୁ ଚାଲିଯାଇପାରେ । କାରଣ ସ୍ତ୍ରୀମାନଙ୍କ ସ୍ୱଭାବ ପ୍ରାୟତଃ ତୀକ୍ଷ୍ଣ ଓ ମୃଦୁ । ଏପରି ହେଲେ ଦୁଇ ପରିବାର ମଧ୍ୟରେ ପାରସ୍ପରିକ ନିନ୍ଦା,

ବିରୋଧ, ବିଦ୍ୱେଷ ଅଧିକ ହେବ । ଏସବୁ କାରଣରୁ ପିତାଙ୍କ ଗୋତ୍ରରେ, ମାତାଙ୍କ ଛଅ ପୁରୁଷ ମଧ୍ୟରେ ତଥା ନିକଟ ସ୍ଥାନରେ ବିବାହ କରିବା ଉଚିତ ନୁହେଁ ।

## ବିବାହରେ ବର-କନ୍ୟା ପରୀକ୍ଷା

**ମହାନ୍ତ୍ୟପି ସମୃଦ୍ଧାନି ଗୋଽଜାବିଧନଧାନ୍ୟତଃ ।**
**ସ୍ତ୍ରୀସମ୍ବନ୍ଧେ ଦଶୈତାନି କୁଳାନି ପରିବର୍ଜୟେତ୍ ॥ ୧ ॥** (ମନୁ. ୩:୬)

ଧନ, ଧାନ୍ୟ, ଗାଈ, ଛେଳି, ହାତୀ, ଘୋଡ଼ା, ରାଜ୍ୟ, ଐଶ୍ୱର୍ଯ୍ୟ ଆଦିରେ ଯେତେ ସମୃଦ୍ଧ ସେ କୁଳ ହୋଇଥାଉ ପଛକେ ନିମ୍ନଲିଖିତ ଦଶ କୁଳ ସହ ବିବାହ ସମ୍ବନ୍ଧ ସ୍ଥାପନ କରିବା ଅନୁଚିତ ।

**ହୀନକ୍ରିୟଂ ନିଷ୍ପୁରୁଷଂ ନିଷ୍ଛନ୍ଦୋ ରୋମଶାର୍ଶସମ୍ ।**
**କ୍ଷୟ୍ୟାମୟାବ୍ୟପସ୍ମାରିଶ୍ୱିତ୍ରିକୁଷ୍ଠିକୁଲାନି ଚ ॥ ୨ ॥** (ମନୁ. ୩:୭)

ଯେଉଁ କୁଳ ସତ୍‌କ୍ରିୟାହୀନ, ସତ୍‌ପୁରୁଷରହିତ, ବେଦାଧ୍ୟୟନବିମୁଖ, ଯେଉଁ କୁଳର ଲୋକଙ୍କ ଶରୀର ଅତି ଲୋମଶ, ଏବଂ ଯେଉଁ କୁଳରେ ଅର୍ଶ, ଯକ୍ଷ୍ମା, ଶ୍ୱାସ, କାଶ, ଆମାଶୟ, ଅପସ୍ମାର, ଶ୍ୱେତକୁଷ୍ଠ ବା ଗଳିତକୁଷ୍ଠର ପ୍ରାଦୁର୍ଭାବ ଥାଏ ସେ କୁଳର କନ୍ୟା କି ବରକୁ ବିବାହ ନ କରିବା ଉଚିତ । କାରଣ ଏସବୁ ଦୁର୍ଗୁଣ ଓ ରୋଗ ବିବାହ କରୁଥିବା କୁଳରେ ବି ପ୍ରବେଶ କରିଯାଏ । ଏଣୁ ଉତ୍ତମ କୁଳର ପୁଅ ଓ ଝିଅଙ୍କ ମଧ୍ୟରେ ବିବାହ ସମ୍ପର୍କ ସ୍ଥାପିତ ହେବା ଉଚିତ ।

**ନୋଦ୍‌ବହେତ୍‌କପିଲାଂ କନ୍ୟାଂ ନାଽଧିକାଙ୍ଗୀ ନ ରୋଗିଣୀମ୍ ।**
**ନାଲୋମିକାଂ ନାତିଲୋମାଂ ନ ବାଚାଟାଂ ନ ପିଙ୍ଗଳାମ୍ ॥ ୩ ॥** (ମନୁ. ୩:୮)

ପୀତବର୍ଣ୍ଣା, ଅଧିକାଙ୍ଗୀ ଅର୍ଥାତ୍ ବରଠାରୁ ଡେଙ୍ଗୀ-ମୋଟୀ-ଅଧିକ ବଳଶାଳିନୀ, ରୋଗିଣୀ, ଲୋମହୀନା, ଅଧିକ ଲୋମଯୁକ୍ତା, ବହୁଭାଷିଣୀ ଓ ଧୂଷର ଲୋଚନା କନ୍ୟାକୁ ବିବାହ କରିବା ଅନୁଚିତ ।

**ନର୍କ୍ଷବୃକ୍ଷନଦୀନାମ୍ନୀଂ ନାନ୍ତ୍ୟପର୍ବତନାମିକାମ୍ ।**
**ନ ପକ୍ଷ୍ୟହିପ୍ରେଷ୍ୟନାମ୍ନୀଂ ନ ଚ ଭୀଷଣନାମିକାମ୍ ॥ ୪ ॥** (ମନୁ. ୩:୯)

ଋକ୍ଷ ଅର୍ଥାତ୍ ଅଶ୍ୱିନୀ, ଦ୍ୱିଜା, ରୋହିଣୀ, ରେବତୀ, ଚିତ୍ରା ଆଦି ନକ୍ଷତ୍ର ନାମଧେୟା; ତୁଳସୀ, ଗେଣ୍ଡୁ, ଗୋଲାପ, ଚମ୍ପା, ଯାଇ ଆଦି ବୃକ୍ଷ ନାମ ଧାରିଣୀ; ଗଙ୍ଗା, ଯମୁନା ଆଦି ନଦୀ ନାମ ବିଶିଷ୍ଟା; ଚାଣ୍ଡାଳୀ ଆଦି ଅନ୍ତ୍ୟଜା ନାମ ଧାରିଣୀ; ବିନ୍ଧ୍ୟା, ହିମାଳୟା, ପାର୍ବତୀ ଆଦି ପର୍ବତ ନାମଯୁକ୍ତା; କୋକିଳା, ଶାରୀ ଆଦି ପକ୍ଷୀ ନାମବିଶିଷ୍ଟା; ନାଗୁଣୀ, ଭୁଜଙ୍ଗିନୀ ଆଦି ସର୍ପ ନାମଯୁକ୍ତା; ମାଧୋ ଦାସୀ, ମୀରା ଦାସୀ ଆଦି ଦାସୀ ନାମଯୁକ୍ତା ଏବଂ ଭୀମା, ଭୟଙ୍କରୀ, କାଳୀ, ଚଣ୍ଡିକା ଆଦି ଭୟଙ୍କର ନାମଧାରିଣୀ କନ୍ୟା ସହ ବିବାହ ନ କରିବା ଉଚିତ । କାରଣ ଏସବୁ ନାମ ଅସୁନ୍ଦର, କୁତ୍ସିତ ତଥା ଅନ୍ୟାନ୍ୟ ପଦାର୍ଥର ବି ଏସବୁ ନାମ ରହିଛି ।

**ଅବ୍ୟଙ୍ଗାଙ୍ଗୀଂ ସୌମ୍ୟନାମ୍ନୀଂ ହଂସବାରଣଗାମିନୀମ୍ ।**
**ତନୁଲୋମକେଶଦଶନାଂ ମୃଦ୍ୱଙ୍ଗୀମୁଦ୍‌ବହେତ୍‌ସ୍ତ୍ରିୟମ୍ ॥ ୫ ॥** (ମନୁ. ୩:୧୦)

ଯାହାର ଅଙ୍ଗ-ପ୍ରତ୍ୟଙ୍ଗ ସୁଗଠିତ; ଯାହାର ନାମ ସୁନ୍ଦର ଅର୍ଥାତ୍ ଯିଏ ଯଶୋଦା, ସୁଖଦା ଇତ୍ୟାଦି ନାମଧାରିଣୀ; ଯିଏ ହଂସଗାମିନୀ ଓ ଗଜଗାମିନୀ; ଯିଏ ସୂକ୍ଷ୍ମଲୋମଯୁକ୍ତା, ସୁକେଶୀ, ସୁଦନ୍ତୀ ଓ କୋମଳାଙ୍ଗୀ ସେଭଳି କନ୍ୟାକୁ

ବିବାହ କରିବା ଉଚିତ ।

**ପ୍ରଶ୍ନ —** କେଉଁ ବୟସରେ ବିବାହ ଓ କେଉଁ ପ୍ରକାର ବିବାହ ଉତ୍ତମ ?

**ଉତ୍ତର —** ଝିଅମାନଙ୍କର ବିବାହ ବୟସ ହେଲା ୧୬ ରୁ ୨୪ ବର୍ଷ ବୟସ ପର୍ଯ୍ୟନ୍ତ ଏବଂ ପୁଅମାନଙ୍କର ବିବାହ ବୟସ ହେଲା୨୫ ରୁ ୪୮ ବର୍ଷ ବୟସ ପର୍ଯ୍ୟନ୍ତ । ଏ ଭିତରୁ ୧୬ ବର୍ଷ ବୟସର ଝିଅ ସହ ୨୫ ବର୍ଷର ପୁଅର ବିବାହ ବୟସ ଦୃଷ୍ଟିରୁ 'ନିକୃଷ୍ଟ' ଧରଣର । ୧୮-୨୦ ବର୍ଷର ଝିଅ ସହ ୩୦-୩୫ ବର୍ଷର ପୁଅର ବିବାହ 'ମଧ୍ୟମ' ପ୍ରକାର । ୨୪ ବର୍ଷର ଝିଅ ସହ ୪୮ ବର୍ଷ ବୟସ ପର୍ଯ୍ୟନ୍ତ ପୁଅର ବିବାହ 'ଉତ୍ତମ' ବୋଲି କୁହାଯାଇଛି । ଯେଉଁ ଦେଶରେ ବ୍ରହ୍ମଚର୍ଯ୍ୟର ପାଳନ ଓ ବିଦ୍ୟାଭ୍ୟାସ ଅଧିକ ହୁଏ ତଥା ଏଭଳି ଯୁବାବସ୍ଥାରେ ବିବାହର ଶ୍ରେଷ୍ଠ ରୀତିର ପ୍ରଚଳନ ଥାଏ ସେ ଦେଶ ସୁଖ-ସମୃଦ୍ଧି ସମ୍ପନ୍ନ ହୋଇଥାଏ । ଯେଉଁ ଦେଶରେ ବ୍ରହ୍ମଚର୍ଯ୍ୟବିହୀନ, ବିଦ୍ୟାରହିତ, ବାଲ୍ୟାବସ୍ଥାରେ ଥିବା ଓ ଅଯୋଗ୍ୟ ବାଳକ-ବାଳିକାଙ୍କ ବିବାହ ହୁଏ, ସେହି ଦେଶ ଦୁଃଖ-ଅଶାନ୍ତି ସାଗରରେ ବୁଡ଼ିଯାଏ । କାରଣ ବ୍ରହ୍ମଚର୍ଯ୍ୟ ଓ ବିଦ୍ୟାଗ୍ରହଣପୂର୍ବକ ବିବାହର ଏ ସଂସ୍କାରିତ ପଦ୍ଧତିର ପ୍ରଚଳନ ହୋଇ, ବିବାହର ଭୁଲ୍ ପଦ୍ଧତି ସୁଧୁରିବା ଦ୍ୱାରା ପରବର୍ତ୍ତୀ ସବୁ କଥା ସୁଧୁରିଯାଏ ଏବଂ ବିବାହ ପଦ୍ଧତି ବିଗିଡ଼ିଲେ ସବୁ ବିଗିଡ଼ିଯାଏ ।

**ପ୍ରଶ୍ନ — ଅଷ୍ଟବର୍ଷା ଭବେଦ୍ ଗୌରୀ ନବବର୍ଷା ଚ ରୋହିଣୀ ।**
**ଦଶବର୍ଷା ଭବେତ୍ କନ୍ୟା ତତ ଊର୍ଦ୍ଧ୍ୱଂ ରଜସ୍ୱଲା ॥ ୧ ॥**
**ମାତା ଚୈବ ପିତା ତସ୍ୟା ଜ୍ୟେଷ୍ଠୋ ଭ୍ରାତା ତଥୈବ ଚ ।**
**ତ୍ରୟସ୍ତେ ନରକଂ ଯାନ୍ତି ଦୃଷ୍ଟ୍ୱା କନ୍ୟାଂ ରଜସ୍ୱଲାମ୍ ॥ ୨ ॥**

(ପାରାଶରୀ. ୭:୬,୮, ଶୀଘ୍ରବୋଧ. ୧:୫୪,୬୫)

ଝିଅର ଆଠ ବର୍ଷ ବୟସରେ ଗୌରୀ, ନଅ ବର୍ଷରେ ରୋହିଣୀ, ଦଶ ବର୍ଷରେ କନ୍ୟା ଓ ତା'ପରେ ରଜସ୍ୱଳା ନାମ ହୋଇଯାଏ ॥ ୧ ॥ ଦଶ ବର୍ଷ ବୟସ ଭିତରେ ବାହା ନ ହୋଇ ଘରେ ଥିବା ରଜସ୍ୱଳା କନ୍ୟାକୁ ତା'ର ମାଆ, ବାପା ଓ ବଡ଼ ଭାଇ ଯଦି ଦେଖନ୍ତି ତେବେ ଏ ତିନି ଜଣ ଯାକ ନର୍କରେ ପଡ଼ନ୍ତି ॥ ୨ ॥

**ଉତ୍ତର — ବ୍ରହ୍ମୋବାଚ**

**ଏକକ୍ଷଣା ଭବେଦ୍ ଗୌରୀ ଦ୍ୱିକ୍ଷଣେୟଂ ତୁ ରୋହିଣୀ ।**
**ତ୍ରିକ୍ଷଣା ସା ଭବେତ୍ କନ୍ୟା ହ୍ୟତ ଊର୍ଦ୍ଧ୍ୱଂ ରଜସ୍ୱଲା ॥ ୧ ॥**
**ମାତା ପିତା ତଥା ଭ୍ରାତା ମାତୁଲୋ ଭଗିନୀ ସ୍ୱକା ।**
**ସର୍ବେ ତେ ନରକଂ ଯାନ୍ତି ଦୃଷ୍ଟ୍ୱା କନ୍ୟାଂ ରଜସ୍ୱଲାମ୍ ॥ ୨ ॥** ( ସଦ୍ୟୋନିର୍ମିତ ବ୍ରହ୍ମପୁରାଣ)

ଯେତିକି ସମୟ ଭିତରେ ପରମାଣୁଟିଏ ସ୍ଥିତି ପରିବର୍ତ୍ତନ କରେ ତାକୁ କ୍ଷଣ କହନ୍ତି । ଝିଅ ଜନ୍ମ ହେବାର ଏକ କ୍ଷଣରେ ଗୌରୀ, ଦ୍ୱିତୀୟ କ୍ଷଣରେ ରୋହିଣୀ, ତୃତୀୟ କ୍ଷଣରେ କନ୍ୟା ଓ ଚତୁର୍ଥ କ୍ଷଣରେ ତା'ର ନାମ ରଜସ୍ୱଳା ହୋଇଯାଏ ॥ ୧ ॥ ଘରେ ଥିବା ସେହି ରଜସ୍ୱଳା କନ୍ୟାକୁ ଦେଖି ତା'ର ମାଆ, ବାପା, ଭାଇ, ଭଉଣୀ, ମାମୁଁ ଆଦି ସମସ୍ତେ ନର୍କରେ ପଡ଼ନ୍ତି ॥ ୨ ॥

**ପ୍ରଶ୍ନ —** ଏ ଶ୍ଳୋକ ପ୍ରାମାଣିକ ନୁହେଁ ।

**ଉତ୍ତର —** କାହିଁକି ପ୍ରାମାଣିକ ନୁହେଁ ? ଯଦି ବ୍ରହ୍ମାଙ୍କର ଏ ଶ୍ଳୋକ ପ୍ରମାଣ ଯୋଗ୍ୟ ନୁହେଁ, ତେବେ ତୁମର

ଶ୍ଳୋକ ବି ପ୍ରମାଣ ଯୋଗ୍ୟ ହୋଇପାରିବ ନାହିଁ ।

**ପ୍ରଶ୍ନ —** ବାଃ ! ବାଃ ! କ'ଣ ତୁମେ ପରାଶର ଓ କାଶୀନାଥଙ୍କ ଶ୍ଳୋକକୁ ବି ପ୍ରମାଣ ବୋଲି ମାନୁନାହଁ ?

**ଉତ୍ତର —** ଆଶ୍ଚର୍ଯ୍ୟ କଥା ! ତୁମେ କେମିତି ବ୍ରହ୍ମାଙ୍କ କଥାକୁ ପ୍ରମାଣ ବୋଲି ମାନୁନ ? ପରାଶର ଓ କାଶୀନାଥଙ୍କଠାରୁ ବ୍ରହ୍ମା କ'ଣ ବଡ଼ ନୁହଁନ୍ତି ? ତୁମେ ଯେମିତି ବ୍ରହ୍ମାଙ୍କ ଶ୍ଳୋକକୁ ମାନୁନାହଁ; ଆମେ ବି ସେମିତି ପରାଶର ଓ କାଶୀନାଥଙ୍କ ଶ୍ଳୋକକୁ ମାନୁନାହୁଁ ।

**ପ୍ରଶ୍ନ —** ତୁମ ଶ୍ଳୋକ ଅସମ୍ଭବ ହୋଇଥିବାରୁ ପ୍ରମାଣ ରୂପେ ସ୍ୱୀକାର ଯୋଗ୍ୟ ନୁହେଁ । କାରଣ ଜନ୍ମ ସମୟରେ ହିଁ ହଜାରେ କ୍ଷଣ ବିତିଯାଏ । ତେଣୁ ତୁମ କହିବା ସମୟ ଅନୁସାରେ ବିବାହ କିପରି ହୋଇପାରିବ ? ତା'ଛଡ଼ା ସେ ସମୟରେ ବିବାହ କରିବାର କୌଣସି ଫଳ ବି ଦେଖାଯାଉନି ।

**ଉତ୍ତର —** ଯଦି ଆମ କଥା ଅସମ୍ଭବ ହୋଇଥିବାରୁ ଆମ ଶ୍ଳୋକ ଅପ୍ରାମାଣିକ, ତେବେ ନିରର୍ଥକ ହୋଇଥିବା ହେତୁ ତୁମ ଶ୍ଳୋକ ବି ଅପ୍ରାମାଣିକ । କାରଣ ୮, ୯ ବା ୧୦ ବର୍ଷ ବୟସରେ ଝିଅର ବିବାହ କରାଇବା ନିଷ୍ଫଳ ଅଟେ । ଯେହେତୁ କି ୧୬ ବର୍ଷରୁ ୨୪ ବର୍ଷ ବୟସ ଭିତରେ ସ୍ତ୍ରୀମାନଙ୍କ ଗର୍ଭାଶୟ ପରିପକ୍ୱ ଓ ଶରୀର ବି ପରିପୁଷ୍ଟ ହୋଇଥାଏ । ସେମାନେ ସେହି ବୟସରେ ଯଥାଯୋଗ୍ୟ ବୟସର ପୁରୁଷଙ୍କ ସହ ବିବାହ କଲେ ପୁରୁଷର ବୀର୍ଯ୍ୟ ବି ପରିପକ୍ୱ ଓ ଶରୀର ବି ବଳିଷ୍ଠ ଥିବାରୁ ଉତ୍ତମ ସନ୍ତାନ ଜନ୍ମ ହୋଇଥାନ୍ତି ।* ଦ୍ୱିତୀୟ କଥା ହେଲା ଯେ ୮-୯ ବର୍ଷର ଝିଅର ସନ୍ତାନ ହେବା ଯେପରି ଅସମ୍ଭବ, ସେମାନଙ୍କର 'ଗୌରୀ', 'ରୋହିଣୀ' ଆଦି ନାମ ରଖିବା ବି ସେପରି ଅଯୌକ୍ତିକ । ଆଛା, ଝିଅଟି ଯଦି ଗୋରୀ ନ ହୋଇ କାଳୀ ହୋଇଥିବ, ତେବେ ତା' ନାମ 'ଗୌରୀ' ରଖିବା ବୃଥା । ତା' ଛଡ଼ା ତୁମେ ତ ମାନୁଛ ଯେ 'ଗୌରୀ' ମହାଦେବଙ୍କ ସ୍ତ୍ରୀ ଓ 'ରୋହିଣୀ' ବସୁଦେବଙ୍କ ପତ୍ନୀ ଥିଲେ । ତୁମେ ପୌରାଣିକମାନେ ସେମାନଙ୍କୁ ମାତୃତୁଲ୍ୟା ମନେକର । ଯଦି କନ୍ୟାମାତ୍ରକେ ପ୍ରତ୍ୟେକଙ୍କୁ 'ଗୌରୀ' ଆଦି ବୋଲି ମନେକରୁଛ, ତେବେ ସେମାନଙ୍କ ସହ ବିବାହ କରିବା କିପରି ଧର୍ମାନୁକୂଳ ଓ ସମ୍ଭବପର ହେବ ? ଅତଏବ ତୁମର ୨ଟି ଓ ଆମର ୨ଟି ଏମିତି ୪ଟି ଯାକ ଶ୍ଳୋକ ମିଥ୍ୟା । କାରଣ 'ବ୍ରହ୍ମୋବାଚ' କହି ଆମେ ଯେପରି ଶ୍ଳୋକ ରଚନା କରିଦେଲୁ, ସେହି ଦୁରଭିସନ୍ଧି ଥିବା ଲୋକମାନେ ବି ସେହିପରି ପରାଶର ପ୍ରଭୃତିଙ୍କ ନାମରେ ଶ୍ଳୋକ ତିଆରି କରିଦେଇଛନ୍ତି । ଏଣୁ ଏସବୁ ମିଥ୍ୟା ପ୍ରମାଣ ପରିତ୍ୟାଗ କରି ବେଦର ପ୍ରମାଣ ଅନୁସାରେ ସକଳ କର୍ମ କରିବା ଉଚିତ । ଦେଖ, ମନୁସ୍ମୃତିରେ ଲେଖାଅଛି —

**ତ୍ରୀଣି ବର୍ଷାଣ୍ୟୁଦୀକ୍ଷେତ କୁମାର୍ୟୃତୁମତୀ ସତୀ ।**
**ଊର୍ଦ୍ଧ୍ୱଂ ତୁ କାଲାଦେତସ୍ମାଦ୍‌ବିନ୍ଦତେ ସଦୃଶଂ ପତିମ୍ ॥** (ମନୁ. ୯:୯୦)

ଶୀଘ୍ର ବିବାହ କରିବାକୁ ଚାହୁଁଥିବା କନ୍ୟା ରଜସ୍ୱଳା ହେବା ପରେ ଅନ୍ୟୁନ ତିନି ବର୍ଷ ପର୍ଯ୍ୟନ୍ତ ପତିଙ୍କ ପ୍ରତୀକ୍ଷାରେ ରହି ଅନ୍ୱେଷଣ ପୂର୍ବକ ନିଜ ଯୋଗ୍ୟ ପତି ବରଣ କରିବେ । ଯେହେତୁ ରଜୋଦର୍ଶନ ମାସରେ ଥରେ ହୁଏ, ତେଣୁ ୩ ବର୍ଷରେ ୩୬ ଥର ରଜସ୍ୱଳା ହେବା ପରେ ଯାଇ ବିବାହ କରିବା ଉଚିତ, ତା' ପୂର୍ବରୁ ନୁହେଁ ।

**କାମମାମରଣାତ୍ତିଷ୍ଠେଦ୍ ଗୃହେ କନ୍ୟର୍ତ୍ତୁମତ୍ୟପି ।**
**ନ ଚୈବୈନାଂ ପ୍ରୟଚ୍ଛେତ୍ତୁ ଗୁଣହୀନାୟ କର୍ହିଚିତ୍ ॥** (ମନୁ. ୯:୮୯)

ପୁଅ-ଝିଅ ମୃତ୍ୟୁ ପର୍ଯ୍ୟନ୍ତ ବରଂ ଅବିବାହିତ ରହନ୍ତୁ; କିନ୍ତୁ ଅସଦୃଶ ଅର୍ଥାତ୍ ବିରୁଦ୍ଧ ଗୁଣ-କର୍ମ-ସ୍ୱଭାବଧାରୀ

ବର-କନ୍ୟାଙ୍କ ବିବାହ କଦାପି ନ ହେବା ଉଚିତ । ଅତଏବ ନିଷ୍କର୍ଷ ଏଇଆ ଯେ ପୂର୍ବୋକ୍ତ ସମୟ ପୂର୍ବରୁ ଏବଂ ଅସଦୃଶଙ୍କ ବିବାହ ହେବା ଅନୁଚିତ ।

**ପ୍ରଶ୍ନ —** ବିବାହ ମାତା-ପିତାଙ୍କ ନିଷ୍ପତ୍ତି ଅନୁସାରେ ହେବା ଉଚିତ ନା ପୁଅ-ଝିଅଙ୍କ ନିର୍ଣ୍ଣୟ ଅନୁସାରେ ?

**ଉତ୍ତର —** ବିବାହ ବର-କନ୍ୟାଙ୍କ ନିଷ୍ପତ୍ତି ଅନୁସାରେ ହେବା ଉତ୍ତମ । ବାପା-ମାଆ ଯଦିଓ ପୁଅ-ଝିଅଙ୍କ ବିବାହ ବିଷୟରେ ବିଚାର କରନ୍ତି, ତଥାପି ବର-କନ୍ୟାଙ୍କ ସ୍ୱୀକୃତି, ପ୍ରସନ୍ନତା ବିନା ବିବାହ ହେବା ଅନୁଚିତ । କାରଣ ଉଭୟଙ୍କ ପ୍ରସନ୍ନତାରେ ବିବାହ ହେଲେ ସ୍ୱାମୀ-ସ୍ତ୍ରୀ ମଧ୍ୟରେ ବିରୋଧ ବହୁତ କମ୍ ହୁଏ ଏବଂ ସନ୍ତାନ ଉତ୍ତମ ହୁଅନ୍ତି । ପାରସ୍ପରିକ ଅପ୍ରସନ୍ନତାର ବିବାହରେ ଦାମ୍ପତ୍ୟ ଜୀବନ ଦୁଃଖମୟ ହୋଇଯାଏ । ବିବାହରେ ମୁଖ୍ୟ ଆବଶ୍ୟକତା ବର-କନ୍ୟାଙ୍କର ଥାଏ, ମାତା-ପିତାଙ୍କର ନୁହେଁ । ଏଣୁ ଯଦି ସେ ଦୁହିଁଙ୍କ ମଧ୍ୟରେ ପ୍ରସନ୍ନତା ରହେ, ତେବେ ସେମାନଙ୍କୁ ସୁଖ ମିଳେ ଏବଂ ଯଦି ବିରୋଧ ରହେ ତେବେ ଦୁଃଖ ମିଳେ । ଆହୁରି ମଧ୍ୟ କୁହାଯାଇଛି -

**ସନ୍ତୁଷ୍ଟୋ ଭାର୍ଯ୍ୟୟା ଭର୍ତ୍ତା ଭର୍ତ୍ରା ଭାର୍ଯ୍ୟା ତଥୈବ ଚ ।**
**ଯସ୍ମିନ୍ନେବ କୁଲେ ନିତ୍ୟଂ କଲ୍ୟାଣଂ ତତ୍ର ବୈ ଧ୍ରୁବମ୍ ।।** (ମନୁ. ୩:୬୦)

ଯେଉଁ କୁଳରେ ସ୍ତ୍ରୀ ପ୍ରତି ସ୍ୱାମୀ ଓ ସ୍ୱାମୀ ପ୍ରତି ସ୍ତ୍ରୀ ସର୍ବଦା ପ୍ରସନ୍ନ ରହନ୍ତି, ସେହି କୁଳରେ ଆନନ୍ଦ, ଲକ୍ଷ୍ମୀ ଓ କୀର୍ତ୍ତି ନିବାସ କରେ । ଯେଉଁଠାରେ ସ୍ୱାମୀ-ସ୍ତ୍ରୀ ମଧ୍ୟରେ ବିରୋଧ, କଳହ ହୁଏ, ସେଠାରେ ଦୁଃଖ, ଦାରିଦ୍ର୍ୟ ଓ ନିନ୍ଦା ବସା ବାନ୍ଧି ରହେ ।

ଅତଏବ ଆର୍ଯ୍ୟାବର୍ତ୍ତରେ ଯେଉଁ ସ୍ୱୟମ୍ବର ପ୍ରଥା ପରମ୍ପରାକ୍ରମେ ପ୍ରଚଳିତ ହୋଇଆସୁଥିଲା, ବିବାହ ନିମନ୍ତେ ସେହି ପଦ୍ଧତି ସର୍ବୋତ୍ତମ । **ଯଦି କୌଣସି ପୁଅ-ଝିଅ ପରସ୍ପରକୁ ବିବାହ କରିବାକୁ ଚାହାଁନ୍ତି, ତେବେ ଉଭୟଙ୍କ ବିଦ୍ୟା, ବିନୟ, ଶୀଳ, ରୂପ, ଆୟୁ , ବଳ, କୁଳ ଓ ଶରୀରର ପରିମାଣ ଆଦି ଯଥାଯୋଗ୍ୟ ହେବା ଉଚିତ । ଯେତେବେଳ ଯାଏ ଏସବୁ ମେଳ ନ ଖାଇଛି ସେ ପର୍ଯ୍ୟନ୍ତ ବିବାହ ସୁଖମୟ ହୁଏନାହିଁ । ବାଲ୍ୟବିବାହ କେବେ ମଧ୍ୟ ସୁଖମୟ ହୁଏନାହିଁ ।**

**ଯୁବା ସୁବାସାଃ ପରିବୀତ ଆଗାତ୍ ସ ଉ ଶ୍ରେୟାନ୍ ଭବତି ଜାୟମାନଃ ।**
**ତଂ ଧୀରାସଃ କବୟ ଉନ୍ନୟନ୍ତି ସ୍ୱାଧ୍ୟୋ ମନସା ଦେବୟନ୍ତଃ ।। ୧ ।।** (ଋକ୍. ୩:୮:୪)
**ଆ ଧେନବୋ ଧୁନୟନ୍ତାମଶିଶ୍ୱୀଃ ସବର୍ଦୁଘାଃ ଶଶୟା ଅପ୍ରଦୁଗ୍ଧାଃ ।**
**ନବ୍ୟାନବ୍ୟା ଯୁବତୟୋ ଭବନ୍ତୀର୍ମହଦ୍ଦେବାନାମସୁରତ୍ୱମେକମ୍ ।। ୨ ।।** (ଋକ୍. ୩:୫୫:୧୬)
**ପୂର୍ବୀରହଂ ଶରଦଃ ଶଶ୍ରମାଣା ଦୋଷାବସ୍ତୋରୁଷସୋ ଜରୟନ୍ତୀଃ ।**
**ମିନାତି ଶ୍ରିୟଂ ଜରିମା ତନୂନାମପ୍ୟୂ ନୁ ପତ୍ନୀର୍ବୃଷଣୋ ଜଗମ୍ୟୁଃ ।। ୩ ।।** (ଋକ୍. ୧:୧୭୯:୧)

ଯେଉଁ ବ୍ୟକ୍ତି **(ପରିବୀତଃ)** ଯଜ୍ଞୋପବୀତ ଧାରଣ ପୂର୍ବକ ବ୍ରହ୍ମଚର୍ଯ୍ୟାଶ୍ରମର ପାଳନ ଦ୍ୱାରା ସବୁ ଦିଗରୁ ଉତ୍ତମ ଶିକ୍ଷା ଓ ବିଦ୍ୟାଯୁକ୍ତ, **(ସୁବାସାଃ)** ସୁନ୍ଦର ବସ୍ତ୍ର ପରିଧାନ କରି ବ୍ରହ୍ମଚର୍ଯ୍ୟରେ ପ୍ରକାଶିତ, **(ଯୁବା)** ବିଦ୍ୟାଗ୍ରହଣ କରି ପୂର୍ଣ୍ଣ ଯୌବନ ପ୍ରାପ୍ତ ହୋଇ ଗୃହସ୍ଥାଶ୍ରମରେ **(ଆଗାତ୍)** ପ୍ରବେଶ କରେ **(ସ ଉ)** ସେ ହିଁ **(ଜାୟମାନଃ)** ଦ୍ୱିତୀୟ ଥର ଜନ୍ମ ବା ବିଦ୍ୟାଜନ୍ମ ଗ୍ରହଣ କରି **(ଶ୍ରେୟାନ୍)** ଅତିଶୟ ଶୋଭନୀୟ, ମଙ୍ଗଳକାରୀ **(ଭବତି)** ହୁଏ । **(ସ୍ୱାଧ୍ୟଃ)** ଉତ୍ତମ ଧ୍ୟାନଶାଳୀ, **(ମନସା)** ବିଜ୍ଞାନ ଦ୍ୱାରା **(ଦେବୟନ୍ତଃ)** ବିଦ୍ୟାବୃଦ୍ଧି ଅଭିଳାଷୀ, **(ଧୀରାସଃ)** ଧୈର୍ଯ୍ୟଶାଳୀ,

**(କବୟଃ)** ବିଦ୍ୱାନ୍‌ମାନେ **(ତମ୍)**ସେହି ବ୍ୟକ୍ତିକୁ **(ଉନ୍ନୟନ୍ତି)** ଉନ୍ନତିଶୀଳ କରି ପ୍ରତିଷ୍ଠିତ କରନ୍ତି । ଆଉ ଯେଉଁ ନର-ନାରୀ ବ୍ରହ୍ମଚର୍ଯ୍ୟ ପାଳନ ତଥା ବିଦ୍ୟା ଓ ସୁଶିକ୍ଷା ଗ୍ରହଣ ନ କରି କିମ୍ବା ବାଲ୍ୟାବସ୍ଥାରେ ବିବାହ କରନ୍ତି, ସେମାନେ ନଷ୍ଟ-ଭ୍ରଷ୍ଟ ହୋଇ ବିଦ୍ୱାନଙ୍କ ମଧ୍ୟରେ ପ୍ରତିଷ୍ଠା, ସମ୍ମାନ, ଯଶ ଲାଭ କରିପାରନ୍ତି ନାହିଁ ॥ ୧ ॥

**(ଅପ୍ରଦୁଗ୍ଧାଃ)** ଆଦୌ ଦୁହାଁ ହୋଇନଥିବା **(ଧେନବଃ)** ଗାଈମାନଙ୍କ ଭଳି **(ଅଶିଶ୍ୱୀଃ)** ବାଲ୍ୟାବସ୍ଥା ଅତିକ୍ରାନ୍ତ ହୋଇଥିବା, **(ସବର୍ଦୁଘାଃ)** ସବୁ ପ୍ରକାର ଉତ୍ତମ ବ୍ୟବହାର ପୂର୍ଣ୍ଣ କରୁଥିବା, **(ଶଶୟାଃ)** କୌମାର୍ଯ୍ୟ ଅବସ୍ଥା ଅତିକ୍ରମ କରିଥିବା, **(ନବ୍ୟାନବ୍ୟାଃ)** ନୂତନ-ନୂତନ ଶିକ୍ଷା ଓ ଅବସ୍ଥାରେ ପୂର୍ଣ୍ଣ **(ଭବନ୍ତୀଃ)** ହୋଇଥିବା **(ଯୁବତୟଃ)** ପୂର୍ଣ୍ଣ ଯୌବନସମ୍ପନ୍ନା ନାରୀମାନେ **(ଦେବାନାମ୍)** ବ୍ରହ୍ମଚର୍ଯ୍ୟ-ସୁନିୟମରେ ପୂର୍ଣ୍ଣ ବିଦ୍ୱାନଙ୍କର **(ଏକମ୍)** ଅଦ୍ୱିତୀୟ, **(ମହତ୍)** ମହାନ୍, **(ଅସୁରତ୍ୱମ୍)** ପ୍ରଜ୍ଞା-ଶାସ୍ତ୍ରଶିକ୍ଷାଯୁକ୍ତ, ପ୍ରଜ୍ଞାରେ ରମଣର ଭାବାର୍ଥକୁ ଅନୁଭବ କରି ଯୁବକ ପତିଙ୍କୁ ଲାଭ କରି **(ଆଧୁନୟନ୍ତାମ୍)** ଗର୍ଭ ଧାରଣ କରିବେ । ସେମାନେ ବାଲ୍ୟାବସ୍ଥାରେ କେବେ ଭୁଲ୍‌ରେ ସୁଦ୍ଧା ମନରେ ବି ପୁରୁଷର ଚିନ୍ତା କରିବେ ନାହିଁ । କାରଣ ଏହି ନିୟମ ପାଳନ ହିଁ ଇହଲୋକ ଓ ପରଲୋକର ସୁଖ ସାଧନ । ବାଲ୍ୟାବସ୍ଥାରେ ବିବାହ ଦ୍ୱାରା ପୁରୁଷର ଯେତିକି ହାନି ହୁଏ, ସ୍ତ୍ରୀର ତା'ଠୁ ଅଧିକ କ୍ଷତି ହୁଏ ॥ ୨ ॥

**(ନୁ)** ଶୀଘ୍ର, **(ଶଶ୍ରମାଣାଃ)** ଅତ୍ୟନ୍ତ ପରିଶ୍ରମୀ, **(ବୃଷଣଃ)** ବୀର୍ଯ୍ୟ ସିଞ୍ଚନରେ ସମର୍ଥ, ପୂର୍ଣ୍ଣ ଯୌବନସମ୍ପନ୍ନ ପୁରୁଷ, **(ପତ୍ନୀଃ)** ପୂର୍ଣ୍ଣଯୌବନା, ପ୍ରାଣପ୍ରିୟା ସ୍ତ୍ରୀ **(ଜଗମ୍ୟୁଃ)** ପ୍ରାପ୍ତ କରି ଯେପରି ଶହେ ବର୍ଷ ବା ତା'ଠୁ ଅଧିକ ଆୟୁ ଆନନ୍ଦରେ ଭୋଗ କରିବ ଏବଂ ପୁତ୍ର-ପୌତ୍ରାଦିରେ ସଂଯୁକ୍ତ ରହିବ, ସ୍ତ୍ରୀ-ପୁରୁଷ ସର୍ବଦା ସେପରି ଆଚରଣ କରିବେ । ଯେପରି **(ପୂର୍ବୀଃ)** ପୂର୍ବବର୍ତ୍ତୀ **(ଶରଦଃ)** ଶରତ ଋତୁଗୁଡ଼ିକ ଏବଂ **(ଜରୟନ୍ତୀଃ)** ବାର୍ଦ୍ଧକ୍ୟ ଆନୟନକାରୀ **(ଉଷସଃ)** ଉଷା, **(ଦୋଷା)** ରାତ୍ରି ଓ **(ବସ୍ତୋଃ)** ଦିନ, **(ତନୂନାମ୍)** ଶରୀରର **(ଶ୍ରିୟମ୍)** ଶୋଭାକୁ **(ଜରିମା)** ଅତିଶୟ ବାର୍ଦ୍ଧକ୍ୟରେ ଉପନୀତ କରି ବଳ ଓ ଶୋଭାକୁ **(ମିନାତି)** ଦୂର କରିଦିଏ, ସେପରି **(ଅହମ୍)** ମୁଁ ନାରୀ ବା ପୁରୁଷ **(ଉ)** ଉତ୍ତମ ରୂପେ **(ଅପି)** ନିଶ୍ଚୟ କରି ବ୍ରହ୍ମଚର୍ଯ୍ୟ ଦ୍ୱାରା ବିଦ୍ୟା, ଶିକ୍ଷା ତଥା ଶାରୀରିକ ଓ ଆତ୍ମିକ ବଳ ଏବଂ ଯୌବନାବସ୍ଥା ଲାଭ କରି ହିଁ ବିବାହ କରିବି । ଏହି ବେଦ ବିହିତ ବିବାହ ନିୟମକୁ ପାଳନ ନ କରି ଏହାର ବିରୁଦ୍ଧାଚରଣ କରୁଥିବା ବ୍ୟକ୍ତି ଜୀବନରେ କେବେ ସୁଖଶାନ୍ତି ଲାଭ କରିପାରନ୍ତି ନାହିଁ ॥ ୩ ॥

ଯେତେଦିନ ଯାଏଁ ଏ ଦେଶରେ ଋଷି-ମୁନି, ରାଜା-ମହାରାଜା ଆଦି ସମସ୍ତ ଆର୍ଯ୍ୟମାନେ ଏହିଭଳି ବ୍ରହ୍ମଚର୍ଯ୍ୟ ପାଳନପୂର୍ବକ ବିଦ୍ୟା ଅଧ୍ୟୟନ କରି ସ୍ୱୟମ୍ବର ବିବାହ କରୁଥିଲେ, ସେତେଦିନ ପର୍ଯ୍ୟନ୍ତ ଏହି ଦେଶର ସର୍ବାଙ୍ଗୀଣ ଉନ୍ନତି ସାଧିତ ହୋଇ ଚାଲିଥିଲା । ଯେବେଠାରୁ ବ୍ରହ୍ମଚର୍ଯ୍ୟ ଦ୍ୱାରା ବିଦ୍ୟା ଅଧ୍ୟୟନ କରିବାର ଏ ପରମ୍ପରା ନଷ୍ଟ ହୋଇଗଲା ଏବଂ ବାଲ୍ୟାବସ୍ଥାରେ ମାତା-ପିତାଙ୍କ ଇଚ୍ଛାନୁସାରେ ସନ୍ତାନଙ୍କ ବିବାହ ହେବାକୁ ଲାଗିଲା, ସେବେଠାରୁ ଆର୍ଯ୍ୟାବର୍ତ୍ତର କ୍ରମଶଃ ଅବନତି ହୋଇଚାଲିଲା । ଏଣୁ ଏ ହାନିକାରକ କାମ ତୁରନ୍ତ ଛାଡ଼ି ସମସ୍ତ ବିଚାରଶୀଳ ବ୍ୟକ୍ତିମାନେ ପୂର୍ବୋକ୍ତ ରୀତିରେ ସ୍ୱୟମ୍ବର ବିବାହ କରନ୍ତୁ । **ବିବାହ ବର୍ଣ୍ଣାନୁସାରେ କରିବେ ଏବଂ ବର୍ଣ୍ଣବ୍ୟବସ୍ଥା ଗୁଣ-କର୍ମ ଆଧାରରେ ହେବା ବାଞ୍ଛନୀୟ ।**

## ଗୁଣ-କର୍ମାନୁସାରେ ବର୍ଣ୍ଣବ୍ୟବସ୍ଥା

**ପ୍ରଶ୍ନ —** ଯାହାଙ୍କ ମାତା-ପିତା ବ୍ରାହ୍ମଣ ବର୍ଣ୍ଣର ହୋଇଥାନ୍ତି, କ'ଣ ସେମାନେ ହିଁ ବ୍ରାହ୍ମଣ ହୁଅନ୍ତି ? ଯାହାଙ୍କ ମାତା-ପିତା ଅନ୍ୟ ବର୍ଣ୍ଣର କ'ଣ ସେମାନେ ବି କେବେ ବ୍ରାହ୍ମଣ ହୋଇପାରନ୍ତି ?

**ଉତ୍ତର —** ହଁ, ହଁ । ଯେଉଁମାନଙ୍କ ମାତା-ପିତା ଅନ୍ୟ ବର୍ଣ୍ଣର ସେଭଳି ବହୁତ ବ୍ୟକ୍ତି ଅତୀତରେ ବି ବ୍ରାହ୍ମଣ ହୋଇଛନ୍ତି, ବର୍ତ୍ତମାନ ବି ହେଉଛନ୍ତି ଏବଂ ଭବିଷ୍ୟତରେ ମଧ୍ୟ ହେବେ । ଯଥା - ଛନ୍ଦୋଗ୍ୟ ଉପନିଷଦରେ ଜାବାଳ ଋଷି ଅଜ୍ଞାତକୁଳରୁ, ମହାଭାରତରେ ବିଶ୍ୱାମିତ୍ର କ୍ଷତ୍ରିୟ ବର୍ଣ୍ଣରୁ ଓ ମାତଙ୍ଗ ଋଷି ଚଣ୍ଡାଳକୁଳରୁ ବ୍ରାହ୍ମଣ ହୋଇଥିଲେ ବୋଲି ବର୍ଣ୍ଣନା ଅଛି । **ବର୍ତ୍ତମାନ ବି ଯିଏ ଉତ୍ତମ ବିଦ୍ୟା-ସ୍ୱଭାବସମ୍ପନ୍ନ, ସେ ହିଁ ବ୍ରାହ୍ମଣ ବର୍ଣ୍ଣର ଯୋଗ୍ୟ ଏବଂ ଯିଏ ମୂର୍ଖ (ଅଶିକ୍ଷିତ) ସେ ଶୂଦ୍ର ବର୍ଣ୍ଣର ଯୋଗ୍ୟ । ଭବିଷ୍ୟତରେ ବି ଏପରି ହିଁ ହେବ ।**

**ପ୍ରଶ୍ନ —** କି ବିଚିତ୍ର କଥା ! ଯେଉଁ ବର୍ଣ୍ଣର ରଜ-ବୀର୍ଯ୍ୟରୁ ଶରୀର ତିଆରି ହୋଇଛି, ତାହା ବଦଳି ଯାଇ ଅନ୍ୟ ବର୍ଣ୍ଣର କିପରି ହେବ ?

**ଉତ୍ତର —** ରଜ-ବୀର୍ଯ୍ୟର ସଂଯୋଗରୁ ଶରୀର ଉତ୍ପନ୍ନ ହୁଏ, ବ୍ରାହ୍ମଣ ଜନ୍ମ ହୁଏ ନାହିଁ । ବ୍ୟକ୍ତି ବ୍ରାହ୍ମଣ କିପରି ହୁଏ ସେ ବିଷୟରେ ମନୁ କହିଛନ୍ତି—

**ସ୍ୱାଧ୍ୟାୟେନ ଜପୈର୍ହୋମୈସ୍ତ୍ରୈବିଦ୍ୟେନେଜ୍ୟୟା ସୁତୈଃ ।**
**ମହାୟଜ୍ଞୈଶ୍ଚ ୟଜ୍ଞୈଶ୍ଚ ବ୍ରାହ୍ମୀୟଂ କ୍ରିୟତେ ତନୁଃ ॥** (ମନୁ. ୨:୨୮)

**(ସ୍ୱାଧ୍ୟାୟେନ)** ଅଧ୍ୟୟନ-ଅଧ୍ୟାପନା, **(ଜପୈଃ)** ବିଚାର କରିବା-କରାଇବା, **(ହୋମୈଃ)** ନାନାପ୍ରକାର ହୋମର ଅନୁଷ୍ଠାନ, **(ତ୍ରୈବିଦ୍ୟେନ)** ଶବ୍ଦ-ଅର୍ଥ-ସମ୍ବନ୍ଧଜ୍ଞାନ ଓ ସ୍ୱରୋଚ୍ଚାରଣ ସହିତ ସମଗ୍ର ବେଦର ଅଧ୍ୟୟନ-ଅଧ୍ୟାପନା, **(ଇଜ୍ୟୟା)** ପୌର୍ଣ୍ଣମାସୀ ଇଷ୍ଟି ଆଦିର ଅନୁଷ୍ଠାନ, **(ସୁତୈଃ)** ବିଧି-ବିଧାନ ଅନୁଯାୟୀ ଧର୍ମାନୁସାରେ ସନ୍ତାନୋତ୍ପତ୍ତି, **(ମହାୟଜ୍ଞୈଶ୍ଚ)** ବ୍ରହ୍ମଯଜ୍ଞ, ଦେବଯଜ୍ଞ, ପିତୃଯଜ୍ଞ, ବଳିବୈଶ୍ୱଦେବଯଜ୍ଞ ଓ ଅତିଥିଯଜ୍ଞ, **(ୟଜ୍ଞୈଶ୍ଚ)** ଅଗ୍ନିଷ୍ଟୋମାଦି ଯଜ୍ଞ, ବିଦ୍ୱାନଙ୍କ ସଙ୍ଗ ଓ ସତ୍କାର, ସତ୍ୟଭାଷଣ, ପରୋପକାର ଆଦି ସତ୍କର୍ମ କରିବା ଏବଂ ଶିଳ୍ପବିଦ୍ୟାଦି ପଢ଼ି, ଦୁଷ୍ଟାଚାର ଛାଡ଼ି, ଶିଷ୍ଟାଚାର ପାଳନ କରିବା ଦ୍ୱାରା **(ଇୟମ୍)** ଏହି **(ତନୁଃ)** ଶରୀରକୁ **(ବ୍ରାହ୍ମୀ)** ବ୍ରାହ୍ମଣ କରାଯାଏ । ଏ ଶ୍ଳୋକକୁ କ'ଣ ତୁମେ ମାନୁନାହଁ ?

**ପ୍ରଶ୍ନ —** ମାନୁଛୁ ।

**ଉତ୍ତର —** ତେବେ ରଜ-ବୀର୍ଯ୍ୟର ସଂଯୋଗ ଆଧାରରେ ବର୍ଣ୍ଣବ୍ୟବସ୍ଥାକୁ ଫେରେ କାହିଁକି ମାନୁଛ ?

**ପ୍ରଶ୍ନ —** କେବଳ ମୁଁ ଏକୁଟିଆ ମାନୁନି । ପରମ୍ପରା ଅନୁସାରେ ବହୁତ ଲୋକ ଏମିତି ହିଁ ମାନୁଛନ୍ତି । ତୁମେ କ'ଣ ପରମ୍ପରାକୁ ବି ଖଣ୍ଡନ କରିବ ?

**ଉତ୍ତର —** ନା, ଆମେ ପରମ୍ପରାକୁ ଖଣ୍ଡନ କରୁନୁ । କିନ୍ତୁ ତୁମର ବିପରୀତ ଜ୍ଞାନକୁ ନ ମାନି କେବଳ ତା'ର ଖଣ୍ଡନ କରୁଛୁ ।

**ପ୍ରଶ୍ନ —** ଆମ ଜ୍ଞାନ ଓଲଟା ଓ ତୁମ ଜ୍ଞାନ ସିଧା ବୋଲି ପ୍ରମାଣ କ'ଣ ?

**ଉତ୍ତର —** ପ୍ରମାଣ ହେଲା ଯେ **୫-୧୦ ପିଢ଼ି ହେଲା ଚାଲିଆସିଥିବା କଥାକୁ ତୁମେ ସନାତନ ପରମ୍ପରା ମନେକରୁଛ ଏବଂ ଆମେ ବେଦ ତଥା ସୃଷ୍ଟି ଆରମ୍ଭରୁ ଆଜିଯାଏ ଚାଲିଆସିଥିବା ଉଚିତ କଥାକୁ ସନାତନ ପରମ୍ପରା ବୋଲି ମାନୁଛୁ ।** ଦେଖ ! ଶ୍ରେଷ୍ଠ ପିତାଙ୍କ ପୁତ୍ର ବି ଦୁଷ୍ଟ ହୋଇଥିବା ଓ ଦୁଷ୍ଟ ପିତାର ପୁତ୍ର ବି ଶ୍ରେଷ୍ଠ ହୋଇଥିବା ତଥା କୌଣସି କ୍ଷେତ୍ରରେ ଉଭୟ ପିତା-ପୁତ୍ର ଶ୍ରେଷ୍ଠ ବା ଦୁଷ୍ଟ ହୋଇଥିବା ଦେଖିବାକୁ ମିଳେ । ଏଭଳି କ୍ଷେତ୍ରରେ କେଉଁଟି ଆଦର୍ଶ, କେଉଁଟି ଅନୁକରଣୀୟ ବୁଝି ନ ପାରିବାରୁ ତୁମେ ଭ୍ରମରେ ପଡ଼ିଛ । ଏ କ୍ଷେତ୍ରରେ କ'ଣ

କରଣୀୟ ସେ ବିଷୟରେ ମନୁ କହନ୍ତି —

**ୟେନାସ୍ୟ ପିତରୋ ୟାତା ୟେନ ୟାତାଃ ପିତାମହାଃ ।**

**ତେନ ୟାୟାତ୍‌ସତାଂ ମାର୍ଗଂ ତେନ ଗଚ୍ଛନ୍ନ ରିଷ୍ୟତେ ॥** (ମନୁ. ୪:୧୭୮)

ଯେଉଁ ରାସ୍ତାରେ ପିତା, ପିତାମହ ଯାଇଛନ୍ତି ସନ୍ତାନ ବି ସେହି ମାର୍ଗରେ ଯିବା ଉଚିତ; କିନ୍ତୁ ଏଠାରେ ମନେ ରଖିବା ଉଚିତ ଯେ **(ସତାମ୍)** ଯେଉଁ ପିତା ଓ ପିତାମହ ସତ୍‌ପୁରୁଷ ଅଟନ୍ତି, ତାଙ୍କ ମାର୍ଗରେ ଯିବା ଉଚିତ; ଯେଉଁ ପିତା, ପିତାମହ ଦୁର୍ଜନ, ତାଙ୍କ ବାଟରେ କେବେ ବି ଯିବା କଥା ନୁହେଁ । କାରଣ ଧର୍ମାତ୍ମା, ସଜ୍ଜନଙ୍କ ପଥ ଅନୁସରଣ କଲେ ଦୁଃଖ ମିଳିନଥାଏ ଏବଂ ଅଧାର୍ମିକ, ଦୁର୍ଜନଙ୍କ ପଥରେ ଗଲେ ଦୁଃଖ ମିଳିଥାଏ । ଏ କଥା ତୁମେ ମାନୁଛ ନା ନାହିଁ ?

**ପ୍ରଶ୍ନ —** ହଁ, ମାନୁଛୁ ।

**ଉତ୍ତର —** ପୁଣି ଦେଖ ! **ପରମେଶ୍ୱରଙ୍କ ଦ୍ୱାରା ପ୍ରକାଶିତ ବେଦର ଅନୁକୂଳ କଥା ହିଁ ସନାତନ ଓ ଯାହା ବେଦବିରୁଦ୍ଧ, ତାହା କଦାପି ସନାତନ ହୋଇନପାରେ ।** ଏପରି ହିଁ ସମସ୍ତେ ମାନିବା ଉଚିତ ନା ନାହିଁ ?

**ପ୍ରଶ୍ନ —** ନିଶ୍ଚିତ ମାନିବା ଉଚିତ ।

**ଉତ୍ତର —** ଯିଏ ଏପରି ନ ମାନେ, ତାଙ୍କୁ ପଚାର ଯେ କାହାର ବାପା ଦରିଦ୍ର ହୋଇଥିଲେ ତାଙ୍କ ପୁଅ ଯଦି ଧନୀ ହୁଏ, ତେବେ 'ମୋ ବାପା ଦରିଦ୍ର ଥିଲେ ଓ ମୁଁ ବି ସେମିତି ହେବା ଉଚିତ' ବୋଲି କହି ପୁଅ କ'ଣ ଧନ-ସମ୍ପତ୍ତି ସବୁ ଫିଙ୍ଗି ଦେବ ? ଯାହା ବାପା ଅନ୍ଧ ହୋଇଥିବେ, ତାଙ୍କ ପୁଅ ବି କ'ଣ ନିଜ ଆଖି ଫୁଟାଇ ଦେବ ? ଯାହାର ବାପା ଦୁଷ୍କର୍ମ କରୁଥିବେ, ସେ ପୁଅ ବି କ'ଣ ଦୁଷ୍କର୍ମ କରିବା ଉଚିତ ? ନା-ନା ! **ପୂର୍ବ ପୁରୁଷଙ୍କ ଉତ୍ତମ କର୍ମସମୂହକୁ ଗ୍ରହଣ କରିବା ଏବଂ ଦୁଷ୍କର୍ମଗୁଡ଼ିକୁ ବର୍ଜନ କରିବା ସମସ୍ତଙ୍କର ଅତ୍ୟାବଶ୍ୟକ କର୍ତ୍ତବ୍ୟ ।**

ଯିଏ ଗୁଣ-କର୍ମ ଆଧାରରେ ବର୍ଣ୍ଣାଶ୍ରମ-ବ୍ୟବସ୍ଥା ନ ମାନି ରଜ-ବୀର୍ଯ୍ୟର ସଂଯୋଗ ଆଧାରରେ ବର୍ଣ୍ଣ-ବ୍ୟବସ୍ଥା ମାନେ, ତାକୁ ପଚାରିବା ଉଚିତ ଯେ ବ୍ରାହ୍ମଣ ବର୍ଣ୍ଣର ଯେଉଁ ବ୍ୟକ୍ତି ନିଜ ବର୍ଣ୍ଣକୁ ଛାଡ଼ି ନିମ୍ନ ବର୍ଣ୍ଣର, ଅନ୍ତ୍ୟଜ ଅଥବା ଖ୍ରୀଷ୍ଟିୟାନ, ମୁସଲମାନ ହୋଇଯାଇଛି, ତାକୁ ତୁମେ ଆଉ ବ୍ରାହ୍ମଣ ବୋଲି କାହିଁକି ମାନୁନାହଁ ? ସେ ବ୍ୟକ୍ତି ଏହା ହିଁ ଉତ୍ତର ଦେବ ଯେ ସିଏ ବ୍ରାହ୍ମଣର କର୍ମ ଛାଡ଼ି ଦେଇଥିବାରୁ ସେ ଆଉ ବ୍ରାହ୍ମଣ ନୁହେଁ । ଏଥିରୁ ଏକଥା ପ୍ରମାଣିତ ହେଲା ଯେ **ଯେଉଁମାନେ ବ୍ରାହ୍ମଣାଦି ବର୍ଣ୍ଣ ପାଇଁ ଉଦ୍ଦିଷ୍ଟ ଉତ୍ତମ କର୍ମ କରନ୍ତି ସେମାନେ ହିଁ ବ୍ରାହ୍ମଣାଦି ଅଟନ୍ତି । ଯଦି କେହି ନିମ୍ନ ବର୍ଣ୍ଣରେ ଉତ୍ପନ୍ନ ବ୍ୟକ୍ତି ବି ଉତ୍ତମ ବର୍ଣ୍ଣର ଗୁଣ-କର୍ମ-ସ୍ୱଭାବ ସମ୍ପନ୍ନ ହୁଏ, ତେବେ ତାକୁ ବି ଉଚ୍ଚ ବର୍ଣ୍ଣରେ ଏବଂ ଯଦି ଉତ୍ତମ ବର୍ଣ୍ଣରେ ଉତ୍ପନ୍ନ ହୋଇ ବି କେହି ନିମ୍ନବର୍ଣ୍ଣର କର୍ମ କରେ ତେବେ ତାକୁ ନିମ୍ନ ବର୍ଣ୍ଣରେ ଗଣନା କରିବା ଉଚିତ ।**

**ପ୍ରଶ୍ନ — ବ୍ରାହ୍ମଣୋଽସ୍ୟ ମୁଖମାସୀଦ୍ ବାହୂ ରାଜନ୍ୟଃ କୃତଃ ।**

**ଉରୂ ତଦସ୍ୟ ୟଦ୍‌ବୈଶ୍ୟଃ ପଦ୍‌ଭ୍ୟାଂ ଶୂଦ୍ରୋ ଅଜାୟତ ॥** (ଯଜୁଃ. ୩୧:୧୧)

ଏହାର ଅର୍ଥ ହେଲା ଯେ ବ୍ରାହ୍ମଣ ଈଶ୍ୱରଙ୍କ ମୁଖରୁ, କ୍ଷତ୍ରିୟ ବାହୁରୁ, ବୈଶ୍ୟ ଜଙ୍ଘରୁ ଓ ଶୂଦ୍ର ଈଶ୍ୱରଙ୍କ ପାଦରୁ ଉତ୍ପନ୍ନ ହୋଇଛନ୍ତି । ଅତଃ ମୁଖ ଯେପରି ବାହୁ ଆଦି ହୋଇନଥାଏ କି ବାହୁ ଆଦି ମୁଖ ହୋଇନଥାନ୍ତି, ସେହିପରି ବ୍ରାହ୍ମଣ କ୍ଷତ୍ରିୟାଦି ହୋଇପାରିବ ନାହିଁ କି କ୍ଷତ୍ରିୟାଦି ବ୍ରାହ୍ମଣ ହୋଇପାରିବେ ନାହିଁ ।

**ଉତ୍ତର —** ଏହି ମନ୍ତ୍ରର ଅର୍ଥ ତୁମେ ଯେପରି କଲ, ବାସ୍ତବରେ ଅର୍ଥ ତାହା ନୁହେଁ । କାରଣ ବେଦରେ ଏହି ସ୍ଥାନରେ ପୁରୁଷ ଅର୍ଥାତ୍ ନିରାକାର, ସର୍ବବ୍ୟାପକ ପରମାତ୍ମାଙ୍କ ବିଷୟରେ ଚର୍ଚ୍ଚା ଚାଲିଛି । ଯେହେତୁ ସେ ନିରାକାର, ତେଣୁ ତାଙ୍କର ମୁଖ ଆଦି ଅଙ୍ଗ ହେବା ସମ୍ଭବ ନୁହେଁ । ଆଉ ଯଦି ସେ ମୁଖାଦି ଅଙ୍ଗ ବିଶିଷ୍ଟ ଅଟନ୍ତି, ତେବେ ସେ ପୁରୁଷ ଅର୍ଥାତ୍ ସର୍ବବ୍ୟାପକ ନୁହଁନ୍ତି । ଏବଂ ଯଦି ସେ ସର୍ବବ୍ୟାପକ ନୁହଁନ୍ତି, ତେବେ ସେ ସର୍ବଶକ୍ତିମାନ୍, ଜଗତର ଉତ୍ପତ୍ତି-ସ୍ଥିତି-ପ୍ରଳୟ କର୍ତ୍ତା, ଜୀବଙ୍କ ପାପ-ପୁଣ୍ୟ ଜାଣି ତଦନୁସାରେ କର୍ମଫଳଦାତା, ସର୍ବଜ୍ଞ, ଅଜନ୍ମା, ଅମର ଆଦି ବିଶେଷଣଧାରୀ ହୋଇପାରିବେ ନାହିଁ । ଏଣୁ ମନ୍ତ୍ରର ବାସ୍ତବିକ ଅର୍ଥ ହେଲା **– (ଅସ୍ୟ)** ପୂର୍ଣ୍ଣ ବ୍ୟାପକ ପରମାତ୍ମାଙ୍କ ସୃଷ୍ଟିରେ ଯିଏ ମୁଖ ଭଳି ସମସ୍ତଙ୍କ ମଧ୍ୟରେ ମୁଖ୍ୟ ବା ଶ୍ରେଷ୍ଠ, ସେ **(ବ୍ରାହ୍ମଣଃ)** ବ୍ରାହ୍ମଣ । **(ବାହୂ) 'ବାହୁର୍ବୈ ବଲମ୍, ବାହୁର୍ବୈ ବୀର୍ୟ୍ୟମ୍'** (ଶତପଥ. ୬:୨:୩:୩୩, ୧୩:୧:୧୧:୫, ୫:୩:୩:୧୭) **–** ବଳ-ବୀର୍ଯ୍ୟର ନାମ ବାହୁ । ଏହା ଯାହା ଭିତରେ ଅଧିକ ଥାଏ, ସେ **(ରାଜନ୍ୟଃ)** କ୍ଷତ୍ରିୟ । **(ଊରୁ)** ଅଣ୍ଟାରୁ ତଳକୁ ଓ ଆଣ୍ଠୁର ଉପରଭାଗ ପର୍ଯ୍ୟନ୍ତର ନାମ 'ଊରୁ' । ଯିଏ ସକଳ ପଦାର୍ଥ ପାଇଁ ସବୁ ସ୍ଥାନକୁ ଊରୁ ବଳରେ ଗମନାଗମନ କରେ, ପ୍ରବେଶ କରେ, ସେ **(ବୈଶ୍ୟଃ)** ବୈଶ୍ୟ । **(ପଦ୍‌ଭ୍ୟାମ୍)** ଯିଏ ପଦ ବା ନିମ୍ନ ଅଙ୍ଗ ସଦୃଶ ଓ ମୂର୍ଖତାଦି ଗୁଣବିଶିଷ୍ଟ, ସେ **(ଶୂଦ୍ରଃ)** ଶୂଦ୍ର । ଅନ୍ୟତ୍ର ଶତପଥ ବ୍ରାହ୍ମଣାଦିରେ ବି ଏହି ମନ୍ତ୍ରର ଏପରି ହିଁ ଅର୍ଥ କରାଯାଇଛି । ଯଥା –

**ଯସ୍ମାଦେତେ ମୁଖ୍ୟାସ୍ତସ୍ମାନ୍ମୁଖତୋ ହ୍ୟସୃଜ୍ୟନ୍ତ ।** (ଶତପଥ. ୬:୧:୧:୧୦, ତୈ.ସଂ. ୭:୧:୧:୪)

ଯେହେତୁ ସମାଜରେ ଏମାନେ(ବ୍ରାହ୍ମଣମାନେ) ମୁଖ୍ୟ ଅଟନ୍ତି, ଏଣୁ ଏମାନେ ମୁଖରୁ ଉତ୍ପନ୍ନ ହୋଇଛନ୍ତି ବୋଲି କହିବା ବୁଦ୍ଧିସଂଗତ ଅଟେ । ଅର୍ଥାତ୍ ମୁଖ ଯେପରି ସବୁ ଅଙ୍ଗ ମଧ୍ୟରେ ଶ୍ରେଷ୍ଠ, ସେପରି ପୂର୍ଣ୍ଣ ବିଦ୍ୟାଯୁକ୍ତ ଓ ଉତ୍ତମ ଗୁଣ-କର୍ମ-ସ୍ୱଭାବ ସମ୍ପନ୍ନ ହୋଇଥିବାରୁ ମନୁଷ୍ୟ ଜାତି ମଧ୍ୟରେ ଯିଏ ଶ୍ରେଷ୍ଠ ସେମାନଙ୍କୁ 'ବ୍ରାହ୍ମଣ' କୁହାଯାଏ । ପରମେଶ୍ୱର ନିରାକାର ହୋଇଥିବାରୁ ଯେତେବେଳେ ତାଙ୍କର ମୁଖାଦି ଅଙ୍ଗ ହିଁ ନାହିଁ, ତେଣୁ ମୁଖ ଆଦିରୁ ଉତ୍ପନ୍ନ ହେବା ଏକଦମ୍ ଅସମ୍ଭବ, ଯେମିତିକି ବନ୍ଧ୍ୟା ସ୍ତ୍ରୀର ପୁତ୍ରର ବିବାହ ହେବା ଅସମ୍ଭବ । ଆଉ ଯଦି ମୁଖ ଆଦି ଅଙ୍ଗରୁ ବ୍ରାହ୍ମଣ ଆଦି ବର୍ଣ୍ଣ ଉତ୍ପନ୍ନ ହୋଇଥାନ୍ତେ, ତେବେ ବ୍ରାହ୍ମଣାଦିଙ୍କ ଆକୃତି ନିଶ୍ଚିତ ଭାବେ ଉପାଦାନ କାରଣ ଭଳି ହୋଇଥାନ୍ତା । ଅର୍ଥାତ୍ ଯେପରି ମୁଖର ଆକାର ଗୋଲ, ବ୍ରାହ୍ମଣମାନଙ୍କ ଶରୀର ବି ସେହିପରି ଗୋଲାକାର ହୋଇଥାନ୍ତା । ସେହିପରି କ୍ଷତ୍ରିୟାଦିଙ୍କ ଶରୀର ବାହୁ ଭଳି ଆକାର, ବୈଶ୍ୟମାନଙ୍କ ଶରୀର ଊରୁ ପରି ଓ ଶୂଦ୍ରଙ୍କ ଶରୀର ପାଦ ଭଳି ଆକୃତି ବିଶିଷ୍ଟ ହୋଇଥାନ୍ତା । କିନ୍ତୁ ଏପରି ହୋଇନାହିଁ । ଆଉ ଗୋଟିଏ କଥା ହେଲା ଯେ କେହି ଯଦି ତୁମକୁ ପ୍ରଶ୍ନ କରେ କି – 'ଯେଉଁମାନେ ଈଶ୍ୱରଙ୍କ ମୁଖ ଆଦିରୁ ଉତ୍ପନ୍ନ ହୋଇଥିଲେ, ସେମାନଙ୍କ ବ୍ରାହ୍ମଣ ଆଦି ନାମ ହେଲା । କିନ୍ତୁ ତୁମକୁ ତ ବ୍ରାହ୍ମଣ ବୋଲି କୁହାଯିବ ନାହିଁ । କାରଣ ଅନ୍ୟ ସମସ୍ତେ ଯେପରି ଗର୍ଭାଶୟରୁ ଉତ୍ପନ୍ନ ହୁଅନ୍ତି, ତୁମେ ବି ସେପରି ଗର୍ଭାଶୟରୁ ଜନ୍ମ ହୋଇଛ । ତୁମେ ମୁଖ ଆଦିରୁ ଉତ୍ପନ୍ନ ନ ହୋଇ ମଧ୍ୟ ନିଜକୁ ବ୍ରାହ୍ମଣାଦି ବୋଲି କିପରି ଅଭିମାନ କରୁଛ ?' ସେତେବେଳେ ଚୁପ୍ ରହିବା ଛଡ଼ା ତୁମର ତ ଅନ୍ୟ ଉପାୟ ନାହିଁ । ଅତଃ ଉପରୋକ୍ତ ମନ୍ତ୍ରର ତୁମେ ଯେପରି ଅର୍ଥ କରୁଛ ତାହା ଭୁଲ୍ ଏବଂ ଆମେ ଯେଉଁ ଅର୍ଥ କରିଛୁ ତାହା ଠିକ୍ । ଅନ୍ୟତ୍ର ଏପରି ହିଁ କୁହାଯାଇଛି, ଯଥା –

**ଶୂଦ୍ରୋ ବ୍ରାହ୍ମଣତାମେତି ବ୍ରାହ୍ମଣଶ୍ଚୈତି ଶୂଦ୍ରତାମ୍ ।**
**କ୍ଷତ୍ରିୟାଜ୍ଜାତମେବନ୍ତୁ ବିଦ୍ୟାଦ୍ୱୈଶ୍ୟାତ୍ତଥୈବ ଚ ॥** (ମନୁ. ୧୦:୬୫)

ଶୂଦ୍ରକୁଳରେ ଜନ୍ମଗ୍ରହଣ କରି ମଧ୍ୟ ଯିଏ ବ୍ରାହ୍ମଣ, କ୍ଷତ୍ରିୟ ବା ବୈଶ୍ୟ ବର୍ଣ୍ଣର ଗୁଣ-କର୍ମ-ସ୍ୱଭାବ ବିଶିଷ୍ଟ, ତଦନୁସାରେ ସେହି ଶୂଦ୍ର କୁଳୋତ୍ପନ୍ନ ବ୍ୟକ୍ତି ବ୍ରାହ୍ମଣ, କ୍ଷତ୍ରିୟ ବା ବୈଶ୍ୟ ହେବ । ସେହିପରି ବ୍ରାହ୍ମଣ, କ୍ଷତ୍ରିୟ କିମ୍ବା ବୈଶ୍ୟ କୁଳରେ ଜନ୍ମଗ୍ରହଣ କରି ମଧ୍ୟ ଯେଉଁମାନଙ୍କ ଗୁଣ-କର୍ମ-ସ୍ୱଭାବ ଶୂଦ୍ର ଭଳି ରହିବ ସେମାନେ ଶୂଦ୍ର ହେବେ । ସେପରି ହିଁ କ୍ଷତ୍ରିୟ ବା ବୈଶ୍ୟ କୁଳରେ ଜନ୍ମ ହୋଇ ବି ଯେଉଁମାନଙ୍କ ସ୍ୱଭାବ ବ୍ରାହ୍ମଣ ବା ଶୂଦ୍ର ସମ ରହେ, ସେମାନେ ଯଥାକ୍ରମେ ବ୍ରାହ୍ମଣ ଓ ଶୂଦ୍ର ହୋଇଯାନ୍ତି । ଅର୍ଥାତ୍ **ବ୍ୟକ୍ତିର ଗୁଣ-କର୍ମ-ସ୍ୱଭାବ ଯେଉଁ ବର୍ଣ୍ଣ ଭଳି, ସେହି ବ୍ୟକ୍ତି ସେହି ବର୍ଣ୍ଣରେ ପରିଗଣିତ ହେବେ ।**

**ଧର୍ମଚର୍ୟ୍ୟୟା ଜଘନ୍ୟୋ ବର୍ଣ୍ଣଃ ପୂର୍ବଂ ପୂର୍ବଂ ବର୍ଣ୍ଣମାପଦ୍ୟତେ ଜାତିପରିବୃତ୍ତୌ ॥ ୧ ॥**
**ଅଧର୍ମଚର୍ୟ୍ୟୟା ପୂର୍ବୋ ବର୍ଣ୍ଣୋ ଜଘନ୍ୟଂ ଜଘନ୍ୟଂ ବର୍ଣ୍ଣମାପଦ୍ୟତେ ଜାତିପରିବୃତ୍ତୌ ॥ ୨ ॥**

(ଆପସ୍ତମ୍ବ. ୨:୫:୧୧:୧୦,୧୧)

ଧର୍ମାଚରଣ ଦ୍ୱାରା ଯେକୌଣସି ନିମ୍ନ ବର୍ଣ୍ଣର ବ୍ୟକ୍ତି ନିଜଠୁ ଉତ୍ତମ-ଉତ୍ତମ ବର୍ଣ୍ଣକୁ ଉନ୍ନୀତ ହୋଇଥାଏ ଏବଂ ସେ ଯେଉଁ ବର୍ଣ୍ଣ ପାଇଁ ଯୋଗ୍ୟ ଥାଏ ସେହି ବର୍ଣ୍ଣ ଭିତରେ ପରିଗଣିତ ହୋଇଥାଏ ॥ ୧ ॥

ସେହିପରି ଅଧର୍ମାଚରଣ ଯୋଗୁଁ ଉତ୍ତମ ବର୍ଣ୍ଣର ବ୍ୟକ୍ତି ବି ନିଜଠୁ ନିମ୍ନ-ନିମ୍ନ ବର୍ଣ୍ଣକୁ ପ୍ରାପ୍ତ ହୋଇଥାଏ ଓ ସେହି ନିମ୍ନ ବର୍ଣ୍ଣରେ ପରିଗଣିତ ହୋଇଥାଏ ॥ ୨ ॥

**ପୁରୁଷମାନଙ୍କ କ୍ଷେତ୍ରରେ ଯେପରି ଯୋଗ୍ୟତା ଆଧାରରେ ବର୍ଣ୍ଣ-ବ୍ୟବସ୍ଥା ହୋଇଥାଏ, ମହିଳାମାନଙ୍କର ବି ସେପରି ଯୋଗ୍ୟତା ଆଧାରରେ ହିଁ ବର୍ଣ୍ଣ ନିର୍ଦ୍ଧାରିତ ହୋଇଥାଏ ।** ଏ ଯୋଗ୍ୟତା ଆଧାରିତ ବର୍ଣ୍ଣ-ବ୍ୟବସ୍ଥାର ଉପକାରିତା ଏଇଆ ଯେ ଏପରି ବ୍ୟବସ୍ଥା ରହିଲେ ପ୍ରତ୍ୟେକ ବର୍ଣ୍ଣ ନିଜ-ନିଜ ଗୁଣ-କର୍ମ-ସ୍ୱଭାବରେ ଯୁକ୍ତ ହୋଇ ଶୁଦ୍ଧ ଭାବେ ବା ଅମିଶ୍ରିତ ଭାବେ ରହନ୍ତି । ଅର୍ଥାତ୍ ବ୍ରାହ୍ମଣ କୁଳରେ କେହି କ୍ଷତ୍ରିୟ, ବୈଶ୍ୟ କିମ୍ବା ଶୂଦ୍ର ଭଳି ଗୁଣ-କର୍ମ ଥିବା ବ୍ୟକ୍ତି ରହିବେ ନାହିଁ ଏବଂ କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ର ବର୍ଣ୍ଣ ବି ନିଜ-ନିଜ ବର୍ଣ୍ଣର ଗୁଣ ଦୃଷ୍ଟିରୁ ଶୁଦ୍ଧ ବା ଅମିଶ୍ରିତ ରହିବେ, ବର୍ଣ୍ଣ-ସଙ୍କରତା ସୃଷ୍ଟି ହେବ ନାହିଁ । ଏତଦ୍ୱାରା କୌଣସି ବର୍ଣ୍ଣର ନିନ୍ଦା ବା ଅଯୋଗ୍ୟତା ବି ହେବ ନାହିଁ । ଅର୍ଥାତ୍ କୌଣସି ବର୍ଣ୍ଣରେ ଯୋଗ୍ୟ ବ୍ୟକ୍ତିଙ୍କର ଅଭାବ ରହିବ ନାହିଁ ।

**ପ୍ରଶ୍ନ —** ଯଦି କାହାର ଗୋଟିଏ ମାତ୍ର ପୁଅ କି ଝିଅ ଥାଏ ଏବଂ ସେ ସ୍ୱ ଗୁଣ-କର୍ମ ଯୋଗୁଁ ଅନ୍ୟ ବର୍ଣ୍ଣରେ ଅନ୍ତର୍ଭୁକ୍ତ ହୋଇଯାଏ, ତେବେ ତା'ର ବାପା-ମାଆଙ୍କ ସେବା କରିବ କିଏ? ତା' ଛଡ଼ା ଏ ବ୍ୟବସ୍ଥା ଦ୍ୱାରା ତ ବଂଶନାଶ ବି ହୋଇଯିବ । ଏସବୁ ସମସ୍ୟାର କ'ଣ ସମାଧାନ ରହିବା ଉଚିତ?

**ଉତ୍ତର —** କାହାରି ସେବା-ଯତ୍ନର ଅସୁବିଧା ହେବ ନାହିଁ କି କାହାର ବଂଶନାଶ ବି ହେବ ନାହିଁ । କାରଣ, ବିଦ୍ୟାସଭା ଓ ରାଜସଭାର ବ୍ୟବସ୍ଥା ଅନୁସାରେ ସେଭଳି ବାପା-ମାଆଙ୍କୁ ନିଜ-ନିଜ ପୁଅ-ଝିଅ ବଦଳରେ ସ୍ୱବର୍ଣ୍ଣର ଯୋଗ୍ୟ ଅନ୍ୟ ସନ୍ତାନ ମିଳିବ । ଏଣୁ କୌଣସି ପ୍ରକାର ଅବ୍ୟବସ୍ଥା ହେବ ନାହିଁ ।

ଗୁଣ-କର୍ମ ଆଧାରରେ ବର୍ଣ୍ଣ ନିର୍ଦ୍ଧାରଣ କାର୍ଯ୍ୟ ଝିଅମାନଙ୍କର ୧୬ ବର୍ଷ ବୟସରେ ଓ ପୁଅମାନଙ୍କର ୨୫ ବର୍ଷ ବୟସରେ ପରୀକ୍ଷା ଦ୍ୱାରା ସ୍ଥିର କରାଯିବା ଉଚିତ । ପରୀକ୍ଷା ଦ୍ୱାରା ନିର୍ଦ୍ଧାରିତ ବର୍ଣ୍ଣ ଅନୁସାରେ ବ୍ରାହ୍ମଣୀ ସହ ବ୍ରାହ୍ମଣର, କ୍ଷତ୍ରିୟା ସହ କ୍ଷତ୍ରିୟର, ବୈଶ୍ୟା ସହ ବୈଶ୍ୟର ଓ ଶୂଦ୍ରା ସହ ଶୂଦ୍ରର ବିବାହ ଅନୁଷ୍ଠିତ ହେବା ଆବଶ୍ୟକ । ଏପରି ହେଲେ ଯାଇ ନିଜ-ନିଜ ବର୍ଣ୍ଣର କର୍ମ ଠିକ୍ ଭାବେ ସଂପାଦିତ ହେବ ଓ ପାରସ୍ପରିକ ପ୍ରୀତି ବି ଯଥାଯୋଗ୍ୟ ରହିବ ।

ଚାରି ବର୍ଣ୍ଣର କର୍ତ୍ତବ୍ୟ-କର୍ମ ଓ ଗୁଣ ନିମ୍ନ ପ୍ରକାରର—

**ବ୍ରାହ୍ମଣ —**

**ଅଧ୍ୟାପନମଧ୍ୟୟନଂ ଯଜନଂ ଯାଜନଂ ତଥା ।**

**ଦାନଂ ପ୍ରତିଗ୍ରହଶ୍ଚୈବ ବ୍ରାହ୍ମଣାନାମକଳ୍ପୟତ୍ ॥ ୧ ॥** (ମନୁ. ୧:୮୮)

**ଶମୋ ଦମସ୍ତପଃ ଶୌଚଂ କ୍ଷାନ୍ତିରାର୍ଜବମେବ ଚ ।**

**ଜ୍ଞାନଂ ବିଜ୍ଞାନମାସ୍ତିକ୍ୟଂ ବ୍ରହ୍ମକର୍ମସ୍ୱଭାବଜମ୍ ॥ ୨ ॥** (ଗୀତା. ୧୮:୪୨)

ପଢ଼ିବା-ପଢ଼ାଇବା, ଯଜ୍ଞ କରିବା-ଯଜ୍ଞ କରାଇବା, ଦାନ ଦେବା ଓ ଦାନ ନେବା – ଏ ଛଅଟି କର୍ମ ହେଉଛି ବ୍ରାହ୍ମଣର । କିନ୍ତୁ **'ପ୍ରତିଗ୍ରହଃ ପ୍ରତ୍ୟବରଃ'** (ମନୁ. ୧୦:୧୦୯) – ପ୍ରତିଗ୍ରହ ଅର୍ଥାତ୍ ଦାନ ନେବା ନୀଚ କର୍ମ ॥୧ ॥

**(ଶମ)** ମନରେ ଖରାପ କାମ କରିବାର ଇଚ୍ଛା ବି ନ କରିବା ଓ ମନକୁ କେବେ ବି ଅଧର୍ମରେ ପ୍ରବୃତ୍ତ ହେବାକୁ ନ ଦେବା, **(ଦମ)** କର୍ଣ୍ଣ ଓ ଚକ୍ଷୁ ଆଦି ଇନ୍ଦ୍ରିୟଗୁଡ଼ିକୁ ଅନ୍ୟାୟ ମାର୍ଗରୁ ରୋକି ଧର୍ମମାର୍ଗରେ ଚଳାଇବା, **(ତପଃ)** ସର୍ବଦା ବ୍ରହ୍ମଚାରୀ, ଜିତେନ୍ଦ୍ରିୟ ରହି ଧର୍ମାଚରଣ କରିବା । **(ଶୌଚ)—**

**ଅଦ୍ଭିର୍ଗାତ୍ରାଣି ଶୁଦ୍ଧ୍ୟନ୍ତି ମନଃ ସତ୍ୟେନ ଶୁଧ୍ୟତି ।**

**ବିଦ୍ୟାତପୋଭ୍ୟାଂ ଭୂତାତ୍ମା ବୁଦ୍ଧିର୍ଜ୍ଞାନେନ ଶୁଧ୍ୟତି ॥** (ମନୁ. ୫:୧୦୯)

ଜଳ ଦ୍ୱାରା ଶରୀରର ଅଙ୍ଗ-ପ୍ରତ୍ୟଙ୍ଗ ପରିଷ୍କାର ହୁଏ, ସତ୍ୟାଚରଣ ଦ୍ୱାରା ମନ ଶୁଦ୍ଧ ରହେ, ବିଦ୍ୟା ଓ ଧର୍ମାନୁଷ୍ଠାନ ଦ୍ୱାରା ଜୀବାତ୍ମା ପବିତ୍ର ହୁଏ ଏବଂ ଜ୍ଞାନ ଦ୍ୱାରା ବୁଦ୍ଧି ପବିତ୍ର ହୁଏ ଅର୍ଥାତ୍ ସତ୍ୟାସତ୍ୟର ବିଚାର ପୂର୍ବକ ସତ୍ୟ ଗ୍ରହଣ ଓ ଅସତ୍ୟ ତ୍ୟାଗ ଦ୍ୱାରା ବୁଦ୍ଧି ପବିତ୍ର ହୁଏ । ଅତଃ ଶୌଚର ଅର୍ଥ ରାଗ-ଦ୍ୱେଷାଦି ଅନ୍ତରର ଦୋଷ ଓ ବାହାରର ମଇଳା ଉଭୟ ଦୂର କରି ଶୁଦ୍ଧ ରହିବା ।

**(କ୍ଷାନ୍ତି)** ନିନ୍ଦା-ସ୍ତୁତି, ସୁଖ-ଦୁଃଖ, ଶୀତ-ଉଷ୍ଣ, କ୍ଷୁଧା-ତୃଷା, ହାନି-ଲାଭ, ମାନ-ଅପମାନ ଆଦିରେ ହର୍ଷ-ଶୋକ ଛାଡ଼ି ଧର୍ମରେ ଦୃଢ଼ ହୋଇ ରହିବା; **(ଆର୍ଜବ)** କୋମଳତା, ନିରଭିମାନ ଓ ସରଳସ୍ୱଭାବ ରଖିବା, କୁଟିଳତାଦି ଦୋଷ ତ୍ୟାଗ କରିବା; **(ଜ୍ଞାନ)** ସାଙ୍ଗୋପାଙ୍ଗ ବେଦାଦି ସକଳ ଶାସ୍ତ୍ର ପଢ଼ି ପଢ଼ାଇବାର ସାମର୍ଥ୍ୟ, ବିବେକ ଅର୍ଥାତ୍ ସତ୍ୟାସତ୍ୟର ନିର୍ଣ୍ଣୟ, ଯେଉଁ ବସ୍ତୁ ଯେପରି ଅଟେ ତାହାକୁ ସେପରି ଜାଣିବା ଓ ମାନିବା ଅର୍ଥାତ୍ ଜଡ଼କୁ ଜଡ଼ ଓ ଚେତନକୁ ଚେତନ ବୋଲି ଜାଣିବା ତଥା ମାନିବା; **(ବିଜ୍ଞାନ)** ପୃଥିବୀଠାରୁ ଆରମ୍ଭ କରି ପରମେଶ୍ୱର ପର୍ଯ୍ୟନ୍ତ ଯାବତୀୟ ପଦାର୍ଥକୁ ବିଶେଷତା ସହକାରେ ଜାଣି ସେ ସବୁର ଯଥାଯୋଗ୍ୟ ଉପଯୋଗ କରିବା; **(ଆସ୍ତିକ୍ୟ)** ବେଦ, ଈଶ୍ୱର, ମୁକ୍ତି, ପୂର୍ବଜନ୍ମ-ପରଜନ୍ମକୁ ମାନିବା, ଧର୍ମ, ବିଦ୍ୟା, ସତ୍ସଙ୍ଗ ତଥା ମାତା, ପିତା, ଆଚାର୍ଯ୍ୟ ଓ ଅତିଥିଙ୍କ ସେବା କେବେ ବି ନ ଛାଡ଼ିବା ଏବଂ ଏମାନଙ୍କୁ କେବେ ବି ନିନ୍ଦା ନ କରିବା – ଏ ୧୫ଟି କର୍ମ ଓ ଗୁଣ ବ୍ରାହ୍ମଣ ବର୍ଣ୍ଣର ମନୁଷ୍ୟଙ୍କଠାରେ ଅବଶ୍ୟ ରହିବା ଉଚିତ ॥ ୨ ॥

**କ୍ଷତ୍ରିୟ—**

**ପ୍ରଜାନାଂ ରକ୍ଷଣଂ ଦାନମିଜ୍ୟାଧ୍ୟୟନମେବ ଚ ।**

**ବିଷୟେଷ୍ୱପ୍ରସକ୍ତିଶ୍ଚ କ୍ଷତ୍ରିୟସ୍ୟ ସମାସତଃ ॥ ୧ ॥** (ମନୁ. ୧:୮୯)

**ଶୌର୍ଯ୍ୟଂ ତେଜୋ ଧୃତିର୍ଦାକ୍ଷ୍ୟଂ ଯୁଦ୍ଧେ ଚାପ୍ୟପଲାୟନମ୍ ।**

**ଦାନମୀଶ୍ୱରଭାବଶ୍ଚ କ୍ଷାତ୍ରଂ କର୍ମ ସ୍ୱଭାବଜମ୍ ॥ ୨ ॥** (ଗୀତା. ୧୮:୪୩)

**(ପ୍ରଜାରକ୍ଷଣ)** ନ୍ୟାୟପୂର୍ବକ ପ୍ରଜାମାନଙ୍କୁ ରକ୍ଷା କରିବା ଅର୍ଥାତ୍ ପକ୍ଷପାତ ଛାଡ଼ି ଶ୍ରେଷ୍ଠଙ୍କୁ ସତ୍କାର ଓ ଦୁଷ୍ଟଙ୍କ ପ୍ରତି ଦଣ୍ଡବିଧାନ କରିବା, ସବୁ ପ୍ରକାରେ ସମସ୍ତଙ୍କୁ ପାଳନ କରିବା; **(ଦାନ)** ବିଦ୍ୟା ଓ ଧର୍ମର ଅଭିବୃଦ୍ଧି ନିମନ୍ତେ ତଥା ସତ୍ପାତ୍ରଙ୍କ ସେବା-ଶୁଶ୍ରୂଷା ନିମିତ୍ତ ଧନାଦି ବ୍ୟୟ କରିବା; **(ଇଜ୍ୟା)** ଅଗ୍ନିହୋତ୍ରାଦି ଯଜ୍ଞ କରିବା ଓ କରାଇବା; **(ଅଧ୍ୟୟନ)** ବେଦାଦି ଶାସ୍ତ୍ର ପଢ଼ିବା ଓ ପଢ଼ାଇବା ଏବଂ **(ବିଷୟେଷ୍ୱପ୍ରସକ୍ତିଃ)** ରୂପ-ରସାଦି ବିଷୟରେ ଆସକ୍ତ ନ ହୋଇ, ଜିତେନ୍ଦ୍ରିୟ ରହି ଶାରୀରିକ ଓ ଆତ୍ମିକ ରୂପେ ବଳବାନ୍ ରହିବା ॥ ୧ ॥

**(ଶୌର୍ଯ୍ୟ)** ଶହ-ଶହ, ହଜାର-ହଜାର ଲୋକଙ୍କ ସହ ଏକାକୀ ଯୁଦ୍ଧ କରିବାରେ ବି ଭୟଭୀତ ନ ହେବା; **(ତେଜଃ)** ସଦା ତେଜସ୍ୱୀ ଅର୍ଥାତ୍ ଦୀନତା ରହିତ, ପ୍ରଗଲ୍‌ଭ ଓ ଦୃଢ଼ ରହିବା; **(ଧୃତି)** ଧୈର୍ଯ୍ୟବାନ୍ ହେବା; **(ଦାକ୍ଷ୍ୟ)** ରାଜ୍ୟ ଓ ପ୍ରଜା ସମ୍ବନ୍ଧୀୟ ବ୍ୟବହାର ତଥା ସବୁ ଶାସ୍ତ୍ରରେ ନିପୁଣ ହେବା; **(ଯୁଦ୍ଧେ)** ଯୁଦ୍ଧରେ ଦୃଢ଼, ନିଃଶଙ୍କ ରହିବା, **(ଅପଲାୟନମ୍)** ଯୁଦ୍ଧକ୍ଷେତ୍ରରୁ କେବେ ବି ଭୟଭୀତ ହୋଇ ନ ହଟିବା, ପଳାୟନ ନ କରିବା । ଅର୍ଥାତ୍ ଏପରି ଲଢ଼ିବା ଯଦ୍ୱାରା କି ନିଶ୍ଚିତ ବିଜୟ ହେବ । ଯଦି ସମ୍ମୁଖ ଯୁଦ୍ଧରୁ ନିଜକୁ ବଞ୍ଚାଇ ପଳାୟନ କରି ଶତ୍ରୁଙ୍କୁ ଭ୍ରମରେ ରଖି ଅନ୍ୟ ଦିଗରୁ ଆକ୍ରମଣ କରିବା କିମ୍ବା ପରବର୍ତ୍ତୀ ସମୟରେ ଆକ୍ରମଣ କରିବା ଦ୍ୱାରା ବିଜୟ ମିଳେ, ତେବେ ସେପରି କରିବା; **(ଦାନ)** ଦାନଶୀଳ ହେବା; **(ଈଶ୍ୱରଭାବ)** ପକ୍ଷପାତ ରହିତ ହୋଇ ସମସ୍ତଙ୍କ ସହ ଯଥାଯୋଗ୍ୟ ବ୍ୟବହାର କରିବା, ବିଚାର ପୂର୍ବକ ଦେବା, ପ୍ରତିଜ୍ଞା ପୂର୍ଣ୍ଣ କରିବା ଓ କେବେ ପ୍ରତିଜ୍ଞା ଭଙ୍ଗ ନ କରିବା - ଏ ୧୧ଟି କର୍ମ ଓ ଗୁଣ କ୍ଷତ୍ରିୟ ବର୍ଣ୍ଣର ଲୋକମାନଙ୍କର ॥ ୨ ॥

**ବୈଶ୍ୟ —**

**ପଶୂନାଂ ରକ୍ଷଣଂ ଦାନମିଜ୍ୟାଧ୍ୟୟନମେବ ଚ ।**

**ବଣିକ୍‌ପଥଂ କୁସୀଦଂ ଚ ବୈଶ୍ୟସ୍ୟ କୃଷିମେବ ଚ ॥** (ମନୁ. ୧:୯୦)

**(ପଶୁରକ୍ଷା)** ଗୋ ଆଦି ପଶୁ ପାଳନ ଓ ବର୍ଦ୍ଧନ କରିବା; **(ଦାନ)** ବିଦ୍ୟା ଓ ଧର୍ମର ବୃଦ୍ଧି ପାଇଁ ଧନ-ସମ୍ପତ୍ତି ଆଦି ବ୍ୟୟ କରିବା; **(ଇଜ୍ୟା)** ଅଗ୍ନିହୋତ୍ରାଦି ଯଜ୍ଞ କରିବା; **(ଅଧ୍ୟୟନ)** ବେଦାଦି ଶାସ୍ତ୍ର ପଢ଼ିବା; **(ବଣିକ୍ ପଥ)** ସବୁ ପ୍ରକାର ବ୍ୟାପାର କରିବା; **(କୁସୀଦ)** ସୁଧ କାରବାର କରିବା, ଶହେ ଟଙ୍କାରେ ୪,୬,୮,୧୨,୧୬ ବା ୨୦ ଅଣାରୁ ଅଧିକ ସୁଧ ନ ନେବା ଏବଂ ମୂଳଧନର ଦୁଇଗୁଣରୁ ଅଧିକ ନ ନେବା ଅର୍ଥାତ୍ ଏକ ଟଙ୍କା ଧାର ଦେଇଥିଲେ ଶହେ ବର୍ଷରେ ବି ସମୂଳସୁଧ ଦୁଇଟଙ୍କାରୁ ଅଧିକ ନ ନେବା; **(କୃଷି)** କୃଷି କାର୍ଯ୍ୟ କରିବା - ଏ ୭ଟି ବୈଶ୍ୟମାନଙ୍କର ଗୁଣ ଓ କର୍ମ ।

**ଶୂଦ୍ର —**

**ଏକମେବ ହି ଶୂଦ୍ରସ୍ୟ ପ୍ରଭୁଃ କର୍ମ ସମାଦିଶତ୍ ।**

**ଏତେଷାମେବ ବର୍ଣ୍ଣାନାଂ ଶୁଶ୍ରୂଷାମନସୂୟୟା ॥** (ମନୁ. ୧:୯୧)

ନିନ୍ଦା, ଈର୍ଷ୍ୟା ଓ ଅଭିମାନ ଆଦି ଦୋଷ ପରିତ୍ୟାଗ କରି ବ୍ରାହ୍ମଣ, କ୍ଷତ୍ରିୟ ଓ ବୈଶ୍ୟଙ୍କ ସେବା ଯଥାଯଥ ଭାବେ କରିବା ଏବଂ ତଦ୍ୱାରା ନିଜ ଜୀବିକା ଅର୍ଜନ କରିବା - ଶୂଦ୍ରମାନଙ୍କର ଏହା ହିଁ ଏକମାତ୍ର ଗୁଣ-କର୍ମ ।

**ଏସବୁ ସଂକ୍ଷେପରେ ବର୍ଣ୍ଣମାନଙ୍କର ଗୁଣ ଓ କର୍ମ ବର୍ଣ୍ଣନା କରାଗଲା । ଯେଉଁ ବ୍ୟକ୍ତିଠାରେ ଯେଉଁ**

**ବର୍ଣ୍ଣର ଗୁଣ-କର୍ମ ଥିବ, ତାକୁ ସେହି ବର୍ଣ୍ଣର ଅଧିକାର ଦେବା ଉଚିତ । ଏପରି ବ୍ୟବସ୍ଥା ରହିଲେ ସବୁ ମନୁଷ୍ୟ ଉନ୍ନତିଶୀଳ ହୁଅନ୍ତି । କାରଣ ଉତ୍ତମ ବର୍ଣ୍ଣର ଲୋକଙ୍କର ଭୟ ରହିବ ଯେ ଯଦି ଆମ ସନ୍ତାନମାନେ ମୂର୍ଖତା ଆଦି ଦୋଷଯୁକ୍ତ ହେବେ, ତେବେ ଶୂଦ୍ର ବର୍ଣ୍ଣକୁ ଚାଲିଯିବେ । ସନ୍ତାନମାନଙ୍କର ବି ଡର ରହିବ ଯେ ଯଦି ଆମେ ଉତ୍ତମ ଆଚରଣ-ବ୍ୟବହାର ସମ୍ପନ୍ନ ଓ ବିଦ୍ୟାବାନ୍ ନ ହେଉ, ତେବେ ଆମକୁ ଶୂଦ୍ର ହେବାକୁ ପଡ଼ିବ । ତା'ସହ ଉଚ୍ଚ ବର୍ଣ୍ଣରେ ଅନ୍ତର୍ଭୁକ୍ତ ହେବା ପାଇଁ ନିମ୍ନ ବର୍ଣ୍ଣସ୍ଥ ବ୍ୟକ୍ତିଙ୍କର ବି ଉତ୍ସାହ ବଢ଼ିବ ।**

ବିଦ୍ୟା ଓ ଧର୍ମର ପ୍ରଚାରର ଅଧିକାର ବ୍ରାହ୍ମଣଙ୍କୁ ଦେବା ଉଚିତ, କାରଣ ସେମାନେ ପୂର୍ଣ୍ଣ ବିଦ୍ୱାନ୍ ଓ ଧାର୍ମିକ ହୋଇଥିବାରୁ ସେ କାମକୁ ଯଥାର୍ଥ ରୂପେ ସମ୍ପାଦନ କରିପାରିବେ । କ୍ଷତ୍ରିୟଙ୍କୁ ରାଜ୍ୟ ପ୍ରଶାସନ ଓ ସୁରକ୍ଷା ଦାୟିତ୍ୱ ଦିଆଗଲେ, କେବେ ରାଜ୍ୟର ହାନି ବା ଅନିଷ୍ଟ ହେବ ନାହିଁ । ପଶୁପାଳନ ପ୍ରଭୃତିର ଅଧିକାର ବୈଶ୍ୟଙ୍କୁ ଦେବା ଉଚିତ, କାରଣ ସେମାନେ ଏହି କାମକୁ ଭଲ ଭାବେ କରିପାରିବେ । ଶୂଦ୍ରଙ୍କୁ ସେବାର ଦାୟିତ୍ୱ ଏଥିପାଇଁ ଦେବା ଉଚିତ କାରଣ ସେମାନେ ବିଦ୍ୟାହୀନ, ମୂର୍ଖ ହୋଇଥିବାରୁ ବିଶେଷ ଜ୍ଞାନ-ବିଜ୍ଞାନ ସମ୍ବନ୍ଧୀୟ କୌଣସି ବି କାର୍ଯ୍ୟ କରିପାରିବେ ନାହିଁ; କିନ୍ତୁ ଶାରୀରିକ ସେବା କାର୍ଯ୍ୟ ସୁଚାରୁ ରୂପେ କରିପାରିବେ । ଏଭଳି ଭାବେ ପ୍ରତ୍ୟେକ ବର୍ଣ୍ଣକୁ ନିଜ-ନିଜ କର୍ତ୍ତବ୍ୟ ଓ ଦାୟିତ୍ୱରେ ପ୍ରବୃତ୍ତ କରିବା ରାଜା ଆଦିଙ୍କର କର୍ତ୍ତବ୍ୟ । ***(କ୍ରମଶଃ....)***

ଭାଷାନ୍ତର

**ସ୍ୱାମୀ ସୁଧାନନ୍ଦ ସରସ୍ୱତୀ**

❖❖❖

***ପୃଷ୍ଠା :୩୪ର ଅବଶିଷ୍ଟାଂଶ***

| | | | | | | | |
|---|---|---|---|---|---|---|---|
| ଶ୍ରୀମତୀ ଗାୟତ୍ରୀ ନନ୍ଦ | ଅନୁଗୁଳ | ୦୩ | ୦୦ | ଶ୍ରୀମତୀ ଟି. ବବିତା | ଗଞ୍ଜାମ | ୦୩ | ୦୦ |
| ଶ୍ରୀମାନ୍ ଅମୂଲ୍ୟ କୁମାର ମଲ୍ଲିକ | କେନ୍ଦ୍ରାପଡ଼ା | ୦୩ | ୦୦ | ଶ୍ରୀମାନ୍ ଦିବାକର ବାରିକ | ସୁନ୍ଦରଗଡ଼ | ୦୨ | ୬୦ |
| ଶ୍ରୀମାନ୍ ରବିନାରାୟଣ ଲେଙ୍କା | ଭଦ୍ରକ | ୦୩ | ୦୦ | ଶ୍ରୀମାନ୍ ପ୍ରଦୀପ କୁମାର ପାଣିଗ୍ରାହୀ | ସୁନ୍ଦରଗଡ଼ | ୦୨ | ୨୬ |
| ଶ୍ରୀମତୀ ପୁଷ୍ପାଞ୍ଜଳି ମେହେର | ସୁବର୍ଣ୍ଣପୁର | ୦୩ | ୦୨ | ଶ୍ରୀମାନ୍ ରବି ନାରାୟଣ ପ୍ରଧାନ | ଢେଙ୍କାନାଳ | ୦୨ | ୨୬ |
| ଶ୍ରୀମତୀ ସୁଜାତା ମହାପାତ୍ର | ବରଗଡ଼ | ୦୩ | ୦୨ | ଶ୍ରୀମାନ୍ ରଞ୍ଜିତ କୁମାର ନାୟକ | ସୁନ୍ଦରଗଡ଼ | ୦୨ | ୧୫ |
| ଶ୍ରୀମତୀ ଲକ୍ଷ୍ମୀପ୍ରିୟା ସାମନ୍ତରାୟ | ପୁରୀ | ୦୩ | ୦୦ | ଶ୍ରୀମାନ୍ ଗୌରଚନ୍ଦ୍ର ପାତ୍ର | ଗଞ୍ଜାମ | ୦୨ | ୧୫ |
| ଶ୍ରୀମାନ୍ ପ୍ରତାପ କୁମାର ବେହେରା | ବଲାଙ୍ଗିର | ୦୩ | ୦୦ | ଶ୍ରୀମାନ୍ ହେମନ୍ତ କୁମାର ଜେନା | ସୁନ୍ଦରଗଡ଼ | ୦୨ | ୧୨ |
| ଶ୍ରୀମାନ୍ କେ. ଉମେଶ ରାଓପାତ୍ର | ବଲାଙ୍ଗିର | ୦୩ | ୦୦ | ଶ୍ରୀମତୀ କାନନବାଳା ନାୟକ | ବାଲେଶ୍ୱର | ୦୨ | ୦୩ |
| ଶ୍ରୀମାନ୍ ମହେନ୍ଦ୍ର ଦାସ | ଅହମ୍ମଦାବାଦ୍ | ୦୩ | ୦୦ | ଶ୍ରୀମାନ୍ ନିର୍ମଳ କୁମାର ବିଶ୍ୱାଳ | ବଲାଙ୍ଗିର | ୦୨ | ୦୦ |
| ଶ୍ରୀମାନ୍ ଶରତ କୁମାର ହରିଚନ୍ଦନ | ଖୋର୍ଦ୍ଧା | ୦୩ | ୦୦ | ଶ୍ରୀମାନ୍ ନୀଳକଣ୍ଠ ବାରିକ | ଭଦ୍ରକ | ୦୨ | ୦୦ |

***କ୍ରମଶଃ...***

# ପ୍ରଗତି ପଥେ ଶ୍ରୁତିସୌରଭ

ପରମପିତା ପରମାତ୍ମାଙ୍କ ଆଦେଶ – **'ସଂ ଶ୍ରୁତେନ ଗମେମହି ମା ଶ୍ରୁତେନ ବି ରାଧିଷି'** (ଅଥର୍ବ.୧:୧:୪) ଅନୁସାରେ ଈଶ୍ୱରୀୟ ବାଣୀ 'ବେଦ' ବା 'ଶ୍ରୁତି'ର ସୁରଭିରେ ଓଡ଼ିଶାର ପ୍ରତିଟି ଗୃହର ପ୍ରାଙ୍ଗଣକୁ ସୁରଭିତ କରିବା ଉଦ୍ଦେଶ୍ୟରେ ଶ୍ରୁତିନ୍ୟାସ ପକ୍ଷରୁ 'ଶ୍ରୁତିସୌରଭ'ର ପ୍ରକାଶନ ଆରମ୍ଭ ହୋଇଛି । ଏହି ଈଶ୍ୱରୀୟ କର୍ମରେ ସମସ୍ତେ ସହଯୋଗୀ ହେବା, ବେଦାଧାରିତ ସୁନ୍ଦର ସମାଜ ନିର୍ମାଣ କରିବା ଦିଗରେ ଅଗ୍ରସର ହେବା ନିମିତ୍ତ ଶ୍ରୁତିସୌରଭ ସଦସ୍ୟଙ୍କ ଏକ ଲମ୍ବା ଶୃଙ୍ଖଳ ତିଆରି କରିବା ସକାଶେ ଆମେ ପାଠକଙ୍କୁ ନିବେଦନ କରିଥିଲୁ । ଆମର ଆତ୍ମୀୟ ନିବେଦନକୁ ଆନ୍ତରିକତାର ସହ ସ୍ୱୀକାର କରି ଅଧିକରୁ ଅଧିକ ସଂଖ୍ୟକ ପାଠକ ଏହାର ସଦସ୍ୟ ହେଉଛନ୍ତି । ଏହା ଆମକୁ ଅଭିଭୂତ କରିଛି । ଆମେ ସମସ୍ତ ସଦସ୍ୟ, ସହଯୋଗୀଙ୍କୁ ହାର୍ଦ୍ଦିକ କୃତଜ୍ଞତା ଜ୍ଞାପନ କରୁଛୁ । ଅଦ୍ୟାବଧି ପତ୍ରିକାର ସଦସ୍ୟ ସଂଖ୍ୟା ହେଲା—

| କ୍ର.ସଂ. | ଜିଲ୍ଲା | ଆଜୀବନ | ବାର୍ଷିକ | ମୋଟ | କ୍ର.ସଂ. | ଜିଲ୍ଲା | ଆଜୀବନ | ବାର୍ଷିକ | ମୋଟ |
|---|---|---|---|---|---|---|---|---|---|
| ୦୧. | ଗଞ୍ଜାମ | ୩୬୩ | ୫୫୨ | ୯୧୫ | ୧୭. | ବୌଦ୍ଧ | ୧୬ | ୮୯ | ୧୦୫ |
| ୦୨. | ଖୋର୍ଦ୍ଧା | ୨୦୦ | ୨୧୪ | ୪୧୪ | ୧୮. | ଭଦ୍ରକ | ୧୬ | ୦୭ | ୨୩ |
| ୦୩. | ସୁନ୍ଦରଗଡ଼ | ୧୭୧ | ୪୬୯ | ୬୪୦ | ୧୯. | ନୟାଗଡ଼ | ୧୫ | ୧୪ | ୨୯ |
| ୦୪. | ବରଗଡ଼ | ୧୪୨ | ୨୨୦ | ୩୬୨ | ୨୦. | ଝାରସୁଗୁଡ଼ା | ୧୩ | ୦୧ | ୧୪ |
| ୦୫. | କଟକ | ୯୩ | ୨୫୫ | ୩୪୮ | ୨୧. | ଜଗତସିଂହପୁର | ୧୧ | ୩୨ | ୪୩ |
| ୦୬. | କୋରାପୁଟ | ୭୧ | ୧୦୮ | ୧୭୯ | ୨୨. | ଢେଙ୍କାନାଳ | ୦୯ | ୪୭ | ୫୬ |
| ୦୭. | ବଲାଙ୍ଗିର | ୬୦ | ୧୮୫ | ୨୪୫ | ୨୩. | କଳାହାଣ୍ଡି | ୦୮ | ୦୭ | ୧୫ |
| ୦୮. | ଅନୁଗୁଳ | ୪୪ | ୧୫୧ | ୧୯୫ | ୨୪. | ଯାଜପୁର | ୦୬ | ୪୪ | ୫୦ |
| ୦୯. | ସୁବର୍ଣ୍ଣପୁର | ୪୧ | ୧୩୩ | ୧୭୪ | ୨୫. | କେନ୍ଦୁଝର | ୦୬ | ୦୭ | ୧୩ |
| ୧୦. | ରାୟଗଡ଼ା | ୪୦ | ୭୪ | ୧୧୪ | ୨୬. | ଗଜପତି | ୦୫ | ୧୯ | ୨୪ |
| ୧୧. | ସମ୍ବଲପୁର | ୩୮ | ୯୧ | ୧୨୯ | ୨୭. | କେନ୍ଦ୍ରାପଡ଼ା | ୦୪ | ୨୩ | ୨୭ |
| ୧୨. | ବାଲେଶ୍ୱର | ୩୭ | ୪୨ | ୭୯ | ୨୮. | ଦେବଗଡ଼ | ୦୨ | ୧୩ | ୧୫ |
| ୧୩. | ମୟୂରଭଞ୍ଜ | ୩୬ | ୫୩ | ୮୯ | ୨୯. | ନୂଆପଡ଼ା | ୦୨ | ୦୪ | ୦୬ |
| ୧୪. | ପୁରୀ | ୨୫ | ୧୪ | ୩୯ | ୩୦. | ନବରଙ୍ଗପୁର | ୦୦ | ୦୩ | ୦୩ |
| ୧୫. | କନ୍ଧମାଳ | ୨୪ | ୧୬୦ | ୧୮୪ | ୩୧. | ଅନ୍ୟାନ୍ୟ | ୪୧ | ୭୨ | ୧୧୩ |
| ୧୬. | ମାଲକାନଗିରି | ୨୩ | ୮୧ | ୧୦୪ | | **ମୋଟ** | **୧୫୬୨** | **୩୧୭୫** | **୪୭୩୭** |

'ଶ୍ରୁତିସୌରଭ' ସଦସ୍ୟ ସଂଖ୍ୟା କ୍ଷେତ୍ରରେ ଏଭଳି ଉପଲବ୍ଧି ପ୍ରାପ୍ତ କରିବା ପଛରେ ଓଡ଼ିଶାରେ ବେଦର ପ୍ରଚାର-ପ୍ରସାର ପାଇଁ କାୟମନୋବାକ୍ୟରେ ପ୍ରୟାସରତ ଆମ ସହଯୋଗୀମାନଙ୍କ ପ୍ରଶଂସନୀୟ ଯୋଗଦାନ ରହିଛି । ଆମେ ସମସ୍ତ

ସହଯୋଗୀଙ୍କୁ ଗଭୀର କୃତଜ୍ଞତା ଜ୍ଞାପନ କରୁଛୁ ତଥା ପ୍ରତ୍ୟେକ ସଦସ୍ୟଙ୍କୁ ବିନମ୍ର ଅନୁରୋଧ କରୁଛୁ ଯେ ପ୍ରତ୍ୟେକେ ବେଦ-ପ୍ରଚାର କାର୍ଯ୍ୟକ୍ରମର ଏହି ମହତ୍ତ୍ୱପୂର୍ଣ୍ଣ ଅଭିଯାନରେ ଈଶ୍ୱରୀୟ କାର୍ଯ୍ୟର ଏକ ଦିବ୍ୟ ସୈନିକ ରୂପେ ନିଜକୁ ବିବେଚନା କରି ନିଜେ ଆଜୀବନ ସଦସ୍ୟ ହେବା ସହ ଅନ୍ୟୂନ ଆଉ ୨/୩ଟି ଆଜୀବନ ସଦସ୍ୟ କରିବା ପାଇଁ ପ୍ରଚେଷ୍ଟା କରନ୍ତୁ, ଯଦ୍ଦ୍ୱାରା ପତ୍ରିକାଟି ଆର୍ଥିକ ସମସ୍ୟାର ସମ୍ମୁଖୀନ ନ ହୋଇ ନିର୍ବାଧ ରୂପେ ପ୍ରକାଶିତ ହୋଇଚାଲିବ ଏବଂ ଈଶ୍ୱରୀୟ ଜ୍ଞାନର ପବିତ୍ର ମନ୍ଦାକିନୀରେ ନିରନ୍ତର ଅବଗାହନ କରି ଅଶାନ୍ତିର ଜ୍ୱାଳାରେ ସନ୍ତପ୍ତ ସାମ୍ପ୍ରତିକ ସମାଜ ଦିବ୍ୟ ଶାନ୍ତି ଲାଭ କରିପାରିବ। ବେଦପ୍ରଚାରର ଏହି ଦିବ୍ୟ କାର୍ଯ୍ୟରେ ନିଜର ସହଯୋଗ ପ୍ରଦାନ କରିବା ପ୍ରତ୍ୟେକ ବ୍ୟକ୍ତି ପରମାତ୍ମାଙ୍କ ଅମୃତ ଆଶିଷ ଲାଭର ଅଧିକାରୀ ଅବଶ୍ୟ ହୋଇପାରିବେ। ବର୍ତ୍ତମାନ ସୁଦ୍ଧା ସଦସ୍ୟ ସଂଗ୍ରହ ଅଭିଯାନରେ ପ୍ରମୁଖ ଅଂଶଗ୍ରହଣକାରୀ ସହଯୋଗୀଙ୍କ ନାମ କୃତଜ୍ଞତା ପୂର୍ବକ କ୍ରମାନ୍ୱୟରେ ପ୍ରକାଶ କରାଯାଉଛି—

| ନାମ | ଜିଲ୍ଲା | ଆଜୀବନ | ବାର୍ଷିକ |
|---|---|---|---|
| ଶ୍ରୀମାନ୍ ନିମାଇଁ ଚରଣ ସ୍ୱାଇଁ | ଖୋର୍ଦ୍ଧା | ୪୫ | ୦୭ |
| ଇଂ. ଦୟାସାଗର ସାହୁ | ଗଞ୍ଜାମ | ୪୩ | ୧୦ |
| ଶ୍ରୀମାନ୍ ରୁକ୍ମଣ ମହାପାତ୍ର | ବରଗଡ଼ | ୪୦ | ୪୮ |
| ଶ୍ରୀମାନ୍ ଦୁଷ୍ମନ୍ତ କିଶୋର ସ୍ୱାଇଁ | କଟକ | ୩୯ | ୬୭ |
| ସୁଶ୍ରୀ ଶୁଭଶ୍ରୀ ମହାପାତ୍ର | ବାଲେଶ୍ୱର | ୨୯ | ୧୧ |
| ବେଦ ପ୍ରଚାର ସମିତି, ବ୍ରହ୍ମପୁର | | ୨୭ | ୮୯ |
| ଶ୍ରୀମାନ୍ ପରୀକ୍ଷିତ ଶାସ୍ତ୍ରୀ | ବରଗଡ଼ | ୨୭ | ୬୩ |
| ଶ୍ରୀମତୀ ରାସେଶ୍ୱରୀ ଦେଈ | ସୁନ୍ଦରଗଡ଼ | ୨୭ | ୧୬ |
| ଶ୍ରୀମାନ୍ ସୁନୀଲ କୁମାର ଗରିଆ | କନ୍ଧମାଳ | ୨୩ | ୧୧୨ |
| ଶ୍ରୀମାନ୍ ରାଜେନ୍ଦ୍ର ଭୂୟାଁ | ଗଞ୍ଜାମ | ୨୩ | ୩୯ |
| ଶ୍ରୀମାନ୍ ଆର୍. ମୋହନ ରେଡ୍ଡି | ଗଞ୍ଜାମ | ୨୨ | ୪୭ |
| ଶ୍ରୀମାନ୍ ସଂଗ୍ରାମ କେଶରୀ ମହାନ୍ତି | ଗଞ୍ଜାମ | ୨୨ | ୦୪ |
| ଶ୍ରୀମତୀ ସୁରେଶ୍ୱରୀ ପଣ୍ଡା | ବରଗଡ଼ | ୨୧ | ୦୮ |
| ଇଂ. ନାରାୟଣ ପଣ୍ଡା | ଗଞ୍ଜାମ | ୨୦ | ୩୨ |
| ଶ୍ରୀମାନ୍ ପଙ୍କଜ ମେହେର | ସୁବର୍ଣ୍ଣପୁର | ୧୯ | ୨୯ |
| ଶ୍ରୀମାନ୍ ରବିନାରାୟଣ ପ୍ରଧାନ | ପୁରୀ | ୧୭ | ୦୦ |
| ବେଦ ପ୍ରଚାର ସମିତି, କଟକ | | ୧୫ | ୧୭୧ |
| ଶ୍ରୀମାନ୍ ପୂର୍ଣ୍ଣଚନ୍ଦ୍ର ନାୟକ | ମାଲକାନଗିରି | ୧୫ | ୫୬ |
| ଶ୍ରୀମାନ୍ କୃଷ୍ଣଚନ୍ଦ୍ର ପ୍ରଧାନ | ଖୋର୍ଦ୍ଧା | ୧୫ | ୨୦ |
| ଶ୍ରୀମାନ୍ ଅନାମ ଚରଣ ନାୟକ | କୋରାପୁଟ | ୧୫ | ୦୦ |
| ଶ୍ରୀମାନ୍ ଆନନ୍ଦ ସାମନ୍ତରାୟ | ବଲାଙ୍ଗିର | ୧୪ | ୪୦ |
| ବେଦ ପ୍ରଚାର ସମିତି, ଜୟପୁର | | ୧୪ | ୪୧ |
| ଶ୍ରୀମାନ୍ କାହ୍ନୁ ବାଳକୃଷ୍ଣ ବିହାରୀ | ଗଞ୍ଜାମ | ୧୪ | ୦୨ |
| ଶ୍ରୀମାନ୍ ରାଜକିଶୋର ସାହୁ | ରାୟଗଡ଼ା | ୧୪ | ୨୮ |
| ଶ୍ରୀମାନ୍ ଖଗେଶ୍ୱର ଗୌଡ଼ | ସୁନ୍ଦରଗଡ଼ | ୧୪ | ୦୦ |
| ଶ୍ରୀମାନ୍ ଗୌରଚନ୍ଦ୍ର ଦାସ | ଖୋର୍ଦ୍ଧା | ୧୩ | ୧୩ |
| ଡକ୍ଟର ଲଳିତ ମଞ୍ଜରୀ ଦାସ | ଖୋର୍ଦ୍ଧା | ୧୩ | ୦୬ |
| ଶ୍ରୀମାନ୍ ସୋମଦତ୍ତ ଶାସ୍ତ୍ରୀ | ସମ୍ବଲପୁର | ୧୨ | ୧୩ |
| ଶ୍ରୀମାନ୍ ହୃଷିକେଶ ନାଥ | ବଲାଙ୍ଗିର | ୧୨ | ୦୮ |
| ଶ୍ରୀମତୀ ପୁଷ୍ପାଞ୍ଜଳି ପାତ୍ର | ଖୋର୍ଦ୍ଧା | ୧୨ | ୦୬ |
| ଶ୍ରୀମାନ୍ ପବିତ୍ର କୁମାର ଘଡ଼ାଇ | ଅନୁଗୁଳ | ୧୨ | ୦୦ |
| ଶ୍ରୀମାନ୍ ପୀତବାସ ଦଳେଇ | ସୁନ୍ଦରଗଡ଼ | ୧୧ | ୪୧ |
| ଶ୍ରୀମାନ୍ ଶ୍ରୀକାନ୍ତ ଷଡ଼ଙ୍ଗୀ | ସୁନ୍ଦରଗଡ଼ | ୧୧ | ୩୫ |
| ଇଂ. ପ୍ରିୟଦର୍ଶୀ ଦାସ | ଗଞ୍ଜାମ | ୧୧ | ୧୮ |
| ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଛତ୍ରପୁର | | ୧୧ | ୧୦ |
| ଶ୍ରୀମାନ୍ ମନୋରଂଜନ ଖମାରି | ବରଗଡ଼ | ୧୧ | ୦୨ |
| ଶ୍ରୀମାନ୍ ଶିବ ପ୍ରସାଦ ପରିଡ଼ା | ଝାରସୁଗୁଡ଼ା | ୧୧ | ୦୦ |
| ଶ୍ରୀମାନ୍ ଗୋପାଳକୃଷ୍ଣ ପାଟଖଣ୍ଡାଳ | ରାୟଗଡ଼ା | ୧୧ | ୦୦ |
| ଶ୍ରୀମାନ୍ ସନ୍ତୋଷ କୁମାର ପଣ୍ଡା | ସୁନ୍ଦରଗଡ଼ | ୧୦ | ୪୯ |
| ଶ୍ରୀମାନ୍ ଭାସ୍କର ପ୍ରଧାନ | ସୁରତ | ୧୦ | ୩୭ |
| ଶ୍ରୀମାନ୍ ପ୍ରକାଶ କୁମାର ନାୟକ | କୋରାପୁଟ | ୧୦ | ୦୬ |
| ଶ୍ରୀମାନ୍ ହରମୋହନ ସାହୁ | କଟକ | ୧୦ | ୦୧ |
| ଶ୍ରୀମାନ୍ ଇ. ବାବୁଲା | ଗଞ୍ଜାମ | ୧୦ | ୦୦ |
| ଶ୍ରୀମାନ୍ ମୁରଲୀଧର ମିଶ୍ର | ସୁନ୍ଦରଗଡ଼ | ୧୦ | ୦୦ |
| ଆର୍ଯ୍ୟସମାଜ, ସିମିଳିଗୁଡ଼ା | | ୧୦ | ୦୦ |
| ଇଂ. ଇ. କୁମାର ସ୍ୱାମୀ | ଖୋର୍ଦ୍ଧା | ୦୯ | ୦୬ |
| ଶ୍ରୀମାନ୍ ଦ୍ୱିଜେନ୍ଦ୍ର କୁମାର ସାହୁ | ବଲାଙ୍ଗିର | ୦୯ | ୦୫ |
| ଡାକ୍ତର ସୁକାନ୍ତି ଦାସ | ବାଲେଶ୍ୱର | ୦୯ | ୦୦ |
| ଶ୍ରୀମାନ୍ ରାଜେନ୍ଦ୍ରନାଥ ପରିଡ଼ା | ଗଞ୍ଜାମ | ୦୯ | ୦୦ |
| ଶ୍ରୀମାନ୍ ରମେଶ ଚନ୍ଦ୍ର ସେଠୀ | ସୁନ୍ଦରଗଡ଼ | ୦୯ | ୦୦ |
| ଶ୍ରୀମାନ୍ ବିଷ୍ଣୁ ପ୍ରସାଦ ମୁନି | ଗଞ୍ଜାମ | ୦୮ | ୭୨ |
| ଶ୍ରୀମାନ୍ ଯୋଗେଶ୍ୱର ପଣ୍ଡା | ବୌଦ୍ଧ | ୦୮ | ୨୭ |

| ନାମ | ଜିଲ୍ଲା | ଆଜୀବନ | ବାର୍ଷିକ |
|---|---|---|---|
| ଶ୍ରୀମାନ୍ ଟି. ଭେଙ୍କଟ ରାଓ | ଗଞ୍ଜାମ | ୦୮ | ୧୩ |
| ଶ୍ରୀମତୀ ରଶ୍ମିରେଖା ନାୟକ | ବରଗଡ଼ | ୦୮ | ୦୩ |
| ଶ୍ରୀମାନ୍ ସଞ୍ଜୟ କୁମାର ଷଡ଼ଙ୍ଗୀ | ସମ୍ବଲପୁର | ୦୭ | ୩୯ |
| ଡାକ୍ତର ଆଦିତ୍ୟ କୁମାର ପଣ୍ଡା | ମୟୂରଭଞ୍ଜ | ୦୭ | ୧୫ |
| ଶ୍ରୀମାନ୍ ଲୋକନାଥ ପ୍ରଧାନ | ସୁନ୍ଦରଗଡ଼ | ୦୭ | ୦୧ |
| ଶ୍ରୀମାନ୍ ପ୍ରମୋଦ କୁମାର ମହାନ୍ତି | ଗଞ୍ଜାମ | ୦୭ | ୦୧ |
| ଡକ୍ଟର ଉଷା ପାଢ଼ୀ | ଗଞ୍ଜାମ | ୦୭ | ୦୧ |
| ଶ୍ରୀମାନ୍ ଗୋପବନ୍ଧୁ ସାହୁ | ଗଞ୍ଜାମ | ୦୬ | ୩୬ |
| ଶ୍ରୀମାନ୍ ସୁବୋଧ କୁମାର ବେହେରା | ରାୟଗଡ଼ା | ୦୬ | ୨୦ |
| ଶ୍ରୀମାନ୍ କଂଗ୍ରେସ ସାହୁ | ବରଗଡ଼ | ୦୬ | ୧୪ |
| ଶ୍ରୀମତୀ ସରିତା ବେହେରା | ସମ୍ବଲପୁର | ୦୬ | ୧୨ |
| ଶ୍ରୀମାନ୍ ଅଜିତ୍ କୁମାର ପଣ୍ଡା | ଗଞ୍ଜାମ | ୦୬ | ୧୧ |
| ଇଂ. ପ୍ରଦୀପ କୁମାର ତ୍ରିପାଠୀ | ଗଞ୍ଜାମ | ୦୬ | ୦୪ |
| ଡକ୍ଟର ରୁଦ୍ର ପ୍ରସନ୍ନ ମହାପାତ୍ର | ଗଞ୍ଜାମ | ୦୬ | ୦୪ |
| ଶ୍ରୀମାନ୍ ବାଲ୍ମୀକି ପଟ୍ଟନାୟକ | ଖୋର୍ଦ୍ଧା | ୦୬ | ୦୧ |
| ଶ୍ରୀମତୀ ବୀଣାପାଣି ପଣ୍ଡା | ଭଦ୍ରକ | ୦୬ | ୦୧ |
| ଶ୍ରୀମତୀ ଭି. କମଳା ଦେବୀ | ଗଞ୍ଜାମ | ୦୬ | ୦୦ |
| ଶ୍ରୀମାନ୍ ଦିଲ୍ଲୀପ କୁମାର ପଟ୍ଟନାୟକ | ସୁନ୍ଦରଗଡ଼ | ୦୬ | ୦୦ |
| ଶ୍ରୀମତୀ ପ୍ରତିମା ପଟ୍ଟନାୟକ | ସୁନ୍ଦରଗଡ଼ | ୦୬ | ୦୦ |
| ଶ୍ରୀମତୀ କଳ୍ପନା ବେହେରା | ବରଗଡ଼ | ୦୬ | ୦୦ |
| ଶ୍ରୀମାନ୍ ଶ୍ରୀକାନ୍ତ କୁମାର ପାଣି | ଅନୁଗୁଳ | ୦୫ | ୩୭ |
| ଶ୍ରୀମାନ୍ ବିଜୟ କୁମାର ବେହେରା | ସୁନ୍ଦରଗଡ଼ | ୦୫ | ୩୫ |
| ଡଃ. ନନ୍ଦକିଶୋର ମହାକୁଡ଼ | ଅନୁଗୁଳ | ୦୫ | ୩୪ |
| ଶ୍ରୀମାନ୍ ଦାମୋଦର ପଣ୍ଡା | ମାଲକାନଗିରି | ୦୫ | ୧୭ |
| ଶ୍ରୀମାନ୍ ନୃସିଂହ ଚରଣ ସ୍ୱାଇଁ | ଖୋର୍ଦ୍ଧା | ୦୫ | ୧୭ |
| ଶ୍ରୀମତୀ ମମତା ମହାପାତ୍ର | କଟକ | ୦୫ | ୦୯ |
| ଶ୍ରୀମତୀ ମମତା ଦାସ | ଗଞ୍ଜାମ | ୦୫ | ୦୮ |
| ଶ୍ରୀମାନ୍ ଅରୂପାନନ୍ଦ ପାଣିଗ୍ରାହୀ | ଗଞ୍ଜାମ | ୦୫ | ୦୭ |
| ଇଂ. ଅଭିମନ୍ୟୁ ମହାରଣା | | ୦୫ | ୦୫ |
| ଶ୍ରୀମାନ୍ ଅମୂଲ୍ୟ ଦୋରା | ଗଞ୍ଜାମ | ୦୫ | ୦୪ |
| ଶ୍ରୀମତୀ ମମତା ଶତପଥି | ଗଞ୍ଜାମ | ୦୫ | ୦୨ |
| ଶ୍ରୀମାନ୍ ଦୁଷ୍ମନ୍ତ କୁମାର ସାହୁ | ବଲାଙ୍ଗିର | ୦୫ | ୦୨ |
| ଶ୍ରୀମାନ୍ ଅଶୋକ କୁମାର ମେହେର | ବରଗଡ଼ | ୦୫ | ୦୨ |
| ଶ୍ରୀମାନ୍ ଗୋବିନ୍ଦ ଚନ୍ଦ୍ର ମହାରଣା | ଗଞ୍ଜାମ | ୦୫ | ୦୧ |
| ଇଂ. ସନ୍ତୋଷ କୁମାର ଗୌଡ଼ | ଗଞ୍ଜାମ | ୦୫ | ୦୦ |
| ଶ୍ରୀମତୀ ଲକ୍ଷ୍ମୀ ପଣ୍ଡା | ଖୋର୍ଦ୍ଧା | ୦୫ | ୦୦ |
| ଇଂ. ବିପିନ ବିହାରୀ ଦୀକ୍ଷିତ | ଗଞ୍ଜାମ | ୦୫ | ୦୦ |
| ଶ୍ରୀମାନ୍ ନିରଞ୍ଜନ ମଲ୍ଲିକ | ଝାରସୁଗୁଡ଼ା | ୦୫ | ୦୦ |
| ଶ୍ରୀମତୀ ଆରତୀବାଳା ପ୍ରଧାନ | ଗଞ୍ଜାମ | ୦୫ | ୦୦ |
| ଶ୍ରୀମାନ୍ ଅରୁଣ ନାୟକ | ସୁନ୍ଦରଗଡ଼ | ୦୪ | ୪୬ |
| ଶ୍ରୀମାନ୍ ବୈଦ୍ୟନାଥ ଜାଲ | ବୌଦ୍ଧ | ୦୪ | ୨୧ |
| ସୁଶ୍ରୀ ରାଜଲକ୍ଷ୍ମୀ ସାହୁ | ଗଞ୍ଜାମ | ୦୪ | ୧୫ |
| ବେଦ ପ୍ରଚାର ସମିତି, ସୁବର୍ଣ୍ଣପୁର | | ୦୪ | ୧୩ |
| ଶ୍ରୀମାନ୍ ରବୀନ୍ଦ୍ର କୁମାର ମହାପାତ୍ର | କଟକ | ୦୪ | ୧୨ |
| ଡାକ୍ତର ଯଦୁମଣି ନାୟକ | ବରଗଡ଼ | ୦୪ | ୦୬ |
| ଶ୍ରୀମାନ୍ ସଙ୍କର୍ଷଣ ସାହୁ | ରାୟଗଡ଼ା | ୦୪ | ୦୪ |
| ଶ୍ରୀମାନ୍ ଅରୁଣ କୁମାର ସେଠୀ | ଖୋର୍ଦ୍ଧା | ୦୪ | ୦୪ |
| ଶ୍ରୀମାନ୍ ନୃସିଂହ ଚରଣ ମହାପାତ୍ର | | ୦୪ | ୦୨ |
| ଶ୍ରୀମତୀ ସାରଦା ବିଷୋୟୀ | ଗଞ୍ଜାମ | ୦୪ | ୦୨ |
| ଶ୍ରୀମତୀ ଦୀପ୍ତିରାଣୀ ମହାନ୍ତି | ଗଞ୍ଜାମ | ୦୪ | ୦୨ |
| ବେଦ ପ୍ରଚାର ସମିତି, ଚିକିଟି | | ୦୪ | ୦୧ |
| ଡାକ୍ତର ସୁବଳ କୁମାର ନାୟକ | ସମ୍ବଲପୁର | ୦୪ | ୦୦ |
| ଇଂ. ସୁଧାକର ପତ୍ରୀ | ଖୋର୍ଦ୍ଧା | ୦୪ | ୦୦ |
| ଡକ୍ଟର ନୃପରାଜ ସାହୁ | ଖୋର୍ଦ୍ଧା | ୦୪ | ୦୦ |
| ଶ୍ରୀମାନ୍ ନବୀନ କୁମାର ପଟେଲ | ସମ୍ବଲପୁର | ୦୪ | ୦୦ |
| ଶ୍ରୀମାନ୍ ବିଜୟ କୁମାର ପରିଡ଼ା | ରାଉରକେଲା | ୦୪ | ୦୦ |
| ଶ୍ରୀମାନ୍ ରୁଦ୍ରନାରାୟଣ ସାହୁ | ସମ୍ବଲପୁର | ୦୪ | ୦୦ |
| ଇଂ. ବିଜୟ କୁମାର ସାହୁ | ଗଞ୍ଜାମ | ୦୪ | ୦୦ |
| ଇଂ. କାଳୁଚରଣ ବେହେରା | କଟକ | ୦୪ | ୦୦ |
| ଶ୍ରୀମାନ୍ ଗଣେଶ ବାରିକ | ସୁନ୍ଦରଗଡ଼ | ୦୩ | ୩୬ |
| ବେଦ ପ୍ରଚାର ସମିତି, ବରଗଡ଼ | | ୦୩ | ୧୬ |
| ଶ୍ରୀମତୀ ନର୍ମଦା ପାତ୍ର | ଖୋର୍ଦ୍ଧା | ୦୩ | ୧୩ |
| ଶ୍ରୀମାନ୍ ଲକ୍ଷ୍ମଣ ମହାନ୍ତି | କୋରାପୁଟ | ୦୩ | ୧୫ |
| ଶ୍ରୀମତୀ ପ୍ରଜ୍ଞା ପଟ୍ଟନାୟକ | ଖୋର୍ଦ୍ଧା | ୦୩ | ୦୯ |
| ଶ୍ରୀମାନ୍ ବିରଞ୍ଚି ନାରାୟଣ ଆର୍ଯ୍ୟ | ସୁବର୍ଣ୍ଣପୁର | ୦୩ | ୦୫ |
| ଶ୍ରୀମତୀ ଟି. ବବିତା | ଗଞ୍ଜାମ | ୦୩ | ୦୩ |
| ଶ୍ରୀମାନ୍ ବିଭୂତି ଭୂଷଣ ସାହୁ | ଅନୁଗୁଳ | ୦୩ | ୦୦ |

ପୃଷ୍ଠା :୩୧ ଦେଖନ୍ତୁ

# ସମାଚାର ସଂସାର

## ଶ୍ରୁତିନ୍ୟାସର ସଦସ୍ୟ ହୁଅନ୍ତୁ-ବେଦ ପ୍ରଚାରରେ ସହଯୋଗ କରନ୍ତୁ

ଓଡ଼ିଶାରେ ବେଦ ପ୍ରଚାର କାର୍ଯ୍ୟକୁ ବ୍ୟବସ୍ଥିତ ଓ ଯୋଜନାବଦ୍ଧ ରୂପେ ଗତିଶୀଳ କରିବା ପାଇଁ ଶ୍ରୁତିନ୍ୟାସର ଟ୍ରଷ୍ଟି, ସଦସ୍ୟ ଓ ସହଯୋଗୀମାନଙ୍କୁ ନେଇ ବ୍ରହ୍ମପୁରରେ ଜୀବନ ନିର୍ମାଣ ଶିବିର ଅବସରରେ ଅକ୍ଟୋବର ୨୦୧୬ରେ ନ୍ୟାସର ଅଧ୍ୟକ୍ଷ ପୂଜ୍ୟ ସ୍ୱାମୀ ସୁଧାନନ୍ଦ ସରସ୍ୱତୀଙ୍କ ଅଧ୍ୟକ୍ଷତାରେ ଏକ ବିଶେଷ ବୈଠକ ସମ୍ପନ୍ନ ହୋଇଯାଇଛି। ବୈଠକରେ ଗତ ବର୍ଷର ନ୍ୟାସର କାର୍ଯ୍ୟ ସମୀକ୍ଷା କରାଯିବା ସହ ଆସନ୍ତା ବର୍ଷ ପାଇଁ କାର୍ଯ୍ୟ ଯୋଜନା ଗ୍ରହଣ କରାଯାଇଛି।

ବେଦ ପ୍ରଚାରକୁ ଅଧିକ ଗତିବାନ୍ କରିବା ପାଇଁ ଏକ 'ବୈଦିକ ଧର୍ମ ପ୍ରସାର ନିଧି' ସ୍ଥାପନ ପାଇଁ ନିଷ୍ପତ୍ତି ନିଆଗଲା। ଶ୍ରୁତିନ୍ୟାସର ବେଦ ପ୍ରଚାର କାର୍ଯ୍ୟରେ ପ୍ରଭାବିତ ହୋଇ ବହୁ ବ୍ୟକ୍ତି ଶ୍ରୁତିନ୍ୟାସ ସହ ସହଯୋଗ କରି ଓଡ଼ିଶାରେ ବେଦ ପ୍ରଚାର କାର୍ଯ୍ୟକୁ ପ୍ରଗତି ପଥରେ ଆଗେଇ ନେବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ସେମାନେ ଅନେକ ସମୟରେ ଏ ଦିଗରେ କ'ଣ ସହଯୋଗ କରିପାରିବେ ସେ ଉପାୟ ଉପାୟ ବିଷୟରେ ଜିଜ୍ଞାସା ଉପସ୍ଥାପନ କରୁଛନ୍ତି। ଏଣୁ ସେଭଳି ଶ୍ରଦ୍ଧାଳୁ ବେଦପ୍ରେମୀମାନଙ୍କୁ ଶ୍ରୁତିନ୍ୟାସର ବିବିଧ ସଦସ୍ୟତା ଯୋଜନାରେ ନ୍ୟାସର ଅନ୍ତର୍ଭୁକ୍ତ କରି ବେଦ ପ୍ରଚାର କାର୍ଯ୍ୟକୁ ଆହୁରି ବ୍ୟାପକ କରାଯିବା ପାଇଁ ସଦସ୍ୟତା ଯୋଜନା ବ୍ୟାପକ କରିବାକୁ ସ୍ଥିର କରାଗଲା। ଏଣୁ ଶ୍ରଦ୍ଧାଳୁ ବେଦ ପ୍ରେମୀମାନଙ୍କୁ ବିନମ୍ର ନିବେଦନ ସେମାନେ କୌଣସି ଏକ ସଦସ୍ୟତା ଗ୍ରହଣ କରି ବେଦ ପ୍ରଚାର ପୁଣ୍ୟର ଭାଗୀ ହୁଅନ୍ତୁ। ଶାସ୍ତ୍ରରେ କୁହାଯାଇଛି- **'ସର୍ବେଷାମେବଦାନାନଂ ବ୍ରହ୍ମଦାନଂ ବିଶିଷ୍ୟତେ'**(ମନୁ)- ବେଦ ପ୍ରଚାର ପାଇଁ ଦାନ ଦେବା ସବୁଠୁ ପବିତ୍ର ଦାନ। ନିମ୍ନମତେ ଆର୍ଥିକ ସହଯୋଗ ପ୍ରଦାନ ପୂର୍ବକ ବେଦ ପ୍ରେମୀମାନେ ଶ୍ରୁତିନ୍ୟାସର ସଦସ୍ୟ ହୋଇପାରିବେ।

**ସଦସ୍ୟତା ଯୋଜନା**

ବୈଦିକ ଧର୍ମ ପ୍ରସାରକ - ମାସିକ ୧୦୦/- ବା ତଦୁର୍ଦ୍ଧ୍ୱ
ସହଯୋଗୀ ସଦସ୍ୟ - ୫,୦୦୦/- ବା ତଦୁର୍ଦ୍ଧ୍ୱ
ସକ୍ରିୟ ସଦସ୍ୟ - ୧୫,୦୦୦/- ବା ତଦୁର୍ଦ୍ଧ୍ୱ
ପ୍ରତିଷ୍ଠିତ ସଦସ୍ୟ - ୫୦,୦୦୦/- ବା ତଦୁର୍ଦ୍ଧ୍ୱ
ଆଜୀବନ ସଦସ୍ୟ - ୧,୦୦୦,୦୦ ବା ତଦୁର୍ଦ୍ଧ୍ୱ

୧. ଯେଉଁମାନେ କୌଣସି ଏକ ସଦସ୍ୟ ରୂପେ ବେଦ ପ୍ରଚାର କାର୍ଯ୍ୟରେ ସହଯୋଗ ପ୍ରଦାନ କରିବାକୁ ଚାହାଁନ୍ତି ସେମାନେ ସମ୍ପାଦକଙ୍କ ସହ ଯୋଗାଯୋଗ କରନ୍ତୁ।

**ସମ୍ପାଦକ**
ମୋ : ୯୮୬୧୩୩୫୩୨୧, ୮୯୦୮୦୦୫୧୦୫

### ଅଦ୍ୟାବଧି ନିମ୍ନ ବ୍ୟକ୍ତିମାନେ ଶ୍ରୁତିନ୍ୟାସର ସଦସ୍ୟତା ଗ୍ରହଣ କରିଛନ୍ତି-

| କ୍ର. | ନାମ | ଠିକଣା | କ୍ର. | ନାମ | ଠିକଣା |
|---|---|---|---|---|---|
| **ଆଜୀବନ ସଦସ୍ୟ** | | | ୩. | ଶ୍ରୀମାନ୍ ଦୁଷ୍ମନ୍ତ କିଶୋର ସ୍ୱାଇଁ | କଟକ |
| ୧. | ଡି. ନାଗେଶ୍ୱର ପାତ୍ର | ଭୁବନେଶ୍ୱର | ୪. | ସୁଶ୍ରୀ ଶୁଭଶ୍ରୀ ମହାପାତ୍ର | ବାଲେଶ୍ୱର |
| **ପ୍ରତିଷ୍ଠିତ ସଦସ୍ୟ** | | | ୫. | ଶ୍ରୀମାନ୍ ଅରୁଣ କୁମାର ସେଠୀ | ରାଉରକେଲା |
| ୧. | ଶ୍ରୀମାନ୍ ତ୍ରିନାଥ ପଣ୍ଡା | ବ୍ରହ୍ମପୁର | ୬. | ନବଚେତନା ସ୍ୱାଭିମାନ ଫାଉଣ୍ଡେସନ୍ | ଅହମଦାବାଦ |
| ୨. | ଡାକ୍ତର ସୁକାନ୍ତି ଦାସ | ବାଲେଶ୍ୱର | ୭. | ଶ୍ରୀମାନ୍ ଗୁରୁନାଥ ନାୟକ | ବ୍ରହ୍ମପୁର |

| କ୍ର. | ନାମ | ଠିକଣା | କ୍ର. | ନାମ | ଠିକଣା |
|---|---|---|---|---|---|

**ସକ୍ରିୟ ସଦସ୍ୟ**

| | | |
|---|---|---|
| ୧. | ଶ୍ରୀମାନ୍ ବିଜୟ କୁମାର ବେହେରା | ରାଉରକେଲା |
| ୨. | ଶ୍ରୀମତୀ ସ୍ନେହଲତା ବେହେରା | ରାଉରକେଲା |
| ୩. | ଶ୍ରୀମାନ୍ ରଞ୍ଜିତ କୁମାର ନାୟକ | ରାଉରକେଲା |
| ୪. | ଶ୍ରୀମାନ୍ ପ୍ରଦୀପ କୁମାର ପାଣିଗ୍ରାହୀ | ରାଉରକେଲା |
| ୫. | ଶ୍ରୀମତୀ ଗାୟତ୍ରୀ ପାଣିଗ୍ରାହୀ | ରାଉରକେଲା |
| ୬. | ଶ୍ରୀମାନ୍ ପୀତବାସ ଦଳେଇ | ରାଉରକେଲା |
| ୭. | ଶ୍ରୀମାନ୍ ପ୍ରଫୁଲ୍ଲ ଚନ୍ଦ୍ର ବାଡ଼ତ୍ୟା | ରାଉରକେଲା |
| ୮. | ଶ୍ରୀମତୀ ସୁନୀତା ସ୍ୱାଇଁ | ରାଉରକେଲା |
| ୯. | ଶ୍ରୀମାନ୍ ରମେଶ ଚନ୍ଦ୍ର ପାତ୍ର | ରାଉରକେଲା |
| ୧୦. | ଶ୍ରୀମତୀ ରାସେଶ୍ୱରୀ ଦେଇ | ରାଉରକେଲା |
| ୧୧. | ଶ୍ରୀମାନ୍ ଶ୍ରୀକାନ୍ତ ଷଡ଼ଙ୍ଗୀ | ରାଉରକେଲା |
| ୧୨. | ଶ୍ରୀମାନ୍ ନବଘନ ପ୍ରଧାନ | ରାଉରକେଲା |
| ୧୩. | ଶ୍ରୀମତୀ ସାବିତ୍ରୀ ପଣ୍ଡା | ରାଉରକେଲା |
| ୧୪. | ଶ୍ରୀମାନ୍ ଦିବାକର ବାରିକ | ରାଉରକେଲା |
| ୧୫. | ଶ୍ରୀମତୀ ବାସନ୍ତୀ ମିଶ୍ର | ଭୁବନେଶ୍ୱର |
| ୧୬. | ଶ୍ରୀମତୀ ନର୍ମଦା ପାତ୍ର | ଭୁବନେଶ୍ୱର |
| ୧୭. | ଶ୍ରୀମତୀ ପ୍ରତିଭା ଦାସ | ଭୁବନେଶ୍ୱର |
| ୧୮. | ଶ୍ରୀମାନ୍ ନିମାଇଁ ଚରଣ ସ୍ୱାଇଁ | ଭୁବନେଶ୍ୱର |
| ୧୯. | ଶ୍ରୀମତୀ ପୁଷ୍ପାଞ୍ଜଳି ଦେବୀ | ଭୁବନେଶ୍ୱର |
| ୨୦. | ଶ୍ରୀମାନ୍ କୃଷ୍ଣଚନ୍ଦ୍ର ପ୍ରଧାନ | ଜଟଣୀ |
| ୨୧. | ଶ୍ରୀମାନ୍ ପଙ୍କଜ ମେହେର | ସୋନପୁର |
| ୨୨. | ଶ୍ରୀମାନ୍ ଆନନ୍ଦ ସାମନ୍ତରାୟ | ଟିଟିଲାଗଡ |
| ୨୩. | ଶ୍ରୀମତୀ ଟି. ସବିତା ପାତ୍ର | ମୁମ୍ବାଇ |
| ୨୪. | ଶ୍ରୀମାନ୍ ମହେନ୍ଦ୍ର ଦାସ | ଅହମ୍ମଦାବାଦ |
| ୨୫. | ଶ୍ରୀମାନ୍ ରାଜକିଶୋର ବେହୁରା | ତିର୍ତ୍ତୋଲ |
| ୨୬. | ଶ୍ରୀମାନ୍ ସୁନୀଲ କୁମାର ଗରିଆ | ସୋନପୁର |
| ୨୭. | ଶ୍ରୀମାନ୍ ନୀହାର ରଞ୍ଜନ ଭୂୟାଁ | ଜାମସେଦପୁର |
| ୨୮. | ଇଂ. କାଳୁଚରଣ ବେହେରା | କଟକ |
| ୨୯. | ପ୍ରଫେସର୍ ଶରତ ଚନ୍ଦ୍ର ସେନାପତି | କଟକ |
| ୩୦. | ଇଂ. ନାରାୟଣ ପଣ୍ଡା | ବ୍ରହ୍ମପୁର |
| ୩୧. | ଶ୍ରୀମତୀ ଇତିଶ୍ରୀ ପାତ୍ର | ବ୍ରହ୍ମପୁର |
| ୩୨. | ଶ୍ରୀମତୀ ପ୍ରଜ୍ଞା ପଟ୍ଟନାୟକ | ଭୁବନେଶ୍ୱର |

ପ୍ରତି ଜିଲ୍ଲାରେ ଅନ୍ୟୂନ ପକ୍ଷେ ଗୋଟିଏ ଜିଲ୍ଲାସ୍ତରୀୟ ବେଦ ପ୍ରଚାର ସମିତି ଗଠନ କରାଯିବା ପାଇଁ ସ୍ଥିର କରାଗଲା। ଶ୍ରୁତିନ୍ୟାସର ମାର୍ଗଦର୍ଶନରେ ବେଦ ପ୍ରଚାର କାର୍ଯ୍ୟକୁ ଓଡ଼ିଶା ପ୍ରଦେଶର ସବୁଆଡ଼େ ବ୍ୟବସ୍ଥିତ ରୂପେ କରାଯିବା ପାଇଁ ନିମ୍ନମତେ ଦାୟିତ୍ୱ ବଣ୍ଟନ କରାଗଲା —

### ବେଦ ପ୍ରଚାର ସମିତି, ସୁନ୍ଦରଗଡ଼ ଜିଲ୍ଲା

| | | |
|---|---|---|
| ସଭାପତି | : | ଶ୍ରୀମାନ୍ ପଦ୍ମନାଭ ସ୍ୱାଇଁ |
| ଉପସଭାପତି | : | ଶ୍ରୀମତୀ ରାସେଶ୍ୱରୀ ଦେଇ |
| ସଂପାଦକ | : | ଶ୍ରୀମାନ୍ ସନ୍ତୋଷ କୁମାର ପଣ୍ଡା |
| ସହ ସମ୍ପାଦକ | : | ଶ୍ରୀମାନ୍ ଗଣେଶ ବାରିକ |
| ପ୍ରଚାର ବିଭାଗ | : | ଶ୍ରୀମାନ୍ ପ୍ରଦୀପ କୁମାର ପାଣିଗ୍ରାହୀ |
| | | ଶ୍ରୀମାନ୍ ରଞ୍ଜିତ କୁମାର ନାୟକ |
| | | ଶ୍ରୀମାନ୍ ବିଜୟ କୁମାର ବେହେରା |
| | | ଶ୍ରୀମାନ୍ ଶ୍ରୀକାନ୍ତ ଷଡ଼ଙ୍ଗୀ |
| | | ଶ୍ରୀମାନ୍ ଦିବାକର ବାରିକ |
| | | ଶ୍ରୀମାନ୍ ଅରୁଣ ନାୟକ |
| | | ଶ୍ରୀମାନ୍ ପୀତବାସ ଦଳେଇ |
| | | ଶ୍ରୀମାନ୍ ଅରୁଣ କୁମାର ସେଠୀ |

### ବେଦ ପ୍ରଚାର ସମିତି, ବଲାଙ୍ଗିର ଜିଲ୍ଲା

| | | |
|---|---|---|
| ସଭାପତି | : | ଶ୍ରୀମାନ୍ ଆନନ୍ଦ ସାମନ୍ତରାୟ |
| ଉପସଭାପତି | : | ଶ୍ରୀମାନ୍ ନାରାୟଣ ଲୁହା |
| ସଂପାଦକ | : | ଶ୍ରୀମାନ୍ ଦ୍ୱିଜେନ୍ଦ୍ର କୁମାର ସାହୁ |
| ସହ ସମ୍ପାଦକ | : | ଶ୍ରୀମାନ୍ ହୃଷିକେଶ ନାଥ |
| ପ୍ରଚାର ବିଭାଗ | : | ଶ୍ରୀମାନ୍ ସଞ୍ଜୟ କୁମାର ସାହୁ |
| | | ଶ୍ରୀମାନ୍ ବିରଞ୍ଚି ନାରାୟଣ ମେହେର |
| | | ଶ୍ରୀମାନ୍ ଦୁଷ୍ମନ୍ତ କୁମାର ସାହୁ |
| | | ଶ୍ରୀମାନ୍ ନିର୍ମଳ କୁମାର ବିଶ୍ୱାଳ |
| | | ଶ୍ରୀମାନ୍ ପଦ୍ମଲୋଚନ ତାଣ୍ଡି |
| | | ଶ୍ରୀମାନ୍ ମହେଶ୍ୱର ନିଆଳ |

❖❖❖





ଶ୍ରୀବତ୍ସ ଗୋରକ୍ଷାଶ୍ରମ ପକ୍ଷରୁ ଭଞ୍ଜନଗରରେ ସ୍ୱାମୀଜୀଙ୍କ ବେଦ ପ୍ରବଚନର ଆୟୋଜକବୃନ୍ଦ




ପଦ୍ମନାଭପୁରର ସରସ୍ୱତୀ ବିଦ୍ୟାମନ୍ଦିରର
ବାର୍ଷିକୋତ୍ସବରେ ସ୍ୱାମୀଜୀଙ୍କ ଉଦ୍‌ବୋଧନ



ବିଦ୍ୟାମନ୍ଦିର ପକ୍ଷରୁ ସ୍ୱାମୀଜୀଙ୍କ ସ୍ୱାଗତ
ଉପଲକ୍ଷେ ଶୋଭାଯାତ୍ରା





ପଦ୍ମନାଭପୁରର ସରସ୍ୱତୀ ବିଦ୍ୟାମନ୍ଦିରର ପୁରାତନ ଛାତ୍ରଛାତ୍ରୀଗଣ





ଓ.ଏସ୍.ଏ.ପି. ୪ର୍ଥ ବାଟାଲିୟନ୍ ପକ୍ଷରୁ ରାଉରକେଲାରେ ବୈଦିକ ସଂସ୍କୃତି ଆଲୋଚନା

RNI Regn. No. : ODIODI/2015/65938

₹ 20/- Shruti Sourabha Vol. 2 Issue 2 Jan.-Feb. 2017





କଟକ ବେଦ ପ୍ରଚାର ସମିତି ପକ୍ଷରୁ ମହାନଦୀ ବିହାର ଜଗନ୍ନାଥ ମନ୍ଦିରରେ ସ୍ୱାମୀଜୀଙ୍କ ବେଦ ପ୍ରବଚନ



ଜଷ୍ଟିସ୍ ଅନନ୍ତ ସୂର୍ଯ୍ୟନାରାୟଣ ନାଇଡୁଙ୍କୁ ସମିତି
ପକ୍ଷରୁ ସମ୍ବର୍ଦ୍ଧନା ଦେଉଛନ୍ତି ଦୁଷ୍ମନ୍ତ ସ୍ୱାଇଁ



କାର୍ଯ୍ୟକ୍ରମରେ ମଞ୍ଚାସୀନ ସ୍ୱାମୀଜୀ ଓ
ବିନୟ ଆର୍ଯ୍ୟ (ସାର୍ବଦେଶିକ ସଭା, ଦିଲ୍ଲୀ)

# Shruti Sourabha

**Spiritual Social Vedic Magazine**
**Bi-Monthly**

**Editor**
**Shruti Sourabha**
Qrs. No. - F/22, Sector - 18
Rourkela - 3, Sundargarh
Odisha - 769003
Mob. : 9861335321

Printed and Published by Swami Sudhananda Saraswati on behalf of "Shrutinyasa"
Printed at : Global Printers, A/19, Rasulgarh Industrial Estate, Bhubaneswar-751010
Published at : Shrutinyasa, HIG-VII-152, PO - Sailashree Vihar, Bhubaneswar - 751021
**Editor : Padmanabha Swain**